ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
# THE DINALIPI

- Vol.- 46, Issue No. 202
- Saturday, 24 October 2026
- ଶନିବାର, ୨୪ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



Ministry of Home Affairs
Government of India

ରାଷ୍ଟ୍ରକୁ ଏକାଠି ରଖିଥିବା ବୀରମାନଙ୍କୁ ସଲାମ

CBC 19101/13/0017/2627

ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀକୁ ସଲାମ | ରାଷ୍ଟ୍ରୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତାନଗର, ଗୁଜରାଟ

ସଂହତିର ଅନେକ ରଙ୍ଗ ଗୋଟିଏ ସ୍ଥାନରେ ଦେଖନ୍ତୁ | ଭାରତ ପର୍ବ
୧ରୁ ୧୫ ନଭେମ୍ବର, ୨୦୨୬
ଏକତାନଗର, ଗୁଜରାଟ

Rashtriya Ekta Diwas
31st OCTOBER, 2026

ସୂଚନା ଓ ରହଣୀ ବୁକ୍ ପାଇଁ ସ୍କାନ୍ କରନ୍ତୁ କିମ୍ବା ପରିଦର୍ଶନ କରନ୍ତୁ rashtriyaektadiwas.com



ଶ୍ରୀ ନରେନ୍ଦ୍ର ମୋଦି
ସମ୍ମାନନୀୟ ପ୍ରଧାନମନ୍ତ୍ରୀ




## ‘ଇଣ୍ଡିଆ କେମ୍-୨୦୨୬’ରେ ଯୋଗ ଦେଇ ଫେରିଲେ ମୁଖ୍ୟମନ୍ତ୍ରୀ

# ୫୪ ହଜାର କୋଟିର ଆସିବ ନିବେଶ



ଭୁବନେଶ୍ୱର, ୨୩।୧୦: ମୁମ୍ବାଇରେ ଅନୁଷ୍ଠିତ ‘ଇଣ୍ଡିଆ କେମ୍-୨୦୨୬’ ରେ ଓଡ଼ିଶା ଏକ ପ୍ରମୁଖ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ନିଜର ସ୍ଥିତିକୁ ଅଧିକ ସୁଦୃଢ଼ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇରୁ ଭୁବନେଶ୍ୱର ଫେରି ଏହା କହିଛନ୍ତି। ଅକ୍ଟୋବର ୨୨ ଏବଂ ୨୩ ତାରିଖ ଦୁଇଦିନ ଧରି ସମ୍ମିଳନୀରେ ଅଂଶଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଦଳ ଶୁକ୍ରବାର ଭୁବନେଶ୍ୱର ଫେରିଛନ୍ତି। ବିମାନବନ୍ଦରରେ ଗଣମାଧ୍ୟମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଯେ, ମୁମ୍ବାଇରେ ଆୟୋଜିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ୯ଟି ବୁଝାମଣା ପତ୍ର (ଏମଓୟୁ) ଏବଂ ୪ଟି ନିବେଶ ପ୍ରସ୍ତାବ ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ରାଜ୍ୟକୁ ମୋଟ ୫୩,୮୯୩.୫୧ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଏହି ପ୍ରସ୍ତାବଗୁଡ଼ିକ ଦ୍ୱାରା ୨୦,୨୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ସେ କହିଲେ ଯେ, ପୋସ୍କୋ ଇଣ୍ଡିଆ, ଜେଏସଡବ୍ଲ୍ୟୁ, ଏଲ୍ ଆଣ୍ଡ ଟି ସମେତ ଆମେରିକା ଏବଂ ୟୁରୋପୀୟ ସଂଘର ବିଭିନ୍ନ କମ୍ପାନୀର ପ୍ରତିନିଧି ତଥା ବ୍ୟାବସାୟିକ ନେତୃବୃନ୍ଦଙ୍କ ସହ ୨୫ଟି ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ‘ଏହି ଆଲୋଚନା ମାଧ୍ୟମରେ ଆମେ ସେମାନଙ୍କ ଆବଶ୍ୟକତା ଏବଂ ଓଡ଼ିଶାରେ ନିବେଶ କରିବାର ସୁଯୋଗ ସମ୍ପର୍କରେ ଅବଗତ ହେଲୁ। ବିଭିନ୍ନ ସମ୍ଭାବ୍ୟ ନିବେଶକଙ୍କ ସହ ଏକ ଭଲ ବୁଝାମଣା ସ୍ଥାପିତ ହୋଇଛି ଏବଂ ସେମାନେ ଓଡ଼ିଶାରେ ନିବେଶ କରିବାକୁ ଅତ୍ୟନ୍ତ ଆଗ୍ରହୀ ଅଛନ୍ତି।’ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ, ଆସନ୍ତା ବର୍ଷ ଓଡ଼ିଶାରେ ଏହି ସମ୍ମିଳନୀ ଆୟୋଜନ କରିବା ନେଇ ସେ କେନ୍ଦ୍ର ସରକାର ଏବଂ ଫିକି ସହ ଆଲୋଚନା କରିଥିଲେ ଏବଂ ଉଭୟ ପକ୍ଷରୁ ଏଥିପାଇଁ ସହମତି ମିଳିଛି। ସେ ଘୋଷଣା କରିଛନ୍ତି ‘ଆସନ୍ତା ବର୍ଷ ଅକ୍ଟୋବର ମାସରେ ’ଓଡ଼ିଶା କେମ୍-୨୦୨୭’ ଅନୁଷ୍ଠିତ ହେବ।’ କେନ୍ଦ୍ର ରାସାୟନିକ ଓ ସାର ମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ତାଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

## ଚାକିରି ଆଶାୟୀଙ୍କ ପାଇଁ ବଡ଼ ଆଶ୍ୱସ୍ତି
# ଓଡ଼ିଶା ପୋଲିସରେ ପୂରଣ ହେବ ୭୨୬୮ ପଦବି



ଭୁବନେଶ୍ୱର, ୨୩।୧୦: ଓଡ଼ିଶା ପୋଲିସରେ ଯୋଗଦେବା ପାଇଁ ଯୁବପିଢ଼ିଙ୍କ ପାଖରେ ବଡ଼ ସୁଯୋଗ ପହଞ୍ଚିଛି। କମ୍ବାଇଣ୍ଡ ୟୁନିଫର୍ମଡ୍ ସର୍ଭିସେସ୍ ମାଧ୍ୟମରେ ୭୨୬୮ ପଦବି ପୂରଣ ହେବ। ଏନେଇ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ୍ ସିଲେକ୍ସନ କମିସନ (ଓୟୁଏସ୍ଏସ୍ଏସ୍ସି) ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତି ଅନୁଯାୟୀ ଉପରୋକ୍ତ ପଦବିଗୁଡ଼ିକ ପାଇଁ ୨୦୨୬ ଅକ୍ଟୋବର ୨୩ ତାରିଖ ସନ୍ଧ୍ୟା ୫ଟାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ପୋଲିସ ଚାକିରି ପାଇଁ ପ୍ରସ୍ତୁତି ଜାରି ରଖିଥିବା ପ୍ରାର୍ଥୀମାନେ ୨୦୨୬ ନଭେମ୍ବର ୧୨ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଆବେଦନ କରିପାରିବେ। ତେବେ ଏହି ପଦବିଗୁଡ଼ିକର ଆବେଦନ ଶୁଳ୍କ ୨୦୨୬ ନଭେମ୍ବର ୧୩ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଦେୟ ଦେଇପାରିବେ। ଏହି ପ୍ରକ୍ରିୟା ଅନ୍‌ଲାଇନ୍ ମାଧ୍ୟମରେ କରାଯାଇଛି। ଅଧିକ ଜାଣିବା https://ousssc.odisha.gov.in ରେ ଲଗ୍‌ଇନ୍ କରିବାକୁ କୁହାଯାଇଛି। ସୂଚନାନୁଯାୟୀ ବିଜ୍ଞପ୍ତିରେ କନଷ୍ଟେବଳ (ସିଭିଲ): ୪,୨୧୯, କନଷ୍ଟେବଳ (ଯୋଗାଯୋଗ): ୩୦୦, କନଷ୍ଟେବଳ (ଓଆଇଏସଏଫ୍): ୨,୨୧୨, ଫାୟାର ଫାଇଟର: ୩୧, ଫାୟାରଫାଇଟର ଡ୍ରାଇଭର: ୬୨, ଡ୍ରାଇଭର ପିଏମ୍‌ଟି: ୧୫୪ ଓ ଟ୍ରାଫିକ କନଷ୍ଟେବଳ: ୪ଟି ପଦବୀ ରହିଛି।

## ସରକାରୀ ଖାତାକୁ ଫେରିଲା ୧୧ ଏକରରୁ ଅଧିକ ଜମି

ଭୁବନେଶ୍ୱର, ୨୩।୧୦: ବିଶ୍ୱପ୍ରସିଦ୍ଧ କୋଣାର୍କସ୍ଥିତ ‘ସୂର୍ଯ୍ୟ ମନ୍ଦିର’ ସମ୍ମୁଖରେ ୧୧ଏକରରୁ ଅଧିକ ଜମି ବିବାଦ ନେଇ ରାଜସ୍ୱ ପର୍ଷଦ ଐତିହାସିକ ରାୟ ଦେଇଛନ୍ତି। ୧୧୦କୋଟିରୁ ଅଧିକ ଟଙ୍କାର ମୂଲ୍ୟବାନ ଜମିକୁ ନେଇ ନିଷ୍ପତ୍ତି ହୋଇଛି। ତୁରନ୍ତ ସରକାରୀ ଖାତାକୁ ଜମି ଫେରାଇବାକୁ ବନ୍ଦୋବସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲ୍ଲାପାଳ ସରକାରଙ୍କ ଅନୁମୋଦନ ସହ ୨ଟି ରିଭିଜନ ମାମଲା ଦାଖଲ କରିଥିଲେ।୨୦୨୫ ମସିହାରେ ରାଜସ୍ୱ ପର୍ଷଦଙ୍କ ନିକଟରେ ମାମଲା ଦାୟର ହୋଇଥିଲା। ଏହି ମାମଲାର ଗୁରୁତ୍ୱକୁ ଉପଲବ୍ଧ କରି ପ୍ରାଥମିକତାରେ ବିଚାର କରିଥିଲେ ରାଜସ୍ୱ ପର୍ଷଦ ସଦସ୍ୟ। ପୁରୁଣା ହାତପଟା ଓ ରାଜସ୍ୱ ରେକର୍ଡର ବୈଧତା ଦୃଷ୍ଟିରୁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। ବନ୍ଦୋବସ୍ତ ଆୟୁକ୍ତଙ୍କ ୧୯୮୯ମସିହାର ଆଦେଶକୁ ରଦ୍ଦ କରାଯାଇଛି। ସରକାରୀ ଖାତାକୁ ଫେରିଛି ୧୧ ଏକରରୁ ଅଧିକ ଜମି। ୧୧୦ କୋଟି ଟଙ୍କାର ଜମି ଉପରୁ ହଟିଛି ଜବରଦଖଲ। ଜିଲ୍ଲା ପ୍ରଶାସନ ନାଲି ପତାକା ମାରି ଜମିକୁ ନିଜ ଦଖଲକୁ ନେଇଛି ।

## ପାରା ଏସୀୟ କ୍ରୀଡ଼ା-୨୦୨୬
# ସନ୍ଦୀପ, ହେନି ଜିତିଲେ ସ୍ୱର୍ଣ୍ଣ
### ପାରା ଆଥଲେଟିକ୍ସରେ ଭାରତକୁ ଦ୍ୱିଗୁଣ ସଫଳତା




ଆଇଚି-ନାଗୋୟା, ୨୩।୧୦: ପାରା ଏସୀୟ କ୍ରୀଡ଼ା-୨୦୨୬ରେ ଭାରତୀୟ ପାରା ଆଥଲେଟରେ ଚମତ୍କାର ପ୍ରଦର୍ଶନ କରି ବିଶ୍ୱ ରେକର୍ଡ ସହ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସନ୍ଦୀପ ପୁରୁଷ ୪୦୦ ମିଟର ଦୌଡ଼ରେ ବିଶ୍ୱ ରେକର୍ଡ ସ୍ଥାପନ କରିଥିବା ବେଳେ ହେନି ଜାଭେଲିନ୍ ଥ୍ରୋରେ ନୂଆ ବିଶ୍ୱ ରେକର୍ଡ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାବ୍ୟତୀତ ଅଜୟ କୁମାର ୪୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ଜିତିଛନ୍ତି। ପାରା ଟେବୁଲ୍ ଟେନିସରେ ଜେହାନ ଦୋରାବ ମଦାନ ଓ ଶୁଭମ ୱାଧୱା ମଧ୍ୟ କାଂସ୍ୟ ପଦକ ଜିତି ଭାରତର ପଦକ ସଂଖ୍ୟାରେ ଯୋଗଦାନ ଦେଇଛନ୍ତି। ପୁରୁଷ ୪୦୦ ମିଟର ଟି-୪୪ ବର୍ଗରେ ସନ୍ଦୀପ ୫୨.୨୮ ସେକେଣ୍ଡ ସମୟ ନେଇ ଦୌଡ଼ ଶେଷ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ସାଉଦି ଆରବର ନୂର ଅଲସାନା ରୌପ୍ୟ ପଦକ ହାସଲ କରିଥିଲେ। ଭାରତର ଅଜୟ କୁମାର ୫୩.୬୧ ସେକେଣ୍ଡରେ ଦୌଡ଼ ଶେଷ କରି କାଂସ୍ୟ ପଦକ ଜିତିଥିଲେ। ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍-୩୭ ବର୍ଗରେ ଭାରତର ହେନି ୬୦.୪୯ ମିଟର ଦୂରତାକୁ ଭାଲା ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।

## କୋଟିଆ ବିବାଦ
# ସୁପ୍ରିମ କୋର୍ଟ ଗଲେ ରାଜ୍ୟ ସରକାର

### ଆଜି ବସିବ ସର୍ବଦଳୀୟ ବୈଠକ




ଭୁବନେଶ୍ୱର, ୨୩।୧୦: କୋଟିଆରେ ଆନ୍ଧ୍ର ନିର୍ବାଚନ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରିବା ପ୍ରସଙ୍ଗ ନେଇ ରାଜ୍ୟ ସରକାର କଠୋର ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ କୋର୍ଟ ଅବମାନନା ମାମଲା ଦାୟର କରାଯାଇଛି। ଏହି ମାମଲା ଶୁକ୍ରବାର ପଞ୍ଜୀକୃତ ହୋଇଛି। ମାମଲା ନମ୍ବର ହେଉଛି ୬୬୭୨୭/୨୦୨୬। ଆନ୍ଧ୍ରପ୍ରଦେଶର ରାଜ୍ୟ ନିର୍ବାଚନ କମିଶନ, ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଏହି ମାମଲା ଦାୟର ହୋଇଛି ।କୋଟିଆରେ ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚନ କରାଇବାକୁ ଆନ୍ଧ୍ରର ପଦକ୍ଷେପକୁ ନେଇ ଓଡ଼ିଶା ଆପତ୍ତି ଉଠାଇଛି। ଗୋଟିଏ ଅଞ୍ଚଳରେ ଦୁଇଟି ଭିନ୍ନ ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ପ୍ରତିନିଧି ରହିବା ପ୍ରସଙ୍ଗ ଉଠାଇ ଏହା ପଞ୍ଚାୟତ ଓ ଅନ୍ୟାନ୍ୟ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ଅଭିଯୋଗ କରାଯାଇଛି। ଏହି ମାମଲାରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିବେ ବୋଲି କୁହାଯାଇଛି। ଏଥିରେ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ ଜି. ସାଇ ପ୍ରସାଦ, ନିର୍ବାଚନ କମିଶନ ଅନିଲ ଚନ୍ଦ୍ର ପୁନେଠା, ଗୃହ ସଚିବ କୁମାର ବିଶ୍ୱଜିତ୍, ପଞ୍ଚାୟତିରାଜ ସଚିବ, ମୁତାଲା ରାଜୁ, ପଞ୍ଚାୟତିରାଜ ନିର୍ଦ୍ଦେଶକ ଭି. ଆର୍. କେ. ତେଜା, ପାର୍ବତୀପୁରମ୍ ମନ୍ୟମ ଜିଲ୍ଲାପାଳ ଏନ୍. ପି. ରବିଶଙ୍କର ରେଡ୍ଡୀ ପ୍ରମୁଖଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର ହୋଇଛି। ସୂଚନାଯୋଗ୍ୟ ଯେ ୧୯୩୬ ମସିହାରୁ କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି କୋଟିଆ ସୀମା ବିବାଦକୁ ନେଇ ଶନିବାର ବସିବ ସର୍ବଦଳୀୟ ବୈଠକ ବସିପାରେ। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। କୋଟିଆ ବିବାଦ ପ୍ରସଙ୍ଗରେ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବୁ । ମନ୍ତ୍ରୀ ଏପରି ପ୍ରତିକ୍ରିୟା ରଖିଛନ୍ତି ।

## କୋଟିଆରେ ବିଜେଡି ପ୍ରତିନିଧି ଦଳ
- ଆନ୍ଧ୍ରର ନିର୍ବାଚନ ପ୍ରକ୍ରିୟାକୁ ବିରୋଧ
- ବାହାନା କୋଟିଆ, ନଜରରେ ଖଣି !

ଜୟପୁର/ଭୁବନେଶ୍ୱର, ୨୩।୧୦: କୋରାପୁଟ ଜିଲ୍ଲା ବିବାଦୀୟ ସୀମାନ୍ତ ଅଞ୍ଚଳ କୋଟିଆରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ କରାଯିବାକୁ ନେଇ ବିଜୁ ଜନତା ଦଳ ଶୁକ୍ରବାର ବିରୋଧ ପ୍ରଦର୍ଶନ କରିଛି ।କୋରାପୁଟରୁ ଯାଇଥିବା ବିଜେଡିର ଏକ ୧୬ ଜଣିଆ ପ୍ରତିନିଧି ଦଳ କୋଟିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ ଏବଂ ଆନ୍ଧ୍ର ପ୍ରଦେଶ ଦ୍ୱାରା ପରିଚାଳିତ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିଥିଲେ ।ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଗସ୍ତ ପରେ ପ୍ରତିନିଧି ଦଳ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିବେ। ବିଜେଡି ଅଭିଯୋଗ କରିଛି ଯେ, ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ସମୟରେ କୋଟିଆର ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ତେବେ ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ସରକାର ଏହି ଅଂଚଳର ବିକାଶ ପାଇଁ ଯଥେଷ୍ଟ ଉଦ୍ୟମ କରିବାରେ ବିଫଳ ହୋଇଛନ୍ତି ।ଅନ୍ୟ ଏକ ଖବର ଅନୁଯାୟୀ ପଡୋଶୀ ଆନ୍ଧ୍ର କୋଟିଆରେ ନିଜର ଆଧିପତ୍ୟ ଦାବିକରି ଆସୁଥିବା ସାଙ୍ଗକୁ କୃଷକଭତ୍ତା, ଆମାବାଡ଼ି ଭଳି ବିଭିନ୍ନ ସରକାରୀ ଯୋଜନାର ଲୋଭ ଦେଖାଉଛି । କୋଟିଆ କେବଳ ବାହାନା ହୋଇଥିବା ବେଳେ ସଂପୃକ୍ତ ଅଞ୍ଚଳର ମାଟିତଳେ ରହିଥିବା ପ୍ରାଚୁର୍ଯ୍ୟ ଉପରେ ଆନ୍ଧ୍ର ସରକାରଙ୍କ ନଜର ଥିବା କୁହାଯାଉଛି ।

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତସୂଚୀ



ଭୁବନେଶ୍ୱର, ୨୩।୧୦: ପ୍ରଧାନମନ୍ତ୍ରୀ ମୋଦିଙ୍କ ଅକ୍ଟୋବର ୨୫ ଓଡିଶା ଗସ୍ତ ସଂପର୍କିତ ସୂଚୀ ସାମ୍ନାକୁ ଆସିଛି। ୨୫ ତାରିଖ ଅପରାହ୍ନ ୪ଟା ୧୦ ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ୪ଟା ୧୫ରେ ହେଲିକପ୍ଟରରେ ଖୋର୍ଦ୍ଧା ବାହାରି ୪ଟା ୩୫ରେ ପହଞ୍ଚିବେ । ୪ଟା ୪୫ରେ ଖୋର୍ଦ୍ଧା ଆର୍‌ବିଆଇ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିବେ । କାର୍ଯ୍ୟକ୍ରମରେ ଘଣ୍ଟାଏ ଉପସ୍ଥିତ ରହିବେ ପ୍ରଧାନମନ୍ତ୍ରୀ ମୋଦି। ଖୋର୍ଦ୍ଧାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଓ ପ୍ରଶିକ୍ଷଣ ସଂସ୍ଥାର ଉଦଘାଟନ କରିବେ। ତେଣୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସଜେଇ ହେଉଛି ଆର୍‌ବିଆଇ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର । ୧୬୯ କୋଟିରେ ନିର୍ମିତ ଏହି ସେଣ୍ଟର ବାଗଚି ଶ୍ରୀ ଶଙ୍କରା କ୍ୟାନ୍ସର୍ ସେଣ୍ଟର ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ନିକଟରେ ପାଖାପାଖି ୧୯ ଏକର ଜାଗାରେ ଗଢ଼ି ଉଠିଛି , ଯାହା ଦେଶରେ ଦ୍ୱିତୀୟ କେନ୍ଦ୍ର ହେବ । ଉଲ୍ଲେଖଯୋଗ୍ୟ, ଆର୍‌ବିଆଇ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟରକୁ ୨୦୨୩ ମାର୍ଚ୍ଚ ୨୨ ତାରିଖରେ ତତ୍କାଳୀନ ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଶିଳାନ୍ୟାସ କରିଥିଲେ।

## ଘନୀଭୂତ ହୋଇଛି ଲଘୁଚାପ
# ଆଜି ଅବପାତ, ୨୬ରେ ବାତ୍ୟା

ଭୁବନେଶ୍ୱର, ୨୩।୧୦: ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ଓ ଏହାର ପ୍ରଭାବକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଜୋର୍‌ଦାର କରିଛନ୍ତି। ଆସନ୍ତା ୨୬ ତାରିଖରୁ ବର୍ଷା ଆରମ୍ଭ ହେବାର ସମ୍ଭାବନା ଥିବାବେଳେ ୨୭ ତାରିଖ ପାଇଁ ପୁରୀ, ଗଞ୍ଜାମ ଓ



ଗଜପତି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଥିବା ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ସମ୍ଭାବ୍ୟ ଅବପାତ କେଉଁଠି ସ୍ଥଳଭାଗ ଛୁଇଁବ, ସେନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏଯାଏଁ ସ୍ପଷ୍ଟ ସୂଚନା ମିଳିନାହିଁ। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ପ୍ରାଥମିକ ଆକଳନ ଅନୁଯାୟୀ ଏହା କାକିନାଡ଼ାରୁ ଗୋପାଳପୁର ମଧ୍ୟବର୍ତ୍ତୀ ଉପକୂଳ ଅଞ୍ଚଳ ଦେଇ ଅତିକ୍ରମ କରିପାରେ। ଏହାପରେ ଓଡ଼ିଶା ଅତିକ୍ରମ କରି ଛତିଶଗଡ଼ ଦେଇ ଝାଡ଼ଖଣ୍ଡ ଆଡ଼କୁ ଗତି କରିବାର ଆକଳନ କରାଯାଉଛି। ତେବେ ଏହାର ଗତିପଥ ଓ ସ୍ଥଳଭାଗ ଛୁଇଁବା ସ୍ଥାନ ସମ୍ପର୍କରେ ଅଧିକ ସ୍ପଷ୍ଟତା ପାଇଁ ପାଣିପାଗ ବିଭାଗର ପରବର୍ତ୍ତୀ ସୂଚନାକୁ ଅପେକ୍ଷା କରାଯାଇଛି। ସୂଚନାନୁଯାୟୀ ବଙ୍ଗୋପସାଗରରେ ସେହି ଅଞ୍ଚଳରେ ରହି ୨୪ ଅକ୍ଟୋବର, ୨୦୨୬ ସୁଦ୍ଧା ଅଧିକ ଘନୀଭୂତ ହୋଇ ଏକ ‘ଅବପାତ’ରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପରେ, ଏହାପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଏବଂ ୨୫ ଅକ୍ଟୋବରରେ ଏକ ‘ଗଭୀର ଅବପାତ’ ରେ ପରିଣତ ହେବାର ସମ୍ଭାବନା ରହିଛି। ୨୬ ଅକ୍ଟୋବର ସକାଳସୁଦ୍ଧା ଏହା

- ୨୮ରେ ଓଡ଼ିଶା-ଆନ୍ଧ୍ର ଉପକୂଳରେ ମାଡ଼ !
- କାକିନାଡ଼ା-ଗୋପାଳପୁର ମଧ୍ୟବର୍ତ୍ତୀ ଉପକୂଳ ଦେଇ ହୋଇପାରେ ଝାଡ଼ଖଣ୍ଡମୁହାଁ
- ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ

ଘନୀଭୂତ ହୋଇଛି ଲଘୁଚାପ । ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଏହା ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ତଥା ଆଣ୍ଡାମାନ ଦ୍ୱୀପପୁଞ୍ଜ ଉପରେ ଥିବା ଘୂର୍ଣ୍ଣିବଳୟର ପ୍ରଭାବରେ, ୨୩ ଅକ୍ଟୋବର, ୨୦୨୬ସକାଳ ୦୫:୩୦ ଟା ସମୟରେ ଦକ୍ଷିଣ-ପୂର୍ବ ଏବଂ ଏହା ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ‘ବାତ୍ୟା’ରେ ପରିଣତ ହେବା ସମ୍ଭାବନା ରହିଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ସମୁଦ୍ରରେ ବଳ ଗୋଟାଇ ୨୮ରେ ଓଡ଼ିଶା-ଆନ୍ଧ୍ର ଉପକୂଳ ଛୁଇଁପାରେ ସମ୍ଭାବ୍ୟ ବାତ୍ୟା । ୨୬ ତାରିଖରେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ପବନର ବେଗ ଅଧିକ ରହିବ ।ଘଣ୍ଟା ପ୍ରତି ୯୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

## ୧୬ ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର
- ★ ସରକାରୀ ଛୁଟିଦିନଗୁଡ଼ିକ ବାତିଲ
- ★ ‘ଶୂନ୍ୟ କାଜୁଆଲିଟି’ ନୀତି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୩।୧୦: ସୃଷ୍ଟ ଲଘୁଚାପ କ୍ରମଶଃ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ଆଶଙ୍କା ଥିବାରୁ ରାଜ୍ୟ ସରକାର ସତର୍କ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜୀବ ଭବନସ୍ଥିତ ଏସଇଓସି କନଫରେନ୍ସ ହଲରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରିଆସିବାକୁ କୁହାଯାଇଛି । ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବା ଏବଂ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ଓସଡମା ପକ୍ଷରୁ କୁହାଯାଇଛି । ରାଜ୍ୟ ସରକାର ‘ଶୂନ୍ୟ କାଜୁଆଲିଟି’ ନୀତିକୁ ଆପଣାଇ ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨୭ତାରିଖ ପାଇଁ ରେଡ୍ ଜୋନ୍ ରହିଛି ପୁରୀ, ଗଞ୍ଜାମ ଏବଂ ଗଜପତି । ଏସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଅନ୍ୟାନ୍ୟ ଜିଲ୍ଲା ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଆଦି ଜିଲ୍ଲାରେ ମଧ୍ୟ ବ୍ୟାପକ ବର୍ଷା ପାଇଁ ସତର୍କ ଜାରି କରାଯାଇଛି । ହ୍ୱାଟ୍ସଆପ୍ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ଲୋକଙ୍କୁ କ୍ରମାଗତ ଭାବେ ସଚେତନ କରାଯାଉଛି । ରାଜ୍ୟ ସରକାର ସମସ୍ତ ସମ୍ଭାବ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଜନସାଧାରଣ ସଚେତନ ରହି ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଏନଡିଆରଏଫ, ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଛି । ଗୁଜବରୁ ଦୂରେଇ ରୁହନ୍ତୁ, କେବଳ ସରକାରୀ ସୂଚନା ଉପରେ ବିଶ୍ୱାସ କରନ୍ତୁ ଏପରି ପ୍ରଶାସନ ତରଫରୁ କୁହାଯାଇଛି । ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ୨୦ଟି ଜିଲ୍ଲା ପାଇଁ ‘ରେଡ୍ ୱାର୍ଣ୍ଣିଂ’ (ଲାଲ୍ ଚେତାବନୀ) ଜାରି କରାଯାଇଛି। ତେବେ ୧୬ ଜିଲ୍ଲା ଉପରେ ରହିବ ସ୍ୱତନ୍ତ୍ର ନଜର। ରାଜ୍ୟ ସରକାର କଠୋର ନିର୍ଦ୍ଦେଶାବଳୀ ଜାରି କରିବା ସହ ସରକାରୀ ଛୁଟିଦିନଗୁଡ଼ିକୁ ମଧ୍ୟ ବାତିଲ କରିଦେଇଛନ୍ତି।

# ସୌଭାଗ୍ୟର ଅଧିଷ୍ଠାତ୍ରୀ ଦେବୀ

# ମା' ଗଜଲକ୍ଷ୍ମୀ





ଓଡିଶା ହେଉଛି ପର୍ବପର୍ବାଣିର ମାଟି । ବାର ମାସରେ ତେର ପର୍ବ । ସବୁ ପର୍ବ ଭିତରେ ଶରତ କାଳର ଗଜଲକ୍ଷ୍ମୀ ପୂଜା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ପୂଜା କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ, ଏହା ଓଡିଆ ଜାତିର ଅର୍ଥନୀତି, ସଂସ୍କୃତି ଓ ଆଧ୍ୟାତ୍ମିକତାର ସଙ୍ଗମ । ମା ଗଜଲକ୍ଷ୍ମୀ ହେଉଛନ୍ତି ଧନ, ଧାନ୍ୟ, ଐଶ୍ୱର୍ଯ୍ୟ ଓ ସୌଭାଗ୍ୟର ଅଧିଷ୍ଠାତ୍ରୀ ଦେବୀ । ତାଙ୍କ ପୂଜାର ମାହାତ୍ମ୍ୟ ଅପାର ।ଗଜଲକ୍ଷ୍ମୀ ଶବ୍ଦର ଅର୍ଥ ବହୁତ ଗଭୀର । ଗଜ ଅର୍ଥ ହାତୀ ଓ ଲକ୍ଷ୍ମୀ ଅର୍ଥ ଧନର ଦେବୀ । ଶାସ୍ତ୍ର ଅନୁସାରେ ଯେଉଁ ଲକ୍ଷ୍ମୀ ଦୁଇ ହାତୀ ଦ୍ୱାରା ପୂଜିତ ଓ ସ୍ନାନ କରାଯାଉଛନ୍ତି ସେ ହେଉଛନ୍ତି ଗଜଲକ୍ଷ୍ମୀ । ଏହି ରୂପ ହେଉଛି ଲକ୍ଷ୍ମୀଙ୍କ ଅଷ୍ଟ ଲକ୍ଷ୍ମୀ ମଧ୍ୟରୁ ଅନ୍ୟତମ ଏବଂ ସବୁଠୁ ଶୁଭ ରୂପ । ହାତୀ ହେଉଛି ଶକ୍ତି, ଗାମ୍ଭୀର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ । ମା ଲକ୍ଷ୍ମୀ ପଦ୍ମ ଉପରେ ବସିଥାନ୍ତି ଓ ଦୁଇ ପାର୍ଶ୍ୱରେ ଦୁଇ ଶ୍ୱେତ ହାତୀ ଶୁଣ୍ଢରେ କଳସ ଧରି ତାଙ୍କୁ ଅଭିଷେକ କରୁଥାନ୍ତି । ଏହି ଦୃଶ୍ୟ ଦେଖିଲେ ମନରେ ଶାନ୍ତି ଓ ଐଶ୍ୱର୍ଯ୍ୟର ଭାବ ଆସେ । ଏହି ରୂପର ପୂଜା କଲେ ଘରେ ଧନ ସ୍ଥାୟୀ ହୁଏ ବୋଲି ବିଶ୍ୱାସ ରହିଛି । ଗଜଲକ୍ଷ୍ମୀ ପୂଜାର ପୌରାଣିକ କାହାଣୀ ସମୁଦ୍ର ମନ୍ଥନ ସହିତ ଜଡିତ । ଦେବତା ଓ ଅସୁର ଯେତେବେଳେ ଅମୃତ ପାଇଁ ସମୁଦ୍ର ମନ୍ଥନ କଲେ ସେତେବେଳେ ସମୁଦ୍ରରୁ ଚତୁର୍ଦ୍ଦଶ ରତ୍ନ ବାହାରିଲା । ସେଥି ମଧ୍ୟରୁ ମା ଲକ୍ଷ୍ମୀ ଓ ଐରାବତ ହାତୀ ବାହାରିଲେ । ଐରାବତ ହାତୀ ମା ଲକ୍ଷ୍ମୀଙ୍କୁ ନିଜର ଆରାଧ୍ୟ ଦେବୀ ବୋଲି ଗ୍ରହଣ କରି ତାଙ୍କର ସେବା କଲା । ସେହି ଦିନଠାରୁ ଗଜ ସହିତ ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହେଲା । ଅନ୍ୟ ଏକ କଥା ଅନୁସାରେ ଇନ୍ଦ୍ର ଦେବତା ଅହଙ୍କାର ବଶତଃ ମା ଲକ୍ଷ୍ମୀଙ୍କୁ ଅପମାନ କରିବାରୁ ଲକ୍ଷ୍ମୀ ସମୁଦ୍ରରେ ଲୀନ ହୋଇଗଲେ ଓ ତିନି ଲୋକ ଶ୍ରୀହୀନ ହୋଇଗଲା । ପରେ ଦେବତାମାନେ କ୍ଷମା ମାଗିବାରୁ ଗଜମାନେ ସମୁଦ୍ରରୁ ମାଆଙ୍କୁ ପୁନର୍ବାର ଆଣି ଅଭିଷେକ କରିଥିଲେ । ତେଣୁ ଗଜଲକ୍ଷ୍ମୀ ପୂଜା ହେଉଛି ହଜି ଯାଇଥିବା ଶ୍ରୀକୁ ଫେରାଇ ଆଣିବାର ପୂଜା ।

ଓଡ଼ିଶାରେ ବିଶେଷ କରି କେନ୍ଦ୍ରାପଡା, ଜଗତସିଂହପୁର, ଢେଙ୍କାନାଳ, ଅନୁଗୁଳ ଓ ଭଦ୍ରକ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଅତି ଆଡମ୍ବରରେ ପାଳନ ହୁଏ । ବିଶେଷ କରି ବାଲିକୁଦା, ଢେଙ୍କାନାଳରେ ଏହି ପୂଜା ଦୁର୍ଗା ପୂଜା ଠାରୁ ବି ବଡ କରି ପାଳନ କରାଯାଏ । କୁମାର ପୂର୍ଣ୍ଣିମା ଦିନ ମାଆଙ୍କ ମୂର୍ତ୍ତି ସ୍ଥାପନ ହୁଏ ଓ ତିନି ଦିନ ଧରି ପୂଜା ଚାଲେ । ପୂଜା ମଣ୍ଡପ ମାନ ଆଲୋକମାଳାରେ ଝଲସି ଉଠେ । କାରିଗର ମାନେ ମାସ ମାସ ଧରି ମାଆଙ୍କ ମୂର୍ତ୍ତି ଗଢନ୍ତି । କେଉଁଠି ମା ଦଶ ଫୁଟ ଉଚ୍ଚ ତ କେଉଁଠି ପଚିଶ ଫୁଟ ଉଚ୍ଚ । ସୁନା ଅଳଙ୍କାର ନୁହେଁ, ମାଟିର ଅଳଙ୍କାରରେ ମାଆ ଝଲସି ଉଠନ୍ତି । ଏହି ପୂଜାର ସବୁଠୁ ବଡ ବିଶେଷତା ହେଲା ଏଠି ଧନୀ ଗରିବ ଭେଦ ନାହିଁ । ସମସ୍ତେ ଚାନ୍ଦା ଦେଇ ମିଶି ପୂଜା କରନ୍ତି । ଏହା ସାମାଜିକ ଏକତାର ପ୍ରତୀକ ।ଗଜଲକ୍ଷ୍ମୀ ପୂଜାର ଆଧ୍ୟାତ୍ମିକ ମାହାତ୍ମ୍ୟ ସହିତ ଆର୍ଥିକ ମାହାତ୍ମ୍ୟ ମଧ୍ୟ ଜଡିତ । ଶରତ କାଳ ହେଉଛି ଅମଳ ଋତୁ । ବିଲରେ ଧାନ ପାଚିଲା ହୁଏ, ଚାଷୀ ଖୁସି ହୁଏ । ସେ ନିଜର ପ୍ରଥମ ଅମଳ ମାଆଙ୍କୁ ଅର୍ପଣ କରେ । ତେଣୁ ଏହା କୃତଜ୍ଞତାର ପୂଜା । ବ୍ୟବସାୟୀ ମାନେ ଏହି ଦିନ ନୂଆ ଖାତା ଆରମ୍ଭ କରନ୍ତି, ନୂଆ ଦୋକାନ ଖୋଲନ୍ତି । କାରଣ ମା ଗଜଲକ୍ଷ୍ମୀଙ୍କ ଆଶୀର୍ବାଦରେ ବ୍ୟବସାୟ ବୃଦ୍ଧି ହୁଏ ବୋଲି ବିଶ୍ୱାସ । ଘରେ ଘରେ ଝିଅ ବୋହୂମାନେ ଅଳ୍ପନା ପକାଇ, ଧାନ କଣିକାରେ ମାଆଙ୍କୁ ଆବାହନ କରନ୍ତି । ମା ଗଜଲକ୍ଷ୍ମୀ ଯେଉଁ ଘରେ ପରିଷ୍କାର ପରିଚ୍ଛନ୍ନତା, ସତ୍ୟ ଓ ପରିଶ୍ରମ ଥାଏ ସେହି ଘରେ ବାସ କରନ୍ତି । ଯେଉଁ ଘରେ କଳହ, ଅଳସୁଆମି ଓ ଅସତ୍ୟ ଥାଏ ସେ ଘରୁ ସେ ଚାଲି ଯାଆନ୍ତି । ତେଣୁ ଏହି ପୂଜା ଆମକୁ ପରିଷ୍କାର ରହିବା, ପରିଶ୍ରମ କରିବା ଓ ସତ୍ୟ ପଥରେ ଚାଲିବାର ଶିକ୍ଷା ଦିଏ ।ଆଜିର ସମାଜରେ ଯେତେବେଳେ ଧନ ପଛରେ ସମସ୍ତେ ଦୌଡୁଛନ୍ତି, ଗଜଲକ୍ଷ୍ମୀ ପୂଜାର ପ୍ରକୃତ ମାହାତ୍ମ୍ୟ ବୁଝିବା ନିହାତି ଆବଶ୍ୟକ । ଗଜଲକ୍ଷ୍ମୀ କେବଳ ଟଙ୍କା ନୁହନ୍ତି, ସେ ହେଉଛନ୍ତି ଧାନ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ଶାନ୍ତି ଲକ୍ଷ୍ମୀ । ଯେଉଁ ଘରେ ପୁଅ ଝିଅ ଶିକ୍ଷିତ, ସେ ଘରେ ବିଦ୍ୟା ଲକ୍ଷ୍ମୀ ଅଛନ୍ତି । ଯେଉଁ ଘରେ ସମସ୍ତେ ସୁସ୍ଥ, ସେ ଘରେ ଆରୋଗ୍ୟ ଲକ୍ଷ୍ମୀ ଅଛନ୍ତି । ତେଣୁ ଧନ ସହିତ ଗୁଣର ପୂଜା କରିବା ଶିଖିବା ଉଚିତ । ପୂଜା ମଣ୍ଡପରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ସେହି ଟଙ୍କାରେ ଗରିବ ପିଲାଙ୍କୁ ପାଠ ପଢାଇବା, ଅସହାୟକୁ ସାହାଯ୍ୟ କରିବା ହେଉଛି ପ୍ରକୃତ ଗଜଲକ୍ଷ୍ମୀ ପୂଜା । କାରଣ ମଣିଷ ସେବା ହିଁ ମାଧବ ସେବା ।





*-ଦାଶରଥି ଶତପଥୀ*
*ମୋ- ୯୩୩୭୪୪୯୩୭୩*



# ଯୁଦ୍ଧରେ ଅନ୍ଧାରୀ ବିଜେ କଲେ ଲକ୍ଷ୍ମଣ

ଅନ୍ଧାର ଅର୍ଥ ଆଲୋକ ଅଭାବ ଆଲୋକ ନାହିଁ । ରାମାୟଣ କାହାଣୀ, ଲକ୍ଷ୍ମଣଙ୍କୁ ରାବଣଙ୍କ ସେଦିନ ସେନାପତି ମେଘନାଦ ଇନ୍ଦ୍ରଜିତ ସହ ଲଢ଼େଇ ମୁକାବିଲା କରିବାକୁ ହେବ । ଲକ୍ଷ୍ମଣ ନିର୍ଭୀକ ଯୋଦ୍ଧା ପୂର୍ଣ୍ଣ ଲକ୍ଷ୍ୟଭେଦୀ ,ଅବ୍ୟର୍ଥ ତୀରନ୍ଦାଜ ମାତ୍ର ଆକାଶରୁ ଆକ୍ରମଣର ମୁକାବିଲା କେବେ କରିନାହାନ୍ତି, ଆକାଶରୁ ଆକ୍ରମଣ ପାଇଁ ଆକ୍ରମଣକାରୀକୁ ବଡ଼ ସହାୟକ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପୁଣି ମାଟିରେ ବ୍ୟୂହ ରଚନା କରି ଆକ୍ରମଣକାରୀକୁ କୌଶଳରେ ଆୟତ୍ତ କରିଦେବା ବା ଅନ୍ତ କରିଦେବା ପଦ୍ଧତିକୁ ହେୟ ଜ୍ଞାନ କରନ୍ତି । ତାକୁ ଉପରକୁ ଆକ୍ରମଣ କଲେ ମାନବୀୟ ବଳକୁ ମାଧ୍ୟାକର୍ଷଣ ଶକ୍ତି ପ୍ରତିବନ୍ଧକ ହୁଏ । ତା'ସହ ଲକ୍ଷ୍ୟ ଭେଦର ଦୂରତ୍ୱ ଆହୁରି ସମସ୍ୟା । ଯୁଦ୍ଧରେ ଛକା ପଞ୍ଝା । ରହିଥାଏ, ହାରି ପଳାୟନ କରିବା ଶତ୍ରୁ ବି ପୁନଃ ଆକ୍ରମଣ କରିପାରେ ଏହା ବି ଲଢ଼େଇକୁ ଯାଇଥିବା ଯୋଦ୍ଧା ଜାଣିବା ଜରୁରୀ । ମାୟାବୀ, ଛଳନାକାରୀ ବି ଶତ୍ରୁ ହୋଇପାରେ, ସର୍ପ ଦୃଷ୍ଟିରେ ଯେପରି ଶତ୍ରୁର ମର୍ମସ୍ଥାନ ଥାଏ ସେପରି ଠିକ ସେପରି ଯୁଦ୍ଧରତ ଦୁଇ ଯୋଦ୍ଧା ମଧ୍ୟରେ ଦୃଷ୍ଟି ସମ୍ବନ୍ଧ ଏକ ସ୍ଥାନ ଓ ଆଘାତ ସ୍ଥାନ ଭିନ୍ନ ସ୍ଥାନ ଲଢ଼ାଇ ଅନେକ ବଳରେ ହୁଏ । ବାହୁବଳ ସହ ଅନେକ ଉପସ୍ଥିତ ବୁଦ୍ଧିରେ ଶତ୍ରୁର ପ୍ରୟୋଗକୁ ଅକାମି ଓ ଶତ୍ରୁକୁ ପ୍ରତି ଆକ୍ରମଣ, ହତିଆର ବଳରେ ଆକ୍ରମଣକାରୀର ପ୍ରୟୋଗ ହତିଆରକୁ ମୁକାବିଲା ପୁଣି ପ୍ରତିଆକ୍ରମଣ । ଏକକୁ ଅନେକ ସାହାଯ୍ୟକାରୀ ଯୋଦ୍ଧା, ଶତ୍ରୁକୁ ଘେରି ଷଣ୍ଢଆସି ଆକ୍ରମଣ, ଆତ୍ମସମର୍ପଣ ପାଇଁ ଇଙ୍ଗିତ ନ ପାଇଲେ ଶତ୍ରୁକୁ ବନ୍ଦୀ ବା ନିପାତ ସମସ୍ତ ବଳ ସହ କରିଦିଆଯାଏ । ଯୁଦ୍ଧଭୂମି ବାସ୍ତୁ, ଯୁଦ୍ଧର ସମୟକୁ ପ୍ରକୃତିର ପାଗ ସ୍ଥିତି, ପବନର ଗତି, ଯୁଦ୍ଧ କରିବା ଯୋଦ୍ଧାଙ୍କ ଦରକାରୀ ଦ୍ରବ୍ୟ, ଠିକ ସମୟରେ ଠିକ ସ୍ଥାନରେ ନ ପହଞ୍ଚିଲେ, ଖାଦ୍ୟ, ପେୟ, ଆହତଙ୍କ ଚିକିତ୍ସା ଶୁଶ୍ରୂଷା ଯୋଗାନଗଲେ, ଯୋଗାଯୋଗ ଯୁଦ୍ଧ କ୍ଷେତ୍ରରୁ ମୂଳ ଆଦେଶ ଦାତା ବା ନିୟନ୍ତ୍ରଣକାରୀଙ୍କ ସହ ନହେଲେ ଯେ କୌଣସି ଯୁଦ୍ଧ ହାର୍ ହୋଇପାରେ । ଏକପାଖରେ ଏକ ଏହା ଯୁଦ୍ଧରେ ଯୋଦ୍ଧାକୁ ଘୋଡ଼ା ସରିନୁହଁ ବୋଲି କୁହାଯାଇଛି, ଇନ୍ଦ୍ରଜିତ ସହ ଲକ୍ଷ୍ମଣଙ୍କ ଯୁଦ୍ଧ ଲକ୍ଷ୍ମଣ ପଦାତିକକୁ, ଇନ୍ଦ୍ରଜିତ ଆକାଶରୁ ଆକ୍ରମଣକାରୀ, ଆକାଶ ଆକ୍ରମଣକାରୀକୁ ପଦାତିକ ଯୋଦ୍ଧା କୋଣିଆଁ ପ୍ରୟୋଗ ଉତ୍‌କ୍ଷେପଣ ଅସ୍ତ୍ରରେ କରନ୍ତି ମାତ୍ର ଆକାଶ ଯୁଦ୍ଧ ଯାନଟି ଉତକ୍ଷେପିତ ଅସ୍ତ୍ର ମାଡ଼ ପରିସୀମାରେ ଆସିବା ଦରକାର । ରାମ ସବୁଥିରେ ଦୂରଦ୍ରଷ୍ଟା ସେ ଲକ୍ଷ୍ମଣଙ୍କ ସହ ବିଭୀଷଣଙ୍କୁ ପଠାଇଥିଲେ । ଯେତେବେଳେ ଯୁଦ୍ଧ ଆଖଡ଼ାରେ ଲଙ୍କାରେ ଇନ୍ଦ୍ରଜିତ ଆଦି ଆକାଶ ଯୁଦ୍ଧ କୌଶଳ ଶିକ୍ଷା କରୁଥିଲେ ବା ପରୀକ୍ଷା ନିରୀକ୍ଷାରେ ରହୁଥିବେ ତତ୍କାଳୀନ ସମୟରେ ବିଭୀଷଣଙ୍କ ତାହା ଗୋଚର ଥିବ, କେଉଁ ଅସ୍ତ୍ରକୁ କିପରି ବାରଣ ବା ଖଣ୍ଡନ କରାଯାଇପାରିବ ଏହାକୁ ବିଭୀଷଣ ନିଶ୍ଚୟ ଜାଣିଛନ୍ତି, ଯେହେତୁ ସେ ଅନେକ ପ୍ରତ୍ୟକ୍ଷ କରିଛନ୍ତି । ଯୁଦ୍ଧରେ ଇନ୍ଦ୍ରଜିତ ଲକ୍ଷ୍ମଣ ମଜ୍ଜିଗଲେ ଯେଉଁ ବାଣ ପରସ୍ପର ଦିଗରୁ ଯାଉଛି କଟାକଟିରେ ବ୍ୟର୍ଥ ହେଉଛି, ହଠାତ୍ ଇନ୍ଦ୍ରଜିତ ଦର୍ପଣାସ୍ତ୍ର ଏକାଧିକ ଛାଡ଼ିଲେ ଯାହା ଆକାଶରେ ସୃଷ୍ଟି ହେଲା ଅସଂଖ୍ୟ ଇନ୍ଦ୍ରଜିତ ଯାନ ସହ ଦୃଶ୍ୟ । ଏହାକୁ କାଟିବାକୁ ଲକ୍ଷ୍ମଣ ଉଦ୍ୟତ । ସେ ବଜ୍ରାସ୍ତ୍ର ପ୍ରୟୋଗ କରି ଶରାସନରେ ବସାଇ ସାରିଲେଣି, ତାଙ୍କୁ ତତ୍କାଳ ବିଭୀଷଣ କହିଲେ, ଟିକେ ଭାବନ୍ତୁ ଆଇନାକୁ ଆଇନା ପରସ୍ପର ସମ୍ମୁଖୀନ ରହି ଏକକୁ ଅନେକ କରୁଛି ଯଦି ବଜ୍ରାସ୍ତ୍ର ପ୍ରୟୋଗ ହେବ ତେବେ ଯେତିକି ଆଇନା ଅଛି ତାହା ଭଙ୍ଗ ହୋଇ ଆହୁରି ଟୁକୁଡା ହୋଇଯିବ ଯେତିକି ମାୟାଦୃଶ୍ୟ ତାହା ଆହୁରି ବଢ଼ିଯିବ ଯାହାର ଦମନ ବୃଥା ହେବ । ଏ କ୍ଷେତ୍ରରେ ଦର୍ପଣକୁ ଅଚଳ କରିଦେଲେ ସତ୍ୟ ଦୃଶ୍ୟ ହିଁ ଧରା ପଡ଼ିଯିବ । ଦର୍ପଣ ଆଲୋକ ଅଛି ବୋଲି କାମ କରୁଛି, ଆଲୋକ ନ ଥିଲେ ଦର୍ପଣ ନିଷ୍କ୍ରିୟ । ଅତଏବ ଆପଣ ଆକାଶରେ ସୂର୍ଯ୍ୟଙ୍କୁ ମେଘ ଦ୍ୱାରା ଢ଼ାଙ୍କିବା ଅସ୍ତ୍ର ପ୍ରୟୋଗ କରନ୍ତୁ । ଲକ୍ଷ୍ମଣ ତାହା କାଳେ ସେ ଦର୍ପଣାସ୍ତ୍ର ଅଚଳହେଲା, ଇନ୍ଦ୍ରଜିତ ବିଫଳ ହୋଇଗଲେ । ସୁତରାଂ ସମସ୍ତେ ନିଜକୁ ଶେଷ ଜ୍ଞାନୀ କେବେ ଭାବନ୍ତୁ ନାହିଁ । ***-ଅଜୟ କୁମାର ବେହେରା, କଟକ, ଦୂରଭାଷ : ୯୪୩୭୧୦୩୧୨୫୩***

# ରାବଣଙ୍କ ମୃତ୍ୟୁ ପରେ..

ରାବଣଙ୍କର ଦୁଇଟି ପ୍ରଥମ ପତ୍ନୀ ଥିଲେ, ମନ୍ଦୋଦରୀ ଏବଂ ଧନ୍ୟା ମାଳିନୀ । ମନ୍ଦୋଦରୀ ଥିଲେ ରାକ୍ଷସ ରାଜା ମାୟାସୁରଙ୍କ ଝିଅ ଏବଂ ରାବଣଙ୍କ ପତ୍ନୀ । ଧନ୍ୟା ମାଳିନୀ ଥିଲେ ତାଙ୍କର ଦ୍ୱିତୀୟ ପତ୍ନୀ । ରାବଣଙ୍କର ମଧ୍ୟ ତୃତୀୟ ପତ୍ନୀ ଥିଲେ, ଯାହାଙ୍କୁ ସେ ହତ୍ୟା କରିଥିଲେ । ରାବଣଙ୍କ ମନ୍ଦୋଦରୀ ତାଙ୍କ ପୂର୍ବ ଜନ୍ମରେ ମଧୁରା ନାମକ ଏକ ଅପସରା ଥିଲେ, ଯାହାଙ୍କୁ ଦେବୀ ପାର୍ବତୀ ଭଗବାନ ଶିବଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିବା ପରେ ୧୨ ବର୍ଷ ପାଇଁ କୂଅରେ ବେଙ୍ଗ ହେବାକୁ ଅଭିଶାପ ଦେଇଥିଲେ । ଅଭିଶାପ ପୂରଣ ହେବା ପରେ, ସେ ମାୟାସୁର ଏବଂ ହେମାଙ୍କ ନିକଟରେ ଏକ ସୁନ୍ଦରୀ କନ୍ୟା ଭାବରେ ଦେଖା ଦେଇଥିଲେ, ଯାହାକୁ ସେମାନେ ଗ୍ରହଣ କରିଥିଲେ ଏବଂ ମନ୍ଦୋଦରୀ ନାମ ଦେଇଥିଲେ । ରାବଣର ମୃତ୍ୟୁ ପରେ, ତାଙ୍କ ପତ୍ନୀ ମନ୍ଦୋଦରୀ ତାଙ୍କ ରାବଣର ସାନ ଭାଇ ବିଭୀଷଣଙ୍କୁ ବିବାହ କରିଥିଲେ । ଭଗବାନ ରାମ ନିଜେ ମନ୍ଦୋଦରୀଙ୍କୁ ଏହି ବିବାହ ପ୍ରସ୍ତାବ ଦେଇଥିଲେ, ଏହା ନୈତିକ ଏବଂ ତର୍କଗତ ଭାବରେ ଠିକ୍ ବୋଲି ବ୍ୟାଖ୍ୟା କରିଥିଲେ । ଯଦିଓ ମନ୍ଦୋଦରୀ ପ୍ରଥମେ ମନା କରିଥିଲେ, ପରେ ସେ ପ୍ରସ୍ତାବକୁ



ଗ୍ରହଣ କରିଥିଲେ ଏବଂ ବିଭୀଷଣଙ୍କୁ ବିବାହ କରିଥିଲେ । ଏହିପରି ଲଙ୍କାର ଭବିଷ୍ୟତ ସୁନିଶ୍ଚିତ କରିବା ଏବଂ ଧାର୍ମିକ ଏବଂ ନୈତିକ ବ୍ୟବସ୍ଥା ବଜାୟ ରଖିବା ପାଇଁ ମନ୍ଦୋଦରୀ ବିଭୀଷଣଙ୍କୁ ବିବାହ କରିଥିଲେ, ଯେପରି ଭଗବାନ ରାମ ନିଜେ ପ୍ରସ୍ତାବ ଦେଇଥିଲେ ଯେ ମନ୍ଦୋଦରୀ ବିଭୀଷଣଙ୍କୁ ବିବାହ କରି ତାଙ୍କୁ ଲଙ୍କାର ରାଜା କରିବା ଏବଂ ରାଜ୍ୟକୁ ସ୍ଥିର କରିବା ଉଚିତ । ମନ୍ଦୋଦରୀ ଜଣେ ଦାନଶୀଳ ମହିଳା ଥିଲେ ଯିଏ ଲଙ୍କାର ମଙ୍ଗଳ କାମନା କରୁଥିଲେ । ସେ ଅନୁଭବ କରିଥିଲେ ଯେ ବିଭୀଷଣଙ୍କୁ ବିବାହ କରିବା ଦ୍ୱାରା ଲଙ୍କାକୁ ସଠିକ୍ ଦିଗରେ ନେଇହେବ । ଏହିପରି, ରାବଣର ମୃତ୍ୟୁ ପରେ, ତାଙ୍କ ଭାଇ ବିଭୀଷଣ ଭଗବାନ ରାମଙ୍କ ନିର୍ଦ୍ଦେଶରେ ଲଙ୍କାର ରାଜା ହେଲେ । ବିଭୀଷଣ ଜ୍ଞାନ ଏବଂ ନ୍ୟାୟ ସହିତ ଲଙ୍କାକୁ ଶାସନ କରିଥିଲେ ।

# ଈଶ୍ୱର



ବ୍ରହ୍ମ ଏବଂ ଈଶ୍ୱରଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ହିନ୍ଦୁ ଦର୍ଶନ ଭିନ୍ନ । ଅଦ୍ୱୈତ ବେଦାନ୍ତ ଅନୁସାରେ, ଯେତେବେଳେ ମଣିଷ ନିଜ ମନ ସହିତ ବ୍ରହ୍ମକୁ ବୁଝିବାକୁ ଚେଷ୍ଟା କରେ, ସେତେବେଳେ ବ୍ରହ୍ମ ଈଶ୍ୱର ହୋଇଯାଆନ୍ତି, କାରଣ ମଣିଷ ମାୟା ନାମକ ଏକ ଯାଦୁକରୀ ଶକ୍ତିର ପ୍ରଭାବରେ ଥାଏ । ଅର୍ଥାତ୍, ଯେତେବେଳେ ବ୍ରହ୍ମର ଛାୟା ମାୟାର ଦର୍ପଣ ଉପରେ ପଡ଼େ, ବ୍ରହ୍ମର ପ୍ରତିଫଳନ ଆମକୁ ଈଶ୍ୱର ଭାବରେ ଦେଖାଯାଏ । ଈଶ୍ୱର ଏହି ଯାଦୁକରୀ ଶକ୍ତି, 'ମାୟା' ମାଧ୍ୟମରେ ବ୍ରହ୍ମାଣ୍ଡକୁ ସୃଷ୍ଟି କରନ୍ତି ଏବଂ ଶାସନ କରନ୍ତି । ଯଦିଓ ଈଶ୍ୱର ଏକ ନକାରାତ୍ମକ ଶକ୍ତି ସହିତ ଥାଆନ୍ତି, ମାୟା ତାଙ୍କ ଉପରେ ତାଙ୍କର ନକାରାତ୍ମକ ପ୍ରଭାବ ପକାଇ ପାରନ୍ତି ନାହିଁ, ଯେପରି ଜଣେ ଯାଦୁକର ନିଜ ଯାଦୁ ଦ୍ୱାରା ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ । ମାୟା ଈଶ୍ୱରଙ୍କ ସେବକ, କିନ୍ତୁ ଆମ ଜୀବମାନଙ୍କର ମାଲିକ । ଯଦିଓ ଈଶ୍ୱର ନିରାକାର, ମାୟା ଯୋଗୁଁ, ସେ ଆମକୁ ଅନେକ ଦେବତା ଭାବରେ ଦେଖାଯାଇପାରନ୍ତି । ବିପରୀତରେ, ବୈଷ୍ଣବ ଧର୍ମ ମାନିଥାଏ ଯେ ଈଶ୍ୱର ଏବଂ ବ୍ରହ୍ମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ - ଏବଂ ବିଷ୍ଣୁ (କିମ୍ବା କୃଷ୍ଣ) ଈଶ୍ୱର । ନ୍ୟାୟ, ବୈଶେଷିକ ଏବଂ ଯୋଗ ଦର୍ଶନ ଅନୁସାରେ, ଈଶ୍ୱର ହେଉଛନ୍ତି ପରମ ଏବଂ ପରମ ଆତ୍ମା, ଚେତନା ସହିତ ସମ୍ପନ୍ନ ଏବଂ ବ୍ରହ୍ମାଣ୍ଡର ସ୍ରଷ୍ଟା ଏବଂ ଶାସକ । ଯେକୌଣସି ପରିସ୍ଥିତିରେ, ସମସ୍ତ ହିନ୍ଦୁ ବାକି ସବୁ କଥାରେ ବିଶ୍ୱାସ କରନ୍ତି: ଈଶ୍ୱର ଏକମାତ୍ର ଏବଂ ଏକମାତ୍ର । ସେ ବିଶ୍ୱବ୍ୟାପୀ ଏବଂ ପରମାତ୍ମା । ପ୍ରକୃତରେ, ଈଶ୍ୱର ହେଉଛନ୍ତି ସଗୁଣ (ବ୍ୟକ୍ତିଗତ) । ସେ ସ୍ୱୟଂ-ଅସ୍ତିତ୍ୱବାନ ଏବଂ ବ୍ରହ୍ମାଣ୍ଡର କାରଣ (ସର୍ଜ୍ଜନ କର୍ତ୍ତା) । ସେ ଉପାସନା ଏବଂ ଆରାଧ୍ୟର କେନ୍ଦ୍ର । ସେ ସିଦ୍ଧ, ଅନନ୍ତ, ଅନନ୍ତ, ସର୍ବଜ୍ଞ, ସର୍ବଶକ୍ତିମାନ ଏବଂ ସର୍ବବ୍ୟାପୀ । ସେ ପ୍ରେମ ଏବଂ ଘୃଣାର ବାହାରେ, ତଥାପି ପ୍ରେମ କରନ୍ତି ଏବଂ ତାଙ୍କ ଭକ୍ତମାନଙ୍କୁ କୃପା ପ୍ରଦାନ କରନ୍ତି । ତାଙ୍କ ଇଚ୍ଛା ବିନା, ଏହି ଜଗତରେ ଗୋଟିଏ ପତ୍ର ମଧ୍ୟ ହଲିପାରେ ନାହିଁ । ସେ ବ୍ରହ୍ମାଣ୍ଡର ନୈତିକ କ୍ରମ ବଜାୟ ରଖନ୍ତି ଏବଂ ପ୍ରାଣୀମାନଙ୍କୁ ସେମାନଙ୍କ କର୍ମ ଅନୁସାରେ ସୁଖ ଏବଂ ଦୁଃଖ ପ୍ରଦାନ କରନ୍ତି । ଶ୍ରୀମଦ୍ ଭଗବଦ୍ ଗୀତା ଅନୁସାରେ, ଯେତେବେଳେ ଜଗତରେ ନୈତିକ ଅବତାର ଅବତାର ଭାବରେ (କୃଷ୍ଣଙ୍କ ପରି) ପୃଥିବୀକୁ ଆସନ୍ତି । ଈଶ୍ୱରଙ୍କ ଅନ୍ୟାନ୍ୟ ନାମଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ: ପରମେଶ୍ୱର, ପରମାତ୍ମା, ବିଧାତା, ଭଗବାନ (ହିନ୍ଦୀରେ ସବୁଠାରୁ ସାଧାରଣ) । ଏହି ସମାନ ଈଶ୍ୱରଙ୍କୁ ଆଲ୍ଲା (ଆରବୀରେ), ମୁସଲମାନମାନେ ଖୁଦା (ପାରସୀରେ), ଖ୍ରୀଷ୍ଟିଆନମାନେ ଈଶ୍ୱର (ଇଂରାଜୀରେ) ଏବଂ ଇହୁଦୀମାନେ ଯିହୋବା (ହିବ୍ରୁରେ) ବୋଲି ଡାକନ୍ତି ।



ଦିନଲିପି
୨୪ .୧୦. ୨୦୨୬ ଶନିବାର

## ଓଡ଼ିଶା ଟୁରିଜିମ୍ କନକ୍ଲେଭ୍‌ରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ନିପ୍ର): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲ ଠାରେ ଆୟୋଜିତ ଓଡ଼ିଶା ଟୁରିଜିମ୍ କନକ୍ଲେଭ୍ ୨୦୨୬ରେ ଯୋଗଦେଇଥିଲେ । ପର୍ଯ୍ୟଟନ କ୍ଷେତ୍ରରେ ଆମ ସରକାରଙ୍କର ବିଭିନ୍ନ ନୀତି ଓ ପଦକ୍ଷେପକୁ ବାସ୍ତବ ରୂପ ଦେବାରେ ହୋଟେଲ ଓ ହସ୍ପିଟାଲିଟି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଷୟରେ ସେ ମତ ରଖିଥିଲେ।
ଆଡଭେଂଚର ଟୁରିଜିମ୍ ଓ ହୋମ୍ ଷ୍ଟେ ଭଳି ନୂତନ ପଦକ୍ଷେପ ଓଡ଼ିଶାର ପର୍ଯ୍ୟଟନକୁ ନୂଆ ଦିଗ ଦେଉଛି । ସମସ୍ତଙ୍କ ସହଯୋଗରେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀମତୀ ପରିଡା କହିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର (ଭୁବନେଶ୍ୱର)ର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଅନ୍ୟ ଅତିଥିଗଣ ଉପସ୍ଥିତ ଥିଲେ।

## ସାଇ ବାବାଙ୍କ ତିରୋଧାନ ଦିବସ ମହୋତ୍ସବ

ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳିକାଟୁ ସହର ଉପକଣ୍ଠରେ ପ୍ରତିଷ୍ଠିତ ସାଇ ସୁନ୍ଦର ଧାମ, ପୋଚିଲିମା ପରିସରରେ ବୁଧବାର ଦଶହରା ତଥା ସାଇ ବାବାଙ୍କ ତିରୋଧାନ ଦିବସ ମହୋତ୍ସବ ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଛି । ଶ୍ରୀ ଶିରିଡି ସାଇ ସେବା ସମିତି ଟ୍ରଷ୍ଟ, ପୋଚିଲିମା ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାତଃ ମହାଭିଷେକ, ସକାଳ ପୂଜାରମ୍ଭ, ମଧ୍ୟାହ୍ନ ଆଳତି ପରେ ଅପରାହ୍ନ ସମୟରେ ବ୍ରହ୍ମପୁର ସ୍ଥିତ ଜୟ ମାତା ଜୀ ଭଜନ ସନ୍ଧ୍ୟା ତରଫରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିଲ୍ଟନ୍ ଦୃଷ୍ଟି ହୀନ ସେବା ପ୍ରତିଷ୍ଠାନର ଉଦୀୟମାନ କଣ୍ଠଶିଳ୍ପୀଙ୍କ ସୁଲଳିତ କଣ୍ଠସ୍ୱର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନମୋହିତ କରିଥିଲା। ସନ୍ଧ୍ୟା ଆଳତି, ପାଲିଙ୍କି ଯାତ୍ରା ପରେ ଶାନ୍ତି ହୋମ ସମ୍ପନ୍ନ ହୋଇଥିଲା। ଅନ୍ତିମରେ ବାବାଙ୍କ ରାତ୍ର ଆଳତି ନୀତି ସମାପନ ହୋଇଥିଲା। ଟ୍ରଷ୍ଟ ସଭାପତି ପବିତ୍ର ମୋହନ ପାଣିଗ୍ରାହୀ ଓ ଉପ ସଭାପତି ମଧୁସୂଦନ ପଣ୍ଡା ମହୋତ୍ସବକୁ ପରିଚାଳନା ଓ ସହଯୋଗ କରିଥିଲେ। ହିଞ୍ଜିଳିକାଟୁ ସହର ଓ ଆଖ ପାଖ ଅଞ୍ଚଳର ବହୁ ସାଇ ଭକ୍ତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଗଣନା-୨୦୨୭

ପୁରୀ, (ନିପ୍ର): ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାବନା ସଭାଗୃହରେ ଜନଗଣନା-୨୦୨୭ ନିମନ୍ତେ ଜନସଂଖ୍ୟା ଗଣନାର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣର ପ୍ରଥମ ଦିବସ ଅନୁଷ୍ଠିତ ହୋଇଯାଇଛି। ସଠିକ୍ ତଥ୍ୟ ସଂଗ୍ରହ ଏବଂ ଜନଗଣନା-୨୦୨୭ କୁ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ଜିଲ୍ଲାର ସମସ୍ତ ଜନଗଣନା କାର୍ଯ୍ୟରେ



ନିୟୋଜିତ ଅଧିକାରୀମାନଙ୍କୁ ପ୍ରମୁଖ ପ୍ରକ୍ରିୟା ବିଷୟରେ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣ ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ନୀଳମାଧବ ଭୋଇ ସଭାପତିତ୍ୱ କରିଥିଲେ। ଏଥିରେ ଉପ-ଜିଲ୍ଲାପାଳ ତଥା ଉପ-ଖଣ୍ଡ ଜନଗଣନା ଅଧିକାରୀ ରାଜକିଶୋର ଜେନା, ଯୁଗ୍ମ କମିଶନର, ପୁରୀ ମହାନଗର ନିଗମ ଅଭିମନ୍ୟୁ ବେହେରା ଏବଂ ଉପ ଜିଲ୍ଲା ଜନଗଣନା ଅଧିକାରୀ ସୁଶ୍ରୀ ଦିବ୍ୟଜ୍ୟୋତି ଜେନା ଉପସ୍ଥିତ ଥିଲେ। ଜନଗଣନା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଦୁଇ ଜଣ ରିସୋର୍ସ ପର୍ସନ - ଜାତୀୟ ପ୍ରଶିକ୍ଷକ ତଥା ସହକାରୀ ନିର୍ଦ୍ଦେଶକ (ଜନଗଣନା) ଉମାକାନ୍ତ ସାହୁ ଏବଂ ମାଷ୍ଟର ଟ୍ରେନର ତଥା ସହକାରୀ ନିର୍ଦ୍ଦେଶକ (ଜନଗଣନା) ବିଜୟ କୁମାର ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ମୂର୍ତ୍ତି ବିସର୍ଜନ ହେଲା ସାପୁଆ ନଦୀରେ

ଆଠଗଡ଼,(ନିପ୍ର) : ଆଠଗଡ଼ ଏନଏସି ପକ୍ଷରୁ ସାପୁଆ ନଦୀ କୂଳରେ ନିର୍ମିତ ଅସ୍ଥାୟୀ କୃତ୍ରିମ ପୋଖରୀରେ କରାଯିବା ପାଇଁ ସ୍ଥିର କରାଯାଇଥିଲା। ପ୍ରଥମେ ଆଠଗଡ଼ ସହର ରାସରସିକପୁରର ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ପାଇଁ କୃତ୍ରିମ ପୋଖରୀ କୂଳରେ ସହର ପରିକ୍ରମା କରି ସାପୁଆ ନଦୀ କୂଳରେ ନିର୍ମିତ ଅସ୍ଥାୟୀ କୃତ୍ରିମ ପୋଖରୀରେ ମା'ଙ୍କ ମୂର୍ତ୍ତି ବିସର୍ଜନ ପାଇଁ ପହଞ୍ଚିଥିଲା ବେଳେ ପାଣି ନ ଥିବାରୁ ବାଧ ହୋଇ ସାପୁଆ ନଦୀରେ ବିସର୍ଜନ କରିଥିଲେ। ମୂର୍ତ୍ତି ବିସର୍ଜନ ପାଇଁ ଆସୁଥିବା ଦେଖି କୃତ୍ରିମ ପୋଖରୀରେ ପାଣି ଭର୍ତ୍ତି କରାଯାଉଥିବା ଓ ଆଲୋକ ଲଗାଯାଉଥିବାର ଦୃଶ୍ୟ ସାଧାରଣରେ ନିନ୍ଦା କରାଯାଇଛି ଏବଂ ଏନଏସି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ନେଇ ଚର୍ଚ୍ଚା ହେଉଛି।

## କାଶୀନଗର : ଶାରଦୀୟ ଦୁର୍ଗା ପୂଜା ଭସାଣି

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ଟି.ପି.ଏସ.ଓ.ଡ଼ି.ଏଲ ବିଭାଗ ଆନୁକୂଲ୍ୟରେ ଶାରଦୀୟ ଦୁର୍ଗା ପୂଜାର ଭଷାଣି ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭସାଣି ଉତ୍ସବ କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଭକ୍ତିପୂତ ଭାବେ କାଶୀନଗର ସହର ସାରା ମା'ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ଶୋଭାଯାତ୍ରା କରି ପରିକ୍ରମା କରିଥିଲେ। ଟି.ପି.ଏସ.ଓ.ଡ଼ି.ଏଲରେ କାର୍ଯ୍ୟରତ ଏସ.ଡ଼ି.ଓ ଓ ଯନ୍ତ୍ରୀ ପ୍ରତିଦିନର କାର୍ଯ୍ୟକ୍ରମ କିପରି ସୁରୁଖୁରୁରେ ସମ୍ପାଦନା ହୋଇପାରିବ ସେଥିପାଇଁ ଚେଷ୍ଟା କରୁଥିଲେ ।ଆଜିର ଏହି ଭସାଣି କାର୍ଯ୍ୟକ୍ରମରେ ବହୁଳ ଭାବେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ମହାଆଡମ୍ବର ସହକାରେ ମା ଙ୍କୁ ବଂଶଧାରା ନଦୀରେ ବିଦାୟ ଦେଇଥିଲେ।

# ଏସ୍‌ଆଇଆର ବିରୋଧରେ ତ୍ରିରଙ୍ଗା ଶୋଭାଯାତ୍ରା

ଚାନ୍ଦବାଲି/ଭଦ୍ରକ,(ନିପ୍ର): ଜ୍ଞାନେଶ କୁମାରଙ୍କୁ ବରଖାସ୍ତ ଓ ଗିରଫ, ମୁଖ୍ୟ ନିର୍ବାଚନ କମିଶନର ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ସାମିଲ କରିବା, ଜନବିରୋଧୀ ଏସ୍‌ଆଇଆର ବାତିଲ କରିବା, ଇଭିଏମ ହଟାଇ ବାଲାଟ ପେପରରେ ଭୋଟ କରାଇବା, ଆମ ଦେଶରେ ସମାନୁପାତିକ ଭୋଟ କରାଇବା, ନିର୍ବାଚନରେ ସଂପୂର୍ଣ୍ଣ ଖର୍ଚ୍ଚ ସରକାର ବହନ କରିବା, ନିର୍ବାଚନୀ ବଣ୍ଡ ମାଧ୍ୟମରେ ବହୁଜାତୀୟ କଂପାନୀ ଠାରୁ ନିର୍ବାଚନୀ ଚାନ୍ଦା ଆଣିବା ନିଷିଦ୍ଧ କରିବାକୁ ଦାବି କରାଯାଇଛି। ଏଥିସହ ଐତିହାସିକ ଯୁବ ଛାତ୍ର ଆନ୍ଦୋଳନ ଉପରେ ଦିଲ୍ଲୀ ପୋଲିସ ଓ କେନ୍ଦ୍ରୀୟ ଫୋର୍ସର ଦମନ ବନ୍ଦ କରିବା, ଆମ ଜାତୀୟ ପତାକାର ସୁରକ୍ଷା, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା, ଆମ ଦେଶର ମହିଳାମାନଙ୍କ ସୁରକ୍ଷା ଓ ନିରାପତ୍ତା, ଏପଷ୍ଟିନ୍ ଫାଇଲ୍ ଘଟଣାରେ ହରଦିପ ସିଂ ପୁରୀଙ୍କୁ ଗିରଫ କରିବା, ଏପଷ୍ଟିନ୍ ଫାଇଲ୍ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂପୃକ୍ତି ଘଟଣାରେ ନ୍ୟାୟିକ ତଦନ୍ତ, ଚାନ୍ଦବାଲି ବ୍ଲକର ସମସ୍ତ ଚାଷୀ ଓ ଭାଗଚାଷୀ ମାନଙ୍କ ଋଣ ଛାଡ କରିବା ଆଦି ଦାବି ନେଇ 'ଏସ୍‌ଆଇଆର ବିରୁଦ୍ଧରେ ଜନଗଣ' ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ




ଚାନ୍ଦବାଲି ସହରରେ ବିଶାଳ ଶୋଭାଯାତ୍ରା ସଂଗଠିତ ହୋଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ଶ୍ରମିକ ନେତା ବିଷ୍ଣୁ ଦାଶ, ଓଡିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଡିୱାଇଏଫଆଇ ଜିଲ୍ଲା ସଂଯୋଜକ ବିନୋଦ ସାହୁ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଚାନ୍ଦବାଲି ବ୍ଲକ ସଂପାଦିକା କୁମୁଦିନୀ ଭୋଇ, ଓଡିଶା ପାଚିକା ଓ ସହାୟିକା ସଂଘ ବ୍ଲକ ସଂପାଦିକା ଅର୍ଣ୍ଣପୂର୍ଣ୍ଣା ସେଠୀ, ଓଡିଶା କୃଷକ ସଭା ବ୍ଲକ ସଭାପତି ଗୌରାଙ୍ଗ ଯେନା, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଅଶୋକ ବେହେରା, ମହିଳା ନେତ୍ରୀ ପ୍ରତିଭା ପଣ୍ଡା, ଦଳିତ ନେତା ହାକିମ ଦାସ, ଚାଷୀ ନେତା ବ୍ରହ୍ମାନନ୍ଦ ପରିଡା ପ୍ରମୁଖ ଯୋଗଦେଇ ସ୍ୱାଧୀନତା, ଧର୍ମନିରପେକ୍ଷ ଗଣତନ୍ତ୍ର, ସମ୍ବିଧାନର ସୁରକ୍ଷା ଦାବିରେ ଓ ସରକାରଙ୍କ ଏକଛତ୍ରବାଦୀ- ନବ୍ୟଫାଶୀବାଦୀ କୁଶାସନ ବିରୋଧରେ ଚାନ୍ଦବାଲିରେ ଲଢେଇ ଜାରି ରହିବ ବୋଲି ପ୍ରକାଶ କରିଥିଲେ ।

# ସ୍ୱତନ୍ତ୍ର ଅଭିଯାନ ୬.୦: ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ 'ରେଳ ଜନ ସମ୍ବାଦ'

ଭୁବନେଶ୍ୱର : ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ୬.୦ର ଅଂଶସ୍ୱରୂପ ଭାରତୀୟ ରେଳବାଇ ପକ୍ଷରୁ ଦେଶର ୭,୦୦୦ରୁ ଅଧିକ ରେଳ ଷ୍ଟେସନରେ ଦେଶବ୍ୟାପୀ ଜନସମ୍ପର୍କ କାର୍ଯ୍ୟକ୍ରମ 'ରେଳ ଜନ ସମ୍ବାଦ 'ଆୟୋଜନ କରାଯାଇଥିଲା। ଯାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା, ସେମାନଙ୍କ ସମସ୍ୟା ଓ ଅଭିଯୋଗର ସମାଧାନ କରିବା ଏବଂ ରେଳସେବା ଓ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା ପାଇଁ ମୂଲ୍ୟବାନ ପରାମର୍ଶ ସଂଗ୍ରହ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।
ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ପୁରୀ ରେଳ ଷ୍ଟେସନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେ ଯାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅନୁଭୂତି, ମତାମତ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା, ଷ୍ଟେସନ ପରିସରର ବିକାଶ କରିବା ଏବଂ ରେଳସେବାର ମାନ ବୃଦ୍ଧି କରିବା ନିମନ୍ତେ ସେ ଯାତ୍ରୀମାନଙ୍କ ଠାରୁ ମତାମତ ଓ ପରାମର୍ଶ ଲୋଡ଼ିଥିଲେ। ଏହି ଅବସରରେ ମଣ୍ଡଳ ଅଧୀନରେ ଥିବା ଅନ୍ୟାନ୍ୟ ଷ୍ଟେସନରେ ମଧ୍ୟ ଅତିରିକ୍ତ ମଣ୍ଡଳ




ରେଳ ପ୍ରବନ୍ଧକ ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଏକକାଳୀନ ଆଲୋଚନା, ଯାତ୍ରୀମାନଙ୍କ ମତାମତ ସଂଗ୍ରହ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀମାନଙ୍କ ସହ ସିଧାସଳଖ ନିଜର ମତାମତ ଓ ପରାମର୍ଶ ବିନିମୟ କରିବାର ସୁଯୋଗ ପାଇଥିଲେ।
ଏଥିସହ ମଣ୍ଡଳର ବିଭିନ୍ନ ରେଳ ଷ୍ଟେସନରେ ସ୍ୱଚ୍ଛତା ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ରେଳ କର୍ମଚାରୀମାନେ ପ୍ଲାଟଫର୍ମ, ଷ୍ଟେସନ ପରିସର ଓ ଏହାର ଆଖପାଖ ଅଞ୍ଚଳକୁ ସଫାସୁତୁରା ରଖିବାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।
ଯାତ୍ରୀମାନଙ୍କ ପାଇଁ ପରିଷ୍କାର ପରିଚ୍ଛନ୍ନ, ସୁସ୍ଥ ଓ ମନୋରମ ପରିବେଶ ସୁନିଶ୍ଚିତ କରିବା ଉପରେ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।
ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନରେ ଥିବା ଅନୁଗୁଳ, ବାଲୁଗାଁ, ଭଦ୍ରକ, ଭୁବନେଶ୍ୱର, ବ୍ରହ୍ମପୁର, କଟକ, ଢେଙ୍କାନାଳ, ଯାଜପୁର କେନ୍ଦୁଝର ରୋଡ୍, ଖୋର୍ଦ୍ଧା ରୋଡ୍, ପାରାଦୀପ, ପୁରୀ, ତାଳଚେର, ତାଳଚେର ରୋଡ୍, କେନ୍ଦୁଝରଗଡ଼ ସମେତ ଅନ୍ୟାନ୍ୟ ପ୍ରମୁଖ ରେଳ ଷ୍ଟେସନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଖୋର୍ଦ୍ଧା ରୋଡ୍ ମଣ୍ଡଳ ଯାତ୍ରୀକୈନ୍ଦ୍ରିକ ସେବା ପ୍ରଦାନ, ଅଭିଯୋଗର ତ୍ୱରିତ ଓ ପ୍ରଭାବୀ ସମାଧାନ, ଯାତ୍ରୀ ସୁବିଧାର ବିକାଶ ଏବଂ ରେଳ ଷ୍ଟେସନଗୁଡ଼ିକରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରତିବଦ୍ଧ। ଯାତ୍ରୀମାନଙ୍କ ସହ ନିରନ୍ତର ଯୋଗାଯୋଗ ରକ୍ଷା କରିବା ଓ ରେଳସେବାର ମାନରେ ନିରନ୍ତର ଉନ୍ନତି ଆଣିବା ମାଧ୍ୟମରେ ସମସ୍ତଙ୍କ ପାଇଁ ନିରାପଦ, ନିର୍ଭରଯୋଗ୍ୟ ଓ ଆରାମଦାୟକ ରେଳଯାତ୍ରା ସୁନିଶ୍ଚିତ କରିବାକୁ ମଣ୍ଡଳ ପୁନର୍ବାର ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି।

# ନଭେମ୍ବରରେ କନ୍ଧମାଳ ରାଜ୍ୟସ୍ତରୀୟ ପ୍ରାକୃତିକ କୃଷି ସମ୍ମିଳନୀ

କନ୍ଧମାଳ,(ନିପ୍ର): ପ୍ରାକୃତିକ କୃଷିର ପ୍ରଚାର ଏବଂ କୃଷି-ପରିବେଶଗତ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ନ୍ୟାସନାଲ୍ କୋଆଲିସନ୍ ଫର୍ ନ୍ୟାଚୁରାଲ୍ ଫାର୍ମିଂ, କନ୍ଧମାଳ ଶାଖା ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ନଭେମ୍ବର ୨୦୨୬ରେ ଦୁଇ ଦିନିଆ ରାଜ୍ୟସ୍ତରୀୟ ପ୍ରାକୃତିକ କୃଷି ସମ୍ମିଳନୀ ଆୟୋଜନ କରାଯିବାକୁ ଯୋଜନା କରାଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୩୦୦ରୁ ଅଧିକ ଅଂଶୀଦାର ଯୋଗଦେଇ ପ୍ରାକୃତିକ କୃଷି ଓ କୃଷି-ପରିବେଶଗତ ପରିବର୍ତ୍ତନର ପ୍ରସାର ପାଇଁ ଆଲୋଚନା କରିବେ।
ସମ୍ମିଳନୀରେ ଆଦର୍ଶ କୃଷକ, ଦେଶୀ ବିହନ ସଂରକ୍ଷକ, କୃଷି ମିତ୍ର, ପ୍ରାଣୀ ମିତ୍ର, ଜୈବବିବିଧତା ସଂରକ୍ଷଣକାରୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି, ସରକାରୀ ଅଧିକାରୀ, ଗବେଷକ ଏବଂ ସ୍ଥାୟୀ କୃଷି ଓ ଖାଦ୍ୟ ବ୍ୟବସ୍ଥାର ବିକାଶ ପାଇଁ କାର୍ଯ୍ୟରତ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେବେ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ଦ୍ୱାରା ପ୍ରାକୃତିକ କୃଷିଜାତ ଉତ୍ପାଦ ଓ କୃଷି ପଦ୍ଧତିର ପ୍ରଦର୍ଶନୀ ଏବଂ ଜୀବନ୍ତ ପ୍ରଦର୍ଶନ କରାଯିବ। ସ୍ଥାୟୀ କୃଷି, ଜୈବବିବିଧତା ସଂରକ୍ଷଣ ଏବଂ ପ୍ରାକୃତିକ କୃଷିର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କନ୍ଧମାଳ ଜିଲ୍ଲାର ଆଦର୍ଶ କୃଷକମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ।
ଏହି ପରିପ୍ରେକ୍ଷୀରେ, ଅକ୍ଟୋବର ୨୩ ତାରିଖରେ ଓଡ଼ିଶାର ଏକ ପ୍ରତିନିଧିମଣ୍ଡଳୀ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ବେଦଭୂଷଣଙ୍କୁ ସହ ସାକ୍ଷାତ କରି ପ୍ରସ୍ତାବିତ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସହଯୋଗ ଯୋଗାଇଦେବାକୁ ଆଶ୍ୱାସନା ଦେଇଥିଲେ। ଏହାପରେ ଏନସିଏନଏଫ କନ୍ଧମାଳ ଶାଖାର ସହଯୋଗୀ ସାମାଜିକ ସଂଗଠନଗୁଡ଼ିକ ଫୁଲବାଣୀସ୍ଥିତ କସମ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ। ଏହି ବୈଠକରେ ସମ୍ମିଳନୀର ଆୟୋଜନ, ଯୋଜନା ପ୍ରସ୍ତୁତି ଏବଂ ସାମୂହିକ ପ୍ରୟାସ ମାଧ୍ୟମରେ ଏହାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା।
ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷକ-ନେତୃତ୍ୱାଧୀନ ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା, ପ୍ରାକୃତିକ କୃଷି ପଦ୍ଧତିର ପ୍ରସାର କରିବା, ଦେଶୀ ବିହନ ଓ ଜୈବ ବିବିଧତାର ସଂରକ୍ଷଣ କରିବା ଏବଂ କୃଷକ, ସାମାଜିକ ସଂଗଠନ ଓ ସରକାରୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରି କନ୍ଧମାଳ ଜିଲ୍ଲାର କୃଷି-ପରିବେଶଗତ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା। କନ୍ଧମାଳକୁ ଏକ ଜୈବିକ ଓ ପ୍ରାକୃତିକ କୃଷିର ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ତୃଣମୂଳ ସ୍ତରର ଅନୁଭୂତି ବିନିମୟ, ସ୍ଥାନୀୟ ନୂତନ ଉଦ୍ଭାବନର ପ୍ରଦର୍ଶନ ଏବଂ ସ୍ଥାୟୀ କୃଷି ବିକାଶ ପାଇଁ ଏକ ସାମୂହିକ ରୂପରେଖ ପ୍ରସ୍ତୁତ କରିବାର ମଞ୍ଚ ଯୋଗାଇଦେବ।

## ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟର୍ଚ୍ଚ ଲାଇଟରେ ଚାଲୁଛି ରୋଗୀ ଚିକିତ୍ସା !

ସାଲେପୁର,(ନିପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହିତ ଅନେକ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟସେବା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମିର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ବେଳେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିକଳ ଚିତ୍ର ଦେଖିବାକୁ ମିଳିଛି।



ବିଦ୍ୟୁତ ସରବରାହ କୌଣସି କାରଣରୁ ବିଚ୍ଛିନ୍ନ ହୋଇଗଲେ, ସମ୍ପୂର୍ଣ୍ଣ ଡାକ୍ତରଖାନାଟି ଅନ୍ଧାରମୟ ହୋଇଯାଉଛି,ଜେନେଟର କିମ୍ବା ଇନଭର୍ଟର ବ୍ୟବସ୍ଥା ନ ଥିବାରୁ ମୋବାଇଲ ଲାଇଟ ଓ ଟର୍ଚ୍ଚ ଲାଇଟ୍ ସହାୟତାରେ ରୋଗୀ ମାନଙ୍କର ଚିକିତ୍ସା କରାଯାଉଥିବା ଅଭିଯୋଗ ହେଉଛି। ପ୍ରାୟ ୮ ଦିନ ହେବ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ଡି ଜି ମେସିନ୍ ଖରାପ ହୋଇଯାଇଛି। ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେଲେ ବିକଳ୍ପ ଭାବେ ଡି ଜି ମାଧ୍ୟମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କରେଣ୍ଟ ବ୍ୟବସ୍ଥା କରାଯାଇଥାଏ। ତେବେ ଡି ଜି ମେସିନ ଖରାପ ହୋଇଥିବା ବେଳେ କ'ଣ ପାଇଁ ଏହି ମେସିନକୁ ସଜଡା ବା ଠିକ୍ କରାଯାଉନାହିଁ । ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟର୍ଚ୍ଚ ଲାଇଟ୍ ସହାୟତାରେ ରୋଗୀ ଚିକିତ୍ସା ହେଉଥିବା ଦେଖି ରୋଗୀଙ୍କ ସମ୍ପର୍କୀୟମାନେ ସେଠାରେ ହୋହାଲ୍ଲା କରିଥିଲେ।ଏପରିକି ଟର୍ଚ୍ଚ ଲାଇଟରେ ରୋଗୀ ଚିକିତ୍ସା ହେଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିଛି। ଏ ସମ୍ପର୍କରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟଙ୍କୁ ପଚାରିବାରେ ଡି ଜି ଖରାପ ହୋଇଥିବା ଘଟଣାକୁ ସେ ସ୍ୱୀକାର କରିବା ସହ ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

## ଗଣିଆ ପ୍ରିମିୟର ଲିଗ: କ୍ରିକେଟ୍ କିଙ୍ଗ୍‌ସ ଇଲେଭେନ ଚାମ୍ପିଅନ

ଗଣିଆ,(ନିପ୍ର): ଗଣିଆ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ୪ଦିନ ଧରି ଅନୁଷ୍ଠିତ ହେଉଥିବାବେଳେ ୨ୟ କ୍ୱାଲିଫାଏଡ଼ ମ୍ୟାଚ ବିକ୍ରମ ଟାଇଗର ବନାମ କ୍ରିକେଟ ଭୀର ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଭୀର ଇଲେଭେନ ଟସ୍ ଉଇନ କରି ଫିଲଡିଂ କରିବାକୁ ଚୟନ କରିଥିଲା । ବିକ୍ରମ ଟାଇଗର ବ୍ୟାଟିଂ କରି ୧୦ ଓଭରରେ ୬ଗୋଟି ଉଇକେଟ ହରାଇ ୧୦୫ ରନ କରିଥିଲା । ଜବାବରେ ଭୀର ଇଲେଭେନ ୮.୨ ଓଭରରେ ୨ ଉଇକେଟ ହରାଇ ୧୦୬ ରନ କରି ବିଜୟୀ ହୋଇଥିଲା । ଉକ୍ତ ମ୍ୟାଚରେ ମୁଖ୍ୟ ଅତିଥିଭାବେ ଆଂଚଳିକ ସାମ୍ବାଦିକ ସଂଘ, ଗଣିଆର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ, ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବାଳକୃଷ୍ଣ ରାଉତ, ଶୁଭ୍ରାଂଶୁ ଶେଖର ମହାରଣା, ବ୍ରଜବନ୍ଧୁ ଦେହୁରୀ, ସଦାଶିବ ପାତ୍ର ଓ ସନ୍ଦୀପ କୁମାର ପାଣିଗ୍ରାହୀ ଯୋଗଦାନ କରି ଖେଳାଳୀମାନଙ୍କୁ ଉତ୍ସାହିତ



କରିଥିଲେ । ସେହିପରି ଭୀର ଇଲେଭେନ୍ ଓ କିଙ୍ଗସ୍ ଇଲେଭେନ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଭୀର ଇଲେଭେନ ଟସ ଉଇନ କରି ଫିଲଡିଂ କରିବାକୁ ଚୟନ କରିଥିଲା । କିଙ୍ଗ୍‌ସ ଇଲେଭେନ୍ ବ୍ୟାଟିଂ କରି ୧୦ ଓଭରରେ ୬ଗୋଟି ଉଇକେଟ ହରାଇ ୧୬୧ ରନ କରିଥିଲା । ଜବାବରେ ଭୀର ଇଲେଭେନ ୧୦ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରି ୨୬ରନରେ ପରାସ୍ତ ହୋଇଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥିଭାବେ ଗଣିଆ ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଗଣିଆ ସରପଂଚ ଗିରିଧାରୀ ସେଠୀ, ନୟାଗଡ଼ ଜିଲା ବିଜେପି ଉପସଭାପତି ଚନ୍ଦ୍ରଶେଖର ଦାଶ ପ୍ରମୁଖ ଖେଳାଳୀମାନଙ୍କ ସହିତ ପଡ଼ିଆରେ ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରିକେଟ କିଙ୍ଗ୍‌ସ ଇଲେଭେନ୍‌ର ଖେଳାଳୀ ଜୀବନଜ୍ୟୋତି ପଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ କିଙ୍ଗ୍‌ସ ଇଲେଭେନ୍ ଟିମର ମାନସ ମଲ୍ଲିକଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା ।

## ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ -୨୦୨୬ ଉଦ୍‌ଘାଟିତ

ଭୁବନେଶ୍ୱର: ତ୍ରିଧାରାଦ୍ୱାରା ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗସହଯୋଗରେ ଆୟୋଜିତ ୨୦ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ ୨୦୨୬ ୨୨ ଅକ୍ଟୋବର ୨୦୨୬ରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଆନୁଷ୍ଠାନିକ ଭାବରେ ଉଦ୍ଘାଟିତ ହୋଇଯାଇଛି । ଏହି ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ରବିନ୍ଦ୍ର ମଣ୍ଡପରେ ସନ୍ଧ୍ୟା ଘ ୬.୩୦ ରୁ ଆୟୋଜିତ ହେବ । ଏହି ପୁରସ୍କାର ଉତ୍ସବ



ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ କିମ୍ବଦନ୍ତୀ ଗୁରୁ ତଥା ଯୁବଶିଳ୍ପୀମାନଙ୍କୁ ସମ୍ମାନ ପ୍ରଦାନ କରିବା ତଥା ସୋନଙ୍କର କଳାର ପ୍ରଚାର ଓ ପ୍ରସାର କରିବା ଏଥିସହିତ ଓଡ଼ିଶୀ ନୃତ୍ୟ ତଥା ଓଡ଼ିଶାର ଆଦିବାସୀ ନୃତ୍ୟ, ଲୋକ ନୃତ୍ୟ, ପାରମ୍ପାରିକ ନୃତ୍ୟ କ୍ଷେତ୍ରରେ ଗୁରୁ ଦେବପ୍ରସାଦ ଦାସଙ୍କ ଘରାନାକୁ ପ୍ରୋତ୍ସାହିତ କରିବା।

# କିଟ୍‌ରେ ଏସୀୟ କ୍ରୀଡ଼ା ଓ ରାଜ୍ୟଗୋଷ୍ଠୀ ପଦକ ବିଜେତା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା, ମୋଟ ପ୍ରୋତ୍ସାହନ ରାଶି ଅଢ଼େଇ କୋଟି

ଭୁବନେଶ୍ୱର : ଜାପାନରେ ଆୟୋଜିତ ୨୦୨୬ ଏସୀୟ କ୍ରୀଡ଼ା ଓ ଗ୍ଲାସ୍‌ଗୋରେ ଆୟୋଜିତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଫଳତା ହାସଲ କରିଥିବା କିଟ୍ ଓ କିସ୍‌ର କ୍ରୀଡ଼ାବିତ୍‌ଙ୍କୁ ଶୁକ୍ରବାର କିଟ୍ ପରିସରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମାରୋହରେ କିଟ୍ ଓ କିସ୍ ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ମୋଟ ୨୧ ଜଣ ପଦକଧାରୀ କିଟ୍ ବିଶ୍ୱବିଦ୍ୟାଳୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା ସହ ମୋଟ ପ୍ରୋତ୍ସାହନ ରାଶି ୨କୋଟି ୫୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।
ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଜାପାନରେ ଅନୁଷ୍ଠିତ ୨୦ତମ ଏସୀୟ କ୍ରୀଡ଼ାରେ କିଟ୍ ଓ କିସ୍‌ର ୫୭ ଜଣ ଛାତ୍ରଛାତ୍ରୀ କ୍ରୀଡ଼ାବିତ୍ ଭାରତର ପ୍ରତିନିଧିତ୍ୱ କରିଥିଲେ। ଗୋଟିଏ ଭାରତୀୟ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଏହା ସର୍ବବୃହତ୍ ଦଳ ଥିଲା। ଏହି ପ୍ରତିଯୋଗିତାରେ କିଟ୍‌ର କ୍ରୀଡ଼ାବିତ୍‌ମାନେ ବିଭିନ୍ନ ବିଭାଗରେ ମୋଟ ୨୧ଟି ପଦକ ହାସଲ




କରିଥିଲେ, ଯାହା କି ପଞ୍ଜାବ ରାଜ୍ୟ ହାସଲ କରିଥିବା ପଦକ ସଂଖ୍ୟା ସହ ସମାନ। ସେହିପରି ଗ୍ଲାସଗୋଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କିଟ୍‌ର ୧୪ ଜଣ କ୍ରୀଡ଼ାବିତ୍ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ପଦକ ଜିତିଥିଲେ।
ଏହି ସମାରୋହରେ ପଦକ ବିଜେତା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରି ପ୍ରତିଷ୍ଠାତା ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ସହ ସମ୍ମାନ ପ୍ରଦାନ କରିଆସୁଛି। କିଟ୍ ଓ କିସ୍‌ର ବିଭିନ୍ନ ଷ୍ଟାଡ଼ିୟମ ଭାରତର ବିଭିନ୍ନ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ନାମରେ ନାମିତ କରାଯାଇଛି। କ୍ରୀଡ଼ାବିତ୍‌ମାନେ ଉଚ୍ଚଶିକ୍ଷା ଲାଭ କରିବା ସହ କ୍ରୀଡ଼ାରେ ଉତ୍କର୍ଷତା ପ୍ରତିପାଦନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧାସୁଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦେଇଆସୁଛି ବୋଲି ଶ୍ରୀ ସାମନ୍ତ କହିଥିଲେ।
ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୭ଲକ୍ଷ, ରୌପ୍ୟ ପଦକ ବିଜେତାଙ୍କୁ ୫ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୩ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ୫ ଲକ୍ଷ, ରୌପ୍ୟ ପଦକ ବିଜେତାଙ୍କୁ ୩ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୨ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ଉଭୟ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।
ଏହି କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଅନୁରାଧା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ସାଇକ୍ଲିଷ୍ଟ ମୀନତି ମହାପାତ୍ର, ଓଡ଼ିଶା ସରକାରଙ୍କ ଆଥଲେଟିକ୍ କୋଚ୍ ସଞ୍ଜୟ ଗଡ଼ନାୟକ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ତଥା କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଳବାଇ ଶାସନ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ବସ୍ ସେବା ପାଇଁ ସ୍ଥିତି ଅନୁଧ୍ୟାନ

ନିରାକାରପୁର,(ନିପ୍ର): ଖୋରଧା ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଗୋଳବାଇ ଶାସନ ଗ୍ରାମପଞ୍ଚାୟତ ଗସ୍ତ କରି 'ମୁଖ୍ୟମନ୍ତ୍ରୀ ବସ୍ ସେବା' ଯୋଜନାରେ ବସ୍ ଚଳାଚଳ ପାଇଁ ଆନୁଷଙ୍ଗିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେମାନେ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରି ଆଗାମୀ ଦିନରେ ଏହି ପଞ୍ଚାୟତକୁ ବସ୍ ସେବା ଯୋଗାଇ ଦିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।ପ୍ରକାଶ ଥାଉକି, ଉକ୍ତ ପଞ୍ଚାୟତରେ ବସ୍ ଷ୍ଟପ୍ ଥାଇ ମଧ୍ୟ ଦୀର୍ଘଦିନ ହେବ ବସ୍ ସେବା ମିଳିପାରି ନ ଥିଲା। ସମସ୍ୟାର ସମାଧାନ ପାଇଁ ଯୁବ ସମାଜସେବୀ ରଶ୍ମିକାନ୍ତ କଳସଙ୍କ ନେତୃତ୍ୱରେ ପଞ୍ଚାୟତର ଜନସାଧାରଣ ଏକାଧିକବାର ଖୋରଧା ଜିଲ୍ଲାପାଳ, ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିଲେ। ଲୋକଙ୍କ ଏହି ଯଥାର୍ଥ ଦାବିକୁ ଗ୍ରହଣ କରି ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ କ୍ଷେତ୍ର ପରିଦର୍ଶନ କରିବା ସହ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଗୋଳବାଇ ଶାସନ ପଞ୍ଚାୟତକୁ ବସ୍ ସେବା ଆରମ୍ଭ ହେବ ବେଳେ ଆଶା ପ୍ରକାଶ ପାଇଛି।

ତିଥି :(ତ୍ରୟୋଦଶୀ): (ଉତ୍ତରଭାଦ୍ର ମୀନ)
ଅମୃତ ବେଳା: ଦିବା ଘ ୬।୩୬ ମଧ୍ୟେ ଘ୭।୨୪ ଗତେ

## ଆଜିର ଅନୁଚିନ୍ତନ

ହେ ଭରତଶ୍ରେଷ୍ଠ ଅର୍ଜୁନ ! ମୁଁ ବଳବାନଙ୍କର କାମ ଓ ରାଗ ବିବର୍ଜିତ ବଳ ଏବଂ ପ୍ରାଣୀମାନଙ୍କ ଠାରେ ଧର୍ମର ଅବିରୁଦ୍ଧ କାମ ଅଟେ ।

।।। - ଶ୍ରୀମଦ୍ ଭଗବଦ୍ ଗୀତା

# ବିକଳ୍ପ ଇନ୍ଧନ ଚିନ୍ତା କରାଯାଉ

ବିଶ୍ୱ ତୈଳ ଯୋଜନାର ଏକ ବଡ଼ ଅଂଶ କହିଲେ ହର୍ମୁଜ ପ୍ରଣାଳୀକୁ ବୁଝାଏ । ପାରସ୍ୟ ଉପସାଗର ସହ ଏହାର ସଂଯୋଗ ଆରବ ସାଗର ସହିତ ରହିଛି । ଷ୍ଟ୍ରାଟେଜିକ ଏନର୍ଜି ମ୍ୟାପ ୱେବସାଇଟ୍‌ର ତଥ୍ୟ ମୁତାବକ ଗତ ୨୦ ତାରିଖରେ ଆଲୋଚ୍ୟ ପ୍ରଣାଳୀ ଦେଇ ଚଳାଚଳ କରିଥିବା ତେଲ ଟ୍ୟାଙ୍କର ୧୦୦ ପ୍ରତିଶତରୁ ଥିଲା ମାତ୍ର ୧ ପ୍ରତିଶତ । ଆମେରିକା - ଇରାନ ଯୁଦ୍ଧ ପରବର୍ତ୍ତୀ ସମୟଠାରୁ ତୈଳ ସଂକଟ କେତେ ମାତ୍ରାରେ ବିଶ୍ୱକୁ ପ୍ରଭାବିତ କରିଛି ତାହା ସମସ୍ତେ ଜାଣନ୍ତି । ଏହା ସତ୍ତ୍ୱେ ଇସ୍ରାଏଲ ଓ ଆମେରିକା ମିଳିତ ଭାବରେ ନିକଟ ଭବିଷ୍ୟତରେ ପୁଣି ଇରାନ ଉପରେ ଆକ୍ରମଣ କରିବାକୁ ଅଣ୍ଟା ଭିଡ଼ିଥିବା ଚର୍ଚ୍ଚା ହେଉଛି । ନିକଟରେ ଅନ୍ୟୂନ ୭ଟି ଜାହାଜ ଉପରେ ଇରାନ ଆକ୍ରମଣ କରିଥିଲା, ଯେଉଁ ଗୁଡ଼ିକ ହର୍ମୁଜ ପ୍ରଣାଳୀ ଦେଇ ଚଳାଚଳ ଲାଗି ଉଦ୍ୟମ କରୁଥିଲେ । ସେସବୁ କେଉଁ ଦେଶର ଜାହାଜ, କିଏ ମାଲିକ ଓ କେତେ କ୍ଷୟକ୍ଷତି ଘଟିଛି ସେ ସଂପର୍କରେ ତଥ୍ୟ ଏଯାବତ୍ ଜଣାପଡ଼ିନାହିଁ । ଅପରପକ୍ଷେ ନିକଟରେ ୟୁକ୍ରେନ ରୁଷିଆ ସ୍ଥିତ ତୈଳ ଭିତ୍ତିଭୂମି ଉପରେ ବ୍ୟାପକ ଭାବରେ ଡ୍ରୋନ ଯୋଗେ ଆକ୍ରମଣ କରିଛି । ଦୀର୍ଘ ଦିନ ହେବ ଏହି ଯୁଦ୍ଧ ଚାଲିଥିଲେ ବି ଏହାର ଅନ୍ତ ଘଟୁନାହିଁ । ଉଭୟ ଯୁଦ୍ଧ କାରଣରୁ ତୈଳ ଯୋଗାଣ ନିରବଚ୍ଛିନ୍ନ ଭାବରେ ହୋଇପାରୁନଥିବା ଜଣାଶୁଣା ।

ଏହାରି ମଧ୍ୟରେ ଅଶୋଧିତ ତୈଳ ଦର ତିନି ପ୍ରତିଶତ ଅଧିକ ବଢିବା ଫଳରେ ଅନ୍ତର୍ଜାତୀୟ ବିନିମୟ ବା ଆଇସିଇ ମୁତାବକ ବ୍ୟାରେଲ ପିଛା ଦର ୧୧୨.୨୩ ଡଲାରକୁ ବୃଦ୍ଧି ପାଇଛି । ଏହା ସତ ଯେ ମଧ୍ୟ ପ୍ରାଚ୍ୟରେ ଅଶୋଧିତ ତୈଳ ଆମ ଦେଶ ଦ୍ୱାରା ଆମଦାନି ପୂର୍ବାପେକ୍ଷା ବଢିଛି । ପୁଣି ସଂଯୁକ୍ତ ଆରବ ଏମିରେଟ ଓ ଇରାନ ପଛକୁ ଆମ ଦେଶ ରୁଷିଆରୁ ତୈଳ ଆମଦାନି କରୁଛି । ଗତ ଫେବୃଆରୀରୁ ଅଗଷ୍ଟ ସୁଦ୍ଧା ଦେଖିଲେ ଅଶୋଧିତ ତୈଳ ଆମଦାନୀ ୩୨ ପ୍ରତିଶତ ବୃଦ୍ଧି ପାଇଛି ।

ଭାରତ କଥାକୁ ବାଦ୍ ଦେଇ ଯଦି ୟୁରୋପୀୟ ଦେଶଗୁଡ଼ିକ କଥା ବିଚାରକୁ ନିଆଯାଏ ତେବେ ଜଣାପଡ଼େ ଯେ ୩୦ଲକ୍ଷ କୋଟି ଡଲାରରୁ ଅଧିକ ମୂଲ୍ୟର ତୈଳ ଓ ଗ୍ୟାସ୍ ବା ଇନ୍ଧନ ରୁଷିଆରୁ କିଣିସାରିଛନ୍ତି । ରୁଷ୍ ଠାରୁ ଚଳିତ ବର୍ଷର ପ୍ରଥମ ୯ ମାସରେ ୟୁରୋପୀୟ ଦେଶଗୁଡ଼ିକ କିଣିଛନ୍ତି ପ୍ରାୟ ୨.୦୩ ଲକ୍ଷ କୋଟି ଡଲାରର ଇନ୍ଧନ । ସ୍ମରଣକରାଯାଇପାରେ ଟ୍ରମ୍ପ ପ୍ରଶାସନ ରୁଷ୍ ଠାରୁ ତୈଳ କିଣୁଥିବା ଭାରତ ସମେତ ଅନ୍ୟ କେତେକ ଦେଶ ଉପରେ ଅତିରିକ୍ତ ଶୁଳ୍କ ଲଗାଇଥିଲା । ମାତ୍ର ୟୁରୋପୀୟ ଦେଶଗୁଡ଼ିକୁ ଏଥିରୁ ଛାଡ଼ କରିଥିଲା । ଟ୍ରମ୍ପ ପ୍ରଶାସନର ଏପରି ଦୋମୁହାଁ ନୀତିକୁ ବହୁ ସମାଲୋଚନା କରାଯାଇଥିଲା । ପରେ ଅବଶ୍ୟ ଟ୍ରମ୍ପ ପ୍ରଶାସନ ନିଜ ଆଭିମୁଖ୍ୟରୁ ଓହରିଥିଲା ଓ କହିଥିଲା ଆମେରିକାର ସ୍ୱାର୍ଥରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା । ଏଥିରୁ ସୂଚାଏ ଯେ ବିଶ୍ୱରେ ତୈଳ ଓ ଗ୍ୟାସର ଚାହିଦା ଯୁଦ୍ଧ ପରବର୍ତ୍ତୀ ସମୟରୁ ବଢିଚାଲିଛି ସିନା କମୁନାହିଁ ।

ଏ ପରିପ୍ରେକ୍ଷୀରେ ଆତ୍ମନିର୍ଭର ଭାରତ ନେଇ ସ୍ଲୋଗାନ ଦେଇଆସୁଥିବା କେନ୍ଦ୍ର ସରକାର ତୈଳ ଓ ଗ୍ୟାସର ବିକଳ୍ପର ସନ୍ଧାନ ସ୍ୱରୂପ ପୁନଃନବୀକରଣୀୟ ଶକ୍ତି ବା ସୌର ଶକ୍ତିରେ ସମୃଦ୍ଧ ହେବାର ସମୟ ଉପନୀତ ହେଲାଣି । ମାତ୍ର ଏହି ବିକଳ୍ପ ଶକ୍ତିରେ ଆତ୍ମନିର୍ଭରତା ଏପର୍ଯ୍ୟନ୍ତ ଆଶାନୁରୂପ ହୋଇନାହିଁ । ଏ ଦୃଷ୍ଟିରୁ କେନ୍ଦ୍ର ସରକାର କିଭଳି ବିକଳ୍ପ ଶକ୍ତି ବ୍ୟାପାରରେ ଆଗକୁ ବଢିବାର ସାମର୍ଥ୍ୟ ସଞ୍ଚୟ କରିବେ, ସେନେଇ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଅତ୍ୟନ୍ତ ଆବଶ୍ୟକ ।

# ରାଜନୀତିରେ ଟିକେଟ୍ ଅଗଣତାନ୍ତ୍ରିକ

**ଅଧ୍ୟାପକ ଗୋପବନ୍ଧୁ**

> **ଟିକେଟ୍ ବଣ୍ଟନ ଏକ ଅଗଣତାନ୍ତ୍ରିକ ପ୍ରକ୍ରିୟା । କେଉଁ ଅଞ୍ଚଳରୁ କିଏ ପ୍ରାର୍ଥୀ ହେବେ ଏହା ସେହି ଅଞ୍ଚଳର କର୍ମୀମାନେ ବାଛିବା ହେଉଛି ଗଣତାନ୍ତ୍ରିକ ପଦ୍ଧତି । ପରିପକ୍ୱ ଗଣତନ୍ତ୍ରରେ ଏପରି ହୁଏ । ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟା କର୍ମୀ ଠାରୁ ଆରମ୍ଭ ହୁଏ । ଗୋଟିଏ ଦଳର କର୍ମୀମାନେ ବାଛନ୍ତି ସେହି ଦଳରୁ କିଏ ପ୍ରାର୍ଥୀ ହେବେ । ଆମ ଦେଶରେ ସେପରି ହୁଏ ନାହିଁ । ଏଠାରେ ଗୋଟିଏ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ହାଇକମାଣ୍ଡ ନିର୍ଣ୍ଣୟ କରନ୍ତି । ଟିକେଟ ଉପରୁ ଆସେ । ଯାହା ଉପରେ ହାଇକମାଣ୍ଡ ସନ୍ତୁଷ୍ଟ ହୁଅନ୍ତି ତାଙ୍କୁହିଁ ଟିକେଟ ଦିଅନ୍ତି । ଅନେକ ସମୟରେ ଯୁକ୍ତି ଆସେ ଯେ ହାଇକମାଣ୍ଡ ତାଙ୍କୁ ଟିକେଟ ଦିଅନ୍ତି ଯିଏ ଗୋଟିଏ ଅଞ୍ଚଳରେ ଲୋକପ୍ରିୟ ହୋଇଥାଏ ।**

ଭାରତୀୟ ଗଣତନ୍ତ୍ରରେ ଟିକେଟ୍ ବଣ୍ଟନ ଏକ ମୁଖ୍ୟ ପ୍ରସଙ୍ଗ । ରାଜନୀତିରେ ନିର୍ବାଚନ ଲଢିବା ପାଇଁ ଟିକେଟ୍ ପାଇବା ଏକ ସଧାରଣ ବ୍ୟାପାର ନୁହେଁ । ଏଥିପାଇଁ ବହୁ ମାନସିକ ଓ ଶାରୀରିକ କସରତ କରିବାକୁ ପଡେ । ଦୌଡା ଦୌଡି କାରିବାକୁ ପଡେ । ଟିକେଟ୍ କହିଲେ ଏକ ଲିଖିତ ପ୍ରତିଶ୍ରୁତି ବା ଅଙ୍ଗୀକାରବଦ୍ଧତାକୁ ବୁଝାଇଥାଏ । ସିନେମା ହଲରେ ସିନେମା ଦେଖିବା ପାଇଁ ଟିକେଟ୍, ସେହିପରି ସାଇକେଲ ଷ୍ଟାଣ୍ଡରେ ଟିକେଟ୍, ବସରେ ଟିକେଟ୍, ଟ୍ରେନରେ ଟିକେଟ୍, ଡାକ୍ତରଙ୍କୁ ଦେଖାଇବା ପାଇଁ ଟିକେଟ୍, ଏପରିକି ଶବଦାହ ପାଇଁ ବି ଟିକେଟ୍ ଲାଗେ । ତେବେ ରାଜନୀତିଜ୍ଞଙ୍କ ପାଇଁ ସେହି ଟିକେଟର ମହତ୍ତ୍ୱ ସର୍ବାଧିକ ଯେଉଁ ଟିକେଟ୍ ପାଇ ସେମାନେ କେନ୍ଦ୍ର ସଂସଦ ଅଥବା ରାଜ୍ୟ ବିଧାନସଭା ନିର୍ବାଚନ ଲଢିବାକୁ ସକ୍ଷମ ହୁଅନ୍ତି । ଭାରତୀୟ ରାଜନୈତିକ ଦଳମାନେ ଯେଉଁମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରାଇବାକୁ ଚାହାନ୍ତି ତାଙ୍କୁ ଏଥିପାଇଁ ଟିକେଟ୍ ଦିଅନ୍ତି । ଯିଏ ଟିକେଟ୍ ପାଏ, ସେ ସମ୍ପୃକ୍ତ ଦଳରୁ ନିର୍ବାଚନ ଲଢିବା ନିଶ୍ଚିତ ବୋଲି ଜଣାପଡେ । ଏହା ଅଧା ବିଜୟ ।

ଯେଉଁମାନେ ନିର୍ବାଚନ ଲଢିବା ପାଇଁ ଚାହାନ୍ତି କୌଣସି ଲୋକପ୍ରତିନିଧି ସଦନରେ ସ୍ଥାନ ପାଇବା ପାଇଁ, ପ୍ରଥମେ ତାଙ୍କୁ ପ୍ରତିଦ୍ୱନ୍ଦିତା କରିବା ପାଇଁ ସମ୍ପୃକ୍ତ ପାର୍ଟିର ହାଇକମାଣ୍ଡଙ୍କ ଠାରୁ ଟିକେଟ୍ ଆଣିବାକୁ ପଡେ । ପ୍ରାର୍ଥୀ ଜଣକ ହାଇକମାଣ୍ଡଙ୍କୁ କିପରି ସନ୍ତୁଷ୍ଟ କରି ଟିକେଟ ଆଣିବେ ତାହାର ମାନ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ନିର୍ବାଚନ ପାଖେଇ ଆସିଲେ ଆଶାୟୀମାନେ ଦୌଡା ଦୌଡ଼ି ଆରମ୍ଭ କରନ୍ତି । କେତେବେଳେ ରାଜ୍ୟ ରାଜଧାନୀ ତ କେତେବେଳେ ରାଷ୍ଟ୍ରୀୟ ରାଜଧାନୀକୁ ଦୌଡ଼ନ୍ତି ଯେଉଁଠାରେ ଦଳର ଉଚ୍ଚ ପଦାଧିକାରୀମାନେ ଅବସ୍ଥାନ କରିଥାନ୍ତି । ବେଳେବେଳେ ଏକା ଯାଆନ୍ତି ତ ଆଉ କେତେବେଳେ ସଦଳେବଳେ ଯାଆନ୍ତି । ଶକ୍ତି ପ୍ରଦର୍ଶନ ପାଇଁ ବସ୍ ଟ୍ରେନ ଯୋଗେ ବହୁ ଲୋକଙ୍କୁ ମତେଇ ଅଣାଯାଏ ନେତାଙ୍କୁ ଆକର୍ଷିତ କରିବା ପାଇଁ । ଭିଡ଼ଭାଡ ଦେଖି ନେତା ବି ଖୁସ୍ ହୁଅନ୍ତି, ବେଶ୍ ପ୍ରଭାବିତ ହୁଅନ୍ତି । ଦାବିଦାରଙ୍କ ମଧ୍ୟରୁ ଜଣକ ଉପରେ କୃପାବୃଷ୍ଟି ହୁଏ । ଅନ୍ୟମାନଙ୍କ ମୁହଁ ଆମ୍ବିଳା ।

ବେଳେବେଳେ ଅଭିଯୋଗ ଆସେ ଯେ ଟିକେଟ ପାଇଁ ମୋଟା ଅଙ୍କର ଅର୍ଥ କାରବାର ହୁଏ । ଟଙ୍କା ପଇଠ କରିବାକୁ ପଡେ । ଏଥିପାଇଁ ଆଶାୟୀମାନେ ବ୍ୟାଗଧରି ରାଜ୍ୟ ରାଜଧାନୀ କିମ୍ବା ଦିଲ୍ଲୀ ଦଉଡନ୍ତି । ଏହି ଟଙ୍କା ମୁଖ୍ୟତଃ ବ୍ୟକ୍ତିଗତ ଭେଟି ରୂପରେ ପ୍ରଦାନ କରାଯାଏ । ଏଥିପାଇଁ ଅନେକଙ୍କୁ ସନ୍ତୁଷ୍ଟ କରିବାକୁ ପଡେ । ଏ ଦିଗରେ କୋଟି କୋଟି ଟଙ୍କାର କାରବାର ହୁଏ । ବେଳେ ବେଳେ ଗୋଟିଏ ଦଳର ଏକାଧିକ ଟିକଟ ଦାବିଦାରଙ୍କ ମଧ୍ୟରେ ମୂଳଚାଲ ବି ହୁଏ । ଏହି ପ୍ରକ୍ରିୟାରେ ଜଣେ ଟିକେଟ ଦାବିରୁ ଓହରି ଯିବା ପାଇଁ ତାଙ୍କ ପ୍ରତିଯୋଗୀଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଦାବି କରନ୍ତି । ଆହୁରି ଅଭିଯୋଗ ହୁଏ ଯେ ଏଥିରେ 'ରାଧେ ରାଧେ ତୋର ଅଧେକୁ ମୋର ଅଧେ' ନୀତିର ବି ଅବଲମ୍ବନ ହୁଏ । ଜିତିବା କଥାକୁ ମାର୍ ଗୁଲି । ଆଞ୍ଚଳିକ ହାଇକମାଣ୍ଡ ଓ ପ୍ରାର୍ଥୀଙ୍କ ମଧ୍ୟରେ ଡିଲ୍ ହୁଏ, ଯାହା ଟଙ୍କା ଖର୍ଚ୍ଚ ପାଇଁ ଆସିବ ଅଧା ଅଧା ଭାଗ ହେବ । ଟିକେଟ୍ ନେଣଦେଣ ପ୍ରକ୍ରିୟାରେ ଅର୍ଥ କାରବାର କଥାକୁ ଏଡାଇ ଦିଆଯାଇପାରିବ ନାହିଁ । ସ୍ଥାନ-ଭେଦରେ ପରିମାଣ ଅଲଗା ଅଲଗା ହୋଇପାରେ । ତେଣୁ ଟିକେଟ୍ ପାଇବା ପାଇଁ ଅର୍ଥ ବି ଏକ ସାଧନ ଅଟେ ।

ଅନ୍ୟ ଏକ ଯୋଗ୍ୟତା ହେଉଛି ଟିକେଟ ପାଇବା ପାଇଁ ତୋଷାମଦିଆ ହେବା ଅତ୍ୟନ୍ତ ଜରୁରୀ । ଏଥିପାଇଁ ପାର୍ଟିର ରାଷ୍ଟ୍ରୀୟ କିମ୍ବା ପ୍ରାନ୍ତୀୟ ମୁଖିଆଙ୍କୁ ବାରମ୍ବାର ଦେଖା କରିବା, ସେ ଯୁଆଡେ ଯିବେ ତାଙ୍କ ସଙ୍ଗେ ସଙ୍ଗେ ଯିବା, ଆବଶ୍ୟକ ସ୍ଥଳେ ତାଙ୍କ ମୁଣ୍ଡ ଉପରେ ଛତା ଫୁଟେଇ ଚାଲିବା, ଜୋତା ବି ବହିବା, ଯେନତେନ ପ୍ରକାରେ ତାଙ୍କୁ ସନ୍ତୁଷ୍ଟ କରିବାର ଗୁଣ ଥିବା ଆବଶ୍ୟକ । ରାଜନୀତିରେ ଏ ପ୍ରକାର ଲୋକ ଭରପୂର । ଏପରିବି ନଜିର ଅଛି ନେତାଙ୍କ ରୋଷେୟା ଓ ଡ୍ରାଇଭମାନେ ଅନୁଗ୍ରହ ପାଇ ଦିନେ ବଡ ନେତା ହୋଇ ଯାଇଛନ୍ତି । ଯେଉଁମାନେ ତୋଷାମଦ କରିପାରନ୍ତି ନାହିଁ, ସେମାନେ ରାଜନୀତି ପାଇଁ ଅନୁପଯୁକ୍ତ ବୋଲି ସାଧାରଣରେ ଧାରଣା ରହିଛି । ଜଣକର ବିଜ୍ଞତା, ସାଧୁତା ଓ ପାରଦର୍ଶିତା ପରି ଗୁଣ ଅନେକ ସମୟରେ ଫେଲମାରେ, ତୋଷାମଦିଆ ବାଜି ମାରିନିଏ । ବିଜ୍ଞ ବ୍ୟକ୍ତି ଜଣକ କାନମୂଳ ଆଉଁସି ରହିଯାଏ । ଅନ୍ୟ ଏକ ମାରାତ୍ମକ ଅଭିଯୋଗ ମଧ୍ୟ ଆସେ ଯେ ଟିକେଟ ପାଇବା ପାଇଁ ଦେହସୁଖ ଦେବାର ମଧ ବ୍ୟବସ୍ଥା ହୁଏ । ହାଇକମାଣ୍ଡକୁ ସନ୍ତୁଷ୍ଟ କରିବା ପାଇଁ ଏହା ମଧ ଏକ ମାଧମ ।

ଟିକେଟ ପାଇବାର ଅନ୍ୟତମ ମାର୍ଗ ହେଉଛି ଯେ ପ୍ରାର୍ଥୀ ଜଣକ ଅନ୍ଧଭକ୍ତ ହୋଇଥିବ । ଅର୍ଥାତ୍ ହାଇକମାଣ୍ଡଙ୍କ ହଁରେ ହଁ ଭରୁଥିବ ଓ ନା ରେ ନା କରୁଥିବ । ଉପର ବାଲା ବି ଏଥିପ୍ରତି ଦୃଷ୍ଟି ଦିଅନ୍ତି । ଏହା କୌଣସି ଗୋଟିଏ ଦଳର କଥା ନୁହେଁ । ସଂଖ୍ୟାଧିକ ଦଳରେ ଅନ୍ଧଭକ୍ତଙ୍କ ଫୌଜ ରହିଛି । ଭୁଲ ହେଲେ ବି ନେତା ଯାହା କହିବେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପ୍ରସ୍ତୁତ ଥିବା ଆବଶ୍ୟକ । ନେତା ଭୁଲ କହିଲେବି ତାକୁ ଭକ୍ତମାନେ ଠିକ୍ ପ୍ରମାଣ କରିବାକୁ ଚେଷ୍ଟା କରୁଥିବେ । ତାହାର ଏକ ତାତ୍ତ୍ୱିକ ରୂପ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିବେ । ବୈଜ୍ଞାନିକ ସିଦ୍ଧାନ୍ତ ଓ ତର୍କସମ୍ମତ ମତକୁ ମଧ ଜଳାଞ୍ଜଳି ଦିଆଯିବ । ନେତା ଯାହା କହିବେ ତାହା ଠିକ୍ । ନେତାଙ୍କ କଥନକୁ ଠିକ୍ ବୋଲି ପ୍ରମାଣ କରିବା ପାଇଁ ଏମାନେ ହିଂସାକୁ ଓହ୍ଲାଇ ପାରୁଥିବେ । ନେତାଙ୍କ କଥାରେ ପଡ଼ି ଏମାନେ ଭୁଲକୁ ଠିକ୍ ବୋଲି କହୁଥିବେ, ଅନାଦର୍ଶକୁ ଆଦର୍ଶ ବୋଲି କରୁଥିବେ । ନ ବୁଝି ନେତା ହସିଲେ ଏମାନେ ହସିବେ, ନେତା କାନ୍ଦିଲେ ଏମାନେ କାନ୍ଦିବେ, ନେତା ତାଳି ମାରିଲେ ଏମାନେ ବି ତାଳି ମାରିବେ, ନେତାର ମିଛକୁ ସତ କହି ପ୍ରଚାର କରିବେ ।

ଟିକେଟ୍ ବଣ୍ଟନ ଏକ ଅଗଣତାନ୍ତ୍ରିକ ପ୍ରକ୍ରିୟା । କେଉଁ ଅଞ୍ଚଳରୁ କିଏ ପ୍ରାର୍ଥୀ ହେବେ ଏହା ସେହି ଅଞ୍ଚଳର କର୍ମୀମାନେ ବାଛିବା ହେଉଛି ଗଣତାନ୍ତ୍ରିକ ପଦ୍ଧତି । ପରିପକ୍ୱ ଗଣତନ୍ତ୍ରରେ ଏପରି ହୁଏ । ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟା କର୍ମୀ ଠାରୁ ଆରମ୍ଭ ହୁଏ । ଗୋଟିଏ ଦଳର କର୍ମୀମାନେ ବାଛନ୍ତି ସେହି ଦଳରୁ କିଏ ପ୍ରାର୍ଥୀ ହେବେ । ଆମ ଦେଶରେ ସେପରି ହୁଏ ନାହିଁ । ଏଠାରେ ଗୋଟିଏ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ହାଇକମାଣ୍ଡ ନିର୍ଣ୍ଣୟ କରନ୍ତି । ଟିକେଟ ଉପରୁ ଆସେ । ଯାହା ଉପରେ ହାଇକମାଣ୍ଡ ସନ୍ତୁଷ୍ଟ ହୁଅନ୍ତି ତାଙ୍କୁହିଁ ଟିକେଟ ଦିଅନ୍ତି । ଅନେକ ସମୟରେ ଯୁକ୍ତି ଆସେ ଯେ ହାଇକମାଣ୍ଡ ତାଙ୍କୁ ଟିକେଟ ଦିଅନ୍ତି ଯିଏ ଗୋଟିଏ ଅଞ୍ଚଳରେ ଲୋକପ୍ରିୟ ହୋଇଥାଏ । ଏଥିପାଇଁ ସର୍ଭେ ହୁଏ, ଲୋକଙ୍କ ମତ ନିଆଯାଏ ଇତ୍ୟାଦି । ବାସ୍ତବରେ ଏପରି ହୁଏ ନାହିଁ । ଅନେକ ରାଜନୈତିକ ଦଳ ଏପରି କରନ୍ତି ନାହିଁ । ଯେଉଁମାନେ ଏପରି କରନ୍ତି ତାହା ନାମକୁ ମାତ୍ର । ବାସ୍ତବତା ସହିତ ଏହାର କୌଣସି ମେଳ ନ ଥାଏ ।

ପ୍ରାୟତଃ ଦେଖାଯାଏ ଯିଏ ଲୋକପ୍ରିୟ ଓ ପ୍ରଭାବଶାଳୀ ସେ ଟିକେଟ୍ ପାଏ ନାହିଁ । ଯିଏ ଚାଟୁକାର, ଯାହା ପାଖରେ ଅର୍ଥବଳ ଓ ବାହୁବଳ ରହିଛି ସିଏ ଟିକେଟ ପାଏ । ଫଳରେ ଗଣତନ୍ତ୍ରର ମୂଳମନ୍ତ୍ର ଯେଉଁ ଉତ୍କୃଷ୍ଟ, ସ୍ୱଚ୍ଛୋଟ, ଜ୍ଞାନୀ ଓ ପାରଦର୍ଶୀ ଲୋକମାନେ ପ୍ରତିନିଧିତ୍ୱ କରିବେ, ତାହା ବ୍ୟାହତ ହୁଏ । ଗଣତାନ୍ତ୍ରିକ ବ୍ୟବସ୍ଥା ଆଦର୍ଶହୀନ ହୋଇଯାଏ । ଏହା ମୁଷ୍ଟିମେୟ ସ୍ୱେଚ୍ଛାଚାରୀଙ୍କ ହାତକୁ ଚାଲିଯାଏ । ରାଜନୈତିକ ଦଳଗୁଡିକ ବ୍ୟକ୍ତିଗତ ଅଥବା ଗୋଷ୍ଠୀଗତ କମ୍ପାନୀରେ ପରିଣତ ହୁଏ । ସାଧାରଣ ଲୋକଙ୍କ ନିକଟରେ ଅନ୍ୟ କୌଣସି ବାଟ ନ ଥାଏ, ସେମାନଙ୍କୁ ଏହି କମ୍ପାନୀ ମାନଙ୍କ ମଧ୍ୟରୁ ଗୋଟିଏକୁ ବାଛିବାକୁ ହୁଏ । ଟିକେଟ ବ୍ୟବସ୍ଥା ଏ ପ୍ରକ୍ରିୟାକୁ ଆହୁରି ପ୍ରସାରିତ କରେ । ଫଳରେ ବିଭିନ୍ନ ରାଜନୈତିକ ଦଳ ନାମରେ କ୍ରମେ ଅନ୍ଧଭକ୍ତଙ୍କ ଫୌଜ ତିଆରି ହୁଏ । ବିତର୍କ ସମାପ୍ତ ହୁଏ ।

ଟିକେଟ ବ୍ୟବସ୍ଥା ଗଣତନ୍ତ୍ର ପାଇଁ ବିପଦ । ଏ ଦିଗରେ ନିର୍ବାଚନ ଆୟୋଗ ସଂଜ୍ଞାନ ନେବା ଉଚିତ ଯେ କୌଣସି ଦଳର ପ୍ରାର୍ଥୀ ଚୟନ ଗଣତାନ୍ତ୍ରିକ ଉପାୟରେ ହୋଇଛି କି ନାହିଁ । ଅର୍ଥାତ୍, ସମ୍ପୃକ୍ତ ଅଞ୍ଚଳର କର୍ମୀଙ୍କ ସମର୍ଥନରେ ହୋଇଛି କି ହାଇକମାଣ୍ଡଙ୍କ ଇଚ୍ଛାମତେ ହୋଇଛି ତାହା ତଦାରଖ କରିବା ଉଚିତ । ଆଞ୍ଚଳିକ କର୍ମୀଙ୍କ ଅନୁମୋଦନ ବିନା ଟିକେଟ୍ ଦିଆଯାଇଥିବା ପ୍ରାର୍ଥୀଙ୍କୁ ନାକଚ କରାଯିବାର ବ୍ୟବସ୍ଥା ହେଉ । ପ୍ରଚଳିତ ଟିକେଟ୍ ବ୍ୟବସ୍ଥା ଦିନେ ଗଣତନ୍ତ୍ରକୁ ଗ୍ରାସ କରିଯିବ, ଦେଶକୁ ଏକଛତ୍ରବାଦ ଆଡକୁ ଟାଣିନେବ । ଗଣତନ୍ତ୍ର ତାର ମୌଳିକତା ହରାଇବ ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ- ୯୪୩୮୨୪୮୮୫୪

# ଶୁଷ୍କ ହେଲାଣି ତିନି-ଚତୁର୍ଥାଂଶ ସ୍ଥଳ ଭାଗ

**ଅଲେଖ ଚନ୍ଦ୍ର ସାମଲ**

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ବିଗତ ତିନି ଦଶନ୍ଧିରେ ପୃଥିବୀର ତିନି ଚତୁର୍ଥାଂଶ ସ୍ଥଳ ଭାଗ ସବୁଦିନ ପାଇଁ ଶୁଷ୍କ ହୋଇଯାଇଛି ବୋଲି ମିଳିତ ଜାତିସଂଘର ଏକ ରିପୋର୍ଟରେ ସତର୍କ କରାଇ ଦିଆଯାଇଛି । ବର୍ତ୍ତମାନର ସମୟକୁ ଦେଖିଲେ କେଉଁଠି ଖୋଲା ଟ୍ୟାପରେ ଜଳର ଅପଚୟ ହେଉଛି ତ ଆମ ରାଜ୍ୟରେ ଡ୍ୟାମ ନ ଥିବାରୁ ବର୍ଷ ତମାମ ନଦୀରେ ବର୍ଷା ଜଳ ସମୁଦ୍ରକୁ ବୋହି ଯାଉଛି । ଜଳ ସଂରକ୍ଷଣ ତ ଦୂରର କଥା ଆମମାନଙ୍କ ଭିତରେ ଏ ନେଇ ସଚେତନତା ଏ ଯାଏଁ ବୃଦ୍ଧି ପାଇନାହିଁ । ଆମ ମାନଙ୍କର ପ୍ରକୃତି ବିରୋଧରେ କାର୍ଯ୍ୟକଳାପ ପାଇଁ ଅନେକ ବିପର୍ଯ୍ୟୟକୁ ସାମ୍ନା କରୁଛୁ । କେଉଁଠି ମରୁଡ଼ି ପଡୁଛି ତ କେଉଁଠି ଅଚାନକ ବାଦଲଫଟା ବର୍ଷା ନାହିଁ ନ ଥିବା କ୍ଷତି ସୃଷ୍ଟି କରୁଛି । ସେପଟେ ବର୍ଷା କରାଇବା ଓ



ସୁରକ୍ଷା ପାଇଁ ବଡ଼ କାରଣ ପାଲଟିଥିବା ବୃକ୍ଷଲତା ଆଦି ଆମେ ଯେତିକି କାଟୁଛୁ ସେତିକି ବୃକ୍ଷ ରୋପଣ କରୁନାହୁଁ । କହିବାକୁ ଗଲେ ପରିବେଶ ଏବେ ଅନେକ ସଙ୍କଟରେ । ତିରିଶ ବର୍ଷ ତଳର ସ୍ଥଳଭାଗ ସ୍ଥିତିକୁ ତୁଳନା କଲେ ପୃଥିବୀର ପ୍ରାୟ ୭୭.୬% ସ୍ଥଳଭାଗ ଏଭଳି ଶୁଷ୍କତାର ଶିକାର ହୋଇଛି । ପୃଥିବୀର ଶୁଷ୍କ ସ୍ଥଳଭାଗର ଆୟତନ ଆଣ୍ଟାର୍ଟିକା ଛଡ଼ା ଇତିମଧ୍ୟରେ ୪୦.୬% ବୃଦ୍ଧି ପାଇଛି । ଏହି ବୃଦ୍ଧି ଭାରତର ଆୟତନ ଠାରୁ ଅଧିକ । ଯଦି ଏହି ଧାରା ଜାରି ରହେ, ତେବେ ଚଳିତ ଶତାବ୍ଦୀର ଶେଷ ଆଡ଼କୁ ପ୍ରାୟ ୫୦୦ କୋଟି ଲୋକ ଶୁଷ୍କ ସ୍ଥଳଭାଗରେ ବସବାସ କରୁଥିବେ, ଯାହାଦ୍ୱାରା ମୃତ୍ତିକା ପରିମାଣ ହ୍ରାସ ହେବା ସହ ଜଳ ଉତ୍ସ କ୍ଷୟପ୍ରାପ୍ତ ହେବ । ପର୍ଯ୍ୟାୟବରଣ ପ୍ରଣାଳୀ ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ବୋଲି ୟୁଏନସସିଡି ଚେତାବନୀ ଦେଇଛି ।

ଉଲ୍ଲେଖଯୋଗ୍ୟ କୌଣସି ଅଞ୍ଚଳର ଜଳବାୟୁ ଶୁଷ୍କ ହୋଇଗଲେ ଆଉ ପୂର୍ବ ଅବସ୍ଥାକୁ ଫେରିବା ସମ୍ଭବ ହୁଏନାହିଁ । ସୁତରାଂ ସଂପୃକ୍ତ ଅଞ୍ଚଳର ମୃତ୍ତିକାର ଆର୍ଦ୍ରତା ସବୁଦିନ ପାଇଁ ନଷ୍ଟ ହୋଇଯାଏ । ଏହାର ପାର୍ଶ୍ୱ ପ୍ରତିକ୍ରିୟା ସମଗ୍ର ଜୀବଜଗତ ଉପରେ ପଡ଼ିଥାଏ । ଏକଦା ଜଙ୍ଗଲ ସବୁଜିମାରେ ପରିପୂର୍ଣ୍ଣ ସ୍ଥାନ ଶୁଷ୍କ ତୃଣଭୂମି ପାଲଟିଯାଏ ଏବଂ କୃଷି ଓ ଜୀବଧାରଣ ପାଇଁ ଆବଶ୍ୟକ ହେଉଥିବା ଆର୍ଦ୍ରତାକୁ ତାହା ଶୋଷି ନେଇଥାଏ । ଜଳପ୍ରଣାଳୀ ଉପରେ ପଡୁଥିବା ଏଭଳି ଅପ୍ରତ୍ୟାଶିତ ସଂକଟଜନକ ସ୍ଥିତିକୁ ସମ୍ପ୍ରତି ବିଶ୍ୱର ତିନିଶହ କୋଟି ଲୋକ ସାମ୍ନା କରୁଛନ୍ତି । ବିଶ୍ୱର ପ୍ରାୟ ଅର୍ଦ୍ଧେକ ଖାଦ୍ୟ ଉତ୍ପାଦନ ପ୍ରଭାବିତ ହେଉଛି । ବିଶେଷ କରି ସମଗ୍ର ୟୁରୋପ ସମେତ ଆମେରିକାର ପଶ୍ଚିମ ଭାଗ, ବ୍ରାଜିଲ, ପୂର୍ବ ଏସିଆ ଓ କେନ୍ଦ୍ରୀୟ ଆଫ୍ରିକା ଏହାଦ୍ୱାରା ବେଶି ପ୍ରଭାବିତ ବୋଲି ଏହି ରିପୋର୍ଟରେ କୁହାଯାଇଛି । ଏହି ସଂକଟକୁ ଟାଳିଦେବା ପାଇଁ ଏବେଠୁ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ସହ ମୃତ୍ତିକା ଶୁଷ୍କତାର ଉନ୍ନତ ନିରୀକ୍ଷଣ, ସ୍ଥାନ ଓ ଜଳର ଉତ୍ତମ ବ୍ୟବହାର ଏବଂ ବିଶ୍ୱର ସମସ୍ତ ସମ୍ପ୍ରଦାୟ ମଧ୍ୟରେ ସହଯୋଗ ଜରୁରୀ । ଏ କ୍ଷେତ୍ରରେ କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ । ଅନେକ ସାମାଜିକ ଓ ପରିବେଶ ପାଇଁ କାର୍ଯ୍ୟ କରୁଥିବା ସଙ୍ଗଠନମାନେ ଜନସଚେତନଧର୍ମୀ ଓ ବିଭିନ୍ନ ସେବା କାର୍ଯ୍ୟ ହାତକୁ ନେଉଛନ୍ତି । ଆମ୍ଭମାନଙ୍କର ଦାୟିତ୍ୱ ହେଉଛି ଆଖପାଖର ପରିବେଶକୁ ସଫା କରିବା, ବ୍ୟାପକ ବୃକ୍ଷରୋପଣ ସହ ଏ ଦୁନିଆର ଅମୂଲ୍ୟ ସମ୍ପଦ ପ୍ରତିଟି ଜଳବୁନ୍ଦାର କିପରି ଉଚିତ ବ୍ୟବହାର ହେବ ଓ ଏହାର ସଂରକ୍ଷଣ ହେବ ଏହାକୁ ପାଳନ କରିବା ।

ଯାଜପୁର, ମୋ : ୯୪୩୭୨୫୭୧୨୩

# ଶିଶୁ ମଙ୍ଗଳ ଓଡ଼ିଶା ଗଠନର ସଂକଳ୍ପ

**ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ**

> **ଆମ ଓଡ଼ିଶାରେ ଶିଶୁମାନଙ୍କର ସାର୍ବଜନୀନ ଉନ୍ନତି ବା ମଙ୍ଗଳ ନିମିତ୍ତ ସରକାରଙ୍କ ମହିଳା ଓ ଶିଶୁ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ, ଶିକ୍ଷା, ଗ୍ରାମୀଣ ଉନ୍ନୟନ, ସମାଜ କଲ୍ୟାଣ ସବୁ ବିଭାଗ ଅନେକ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି ବିଭାଗ ଭିତରେ ସମନ୍ୱୟ ରହିପାରିଲେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା ଓ ସାମାଜିକ ସୁରକ୍ଷା ଭଳି ସେବାଗୁଡ଼ିକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବ । ସମସ୍ତଙ୍କ ଭିତରେ ପ୍ରତିଟି ଶିଶୁର ଉନ୍ନତ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ସୁରକ୍ଷା ଓ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରାଥମିକତାର ଦାୟିତ୍ୱ ନିର୍ବାହ ଭିତରେ ଏକ ବିକଶିତ ଓ ସମୃଦ୍ଧ ଶିଶୁ ଉନ୍ନତିକଳ୍ପେ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ ।**

ପ୍ରତିଟି ଶିଶୁ ହେଉଛନ୍ତି ଆଗାମୀ ସମାଜ, ସମ୍ଭାବନା ଏ ଦେଶର ଗର୍ବ, ଗୌରବ ଓ ସମ୍ପତ୍ତି । ଆମେ ଚାହୁଁଥିବା ଏକ ସୁନ୍ଦର ସମାଜ ଭିତରେ ସେମାନଙ୍କ ପରିକଳ୍ପନା ଅତ୍ୟନ୍ତ ଅପରିହାର୍ଯ୍ୟ । ବର୍ତ୍ତମାନର ସମୟକୁ ଦେଖିଲେ ପ୍ରଗତିରେ ଓଡ଼ିଶା ଅଭିବୃଦ୍ଧି ସମ୍ପନ୍ନ । ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ପ୍ରଚେଷ୍ଟା ପାଇଁ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଶିଳ୍ପ, ବିକାଶ, କୃଷି ଉତ୍ପାଦନ, କ୍ରୀଡ଼ାର ପ୍ରୋତ୍ସାହନ, ପର୍ଯ୍ୟଟନ, ସାଂସ୍କୃତିକ ପରିଦୃଶ୍ୟର ବିସ୍ତାର ଇତ୍ୟାଦି ଅନେକ କ୍ଷେତ୍ରରେ ସୁଦୂରପ୍ରସାରୀ ହୋଇପାରିଛି । ତଥାପି ଏହି ବିକାଶ କେତେ ଦୂର ଶିଶୁ ଅନୁକୂଳ ବା ଶିଶୁକୈନ୍ଦ୍ରିକ ହୋଇପାରିଛି ? ଏହା ହେଉଛି ଆଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରଶ୍ନ, ଯାହା ଆମେ ବିବେକକୁ ପଚାରିବା ଉଚିତ ।

ଏକ ବିକଶିତ ରାଷ୍ଟ୍ରର ସ୍ୱପ୍ନକୁ ସାକାର କରିବା ପାଇଁ ଶିଶୁ ଓ କିଶୋର ମାନଙ୍କ ବିକାଶ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ନିହାତି ଆବଶ୍ୟକ । ଏକ ପ୍ରଗତିଶୀଳ ସମାଜ ବିଷୟରେ ଚିନ୍ତା କରିବାର ଏହା ଏକ ମାଧ୍ୟମ ସୃଷ୍ଟି କରେ । ଆମେ ଆମ ପିଲାମାନଙ୍କ ଉପରେ ଯେତେ ଅଧିକ ନିବେଶ କରିବା ଏକ ପ୍ରଗତିଶୀଳ ସମାଜ ଆଡ଼କୁ ସେତିକି ଆଗକୁ ବଢ଼ିପାରିବା । ଭାରତ ଶିଶୁ ଅଧିକାର ଉପରେ ଜାତିସଂଘର ଚୁକ୍ତିନାମାର ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର । ଆମେ ଶିଶୁଙ୍କ ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ସହଭାଗିତାର ଅଧିକାର ପାଇଁ ଅଙ୍ଗୀକାରବଦ୍ଧ । ଏହା ଶିଶୁମାନଙ୍କ ବିରୋଧରେ ହିଂସା, ଶୋଷଣ, ଅବହେଳା ଓ ଭେଦଭାବରୁ ରକ୍ଷା ପାଇବାକୁ ରାଷ୍ଟ୍ରଗୁଡ଼ିକୁ ଦାୟିତ୍ୱବାନ କରେ ଏବଂ ଶିଶୁଙ୍କର ସର୍ବୋତ୍ତମ ହିତକୁ ସମସ୍ତ ନୀତି ଓ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ରଖିବାକୁ ଗୁରୁତ୍ୱ ଦିଏ ।

ଭାରତୀୟ ସମ୍ବିଧାନରେ ଶିଶୁଙ୍କ ଅଧିକାରର ସୁରକ୍ଷା ଓ ବିକାଶ ପାଇଁ ସ୍ୱଷ୍ଟ ବ୍ୟବସ୍ଥା ରହିଛି । ସମ୍ବିଧାନର ଧାରା ୧୪ ଶିଶୁମାନଙ୍କୁ ସମାନତାର ଅଧିକାର ଦେଇଥାଏ, ଯେଉଁଥିରେ ଧାରା ୧୫(୩) ରାଜ୍ୟକୁ ଶିଶୁ ଓ ମହିଳାଙ୍କ ପାଇଁ ବିଶେଷ ବ୍ୟବସ୍ଥା କରିବାର ସଶକ୍ତ କରେ । ଧାରା ୨୧-ଏ ଅନୁସାରେ ୬-୧୪ ବୟସର ସମସ୍ତ ଶିଶୁଙ୍କୁ ନିଃଶୁଳ୍କ ଓ ଅନିବାର୍ଯ୍ୟ ଶିକ୍ଷା ଦେବା ରାଜ୍ୟର କର୍ତ୍ତବ୍ୟ । ଧାରା ୨୪ ଶିଶୁ ଶ୍ରମକୁ ନିଷେଧ କରିଥାଏ ଏବଂ ରାଜ୍ୟ ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତର ଧାରା ୩୯ (ଏଫ) ଶିଶୁଙ୍କ ସ୍ୱାସ୍ଥ୍ୟ ବିକାଶ, ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନକୁ ସୁନିଶ୍ଚିତ କରିବାକୁ ରାଜ୍ୟକୁ ପଥପ୍ରଦର୍ଶନ କରେ । ଭାରତର ଜାତୀୟ ଶିଶୁ ନୀତି ୨୦୧୩ ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ପ୍ରାଥମିକତା ଭାବେ ସ୍ୱୀକାର କରି ତାଙ୍କର ଜୀବନ, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ସୁରକ୍ଷା ଓ ଅଂଶଗ୍ରହଣ ଅଧିକାର ସୁନିଶ୍ଚିତ କରିବାକୁ ରାଜ୍ୟର ଦାୟିତ୍ୱ ନିର୍ଦ୍ଧାରଣ କରେ । ଏହି ନୀତି ଶିଶୁ ଓ କିଶୋର ମାନଙ୍କ ସହ ଜଡ଼ିତ ଆମର ସମସ୍ତ କାର୍ଯ୍ୟକ୍ରମ ଓ ନୀତି ସହିତ ସମନ୍ୱୟ ରଖିବା ଉପରେ ମଧ ଗୁରୁତ୍ୱ ଦିଏ । ଦୁର୍ଭାଗ୍ୟବଶତଃ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ପାଇଁ ଏହି ଆଇନ ଓ ନୀତିକୁ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ କରିବାରେ ବହୁତ ବ୍ୟବଧାନ ଦେଖାଯାଉଛି ।

ଓଡ଼ିଶାରେ ସମ୍ବଳ ଓ ପ୍ରତିଭା ଦୃଷ୍ଟିରୁ ଆମ ପାଖରେ ପ୍ରଚୁର ସୁଯୋଗ ଅଛି । ସେହି ସମୟରେ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ଆମ ପାଖରେ ଅନେକ ଆହ୍ୱାନ ଓ ପ୍ରତିବନ୍ଧକ ରହିଛି । ଓଡ଼ିଶାରେ ଜୀବିକା ସନ୍ଧାନ ପାଇଁ ଆର୍ଥିକ ସ୍ତରରେ ଦୁର୍ବଳ ପରିବାରଙ୍କ ଅନ୍ୟ ରାଜ୍ୟକୁ ପଳାୟନ ଏକ ବଡ଼ ସମସ୍ୟା । ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଯେପରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, ମାଲକାନାଗିରି ସମେତ ଅନ୍ୟାନ୍ୟ ଜିଲ୍ଲାର ବହୁତ ପରିବାର ଜୀବନ-ଜୀବିକା ପାଇଁ ପ୍ରତିବର୍ଷ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ଗୁଜୁରାଟ ଆଦି ରାଜ୍ୟକୁ ଯାଉଛନ୍ତି । ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ପରିବାର ବନ୍ୟାବାତ୍ୟା ବିପର୍ଯ୍ୟୟଜନିତ ସଙ୍କଟର ସାମ୍ନା କରିବାକୁ ପଡୁଛି । ଏହା ସହିତ ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନ, ଗ୍ରୀଷ୍ମପ୍ରବାହ, ଅନିଶ୍ଚିତ କୃଷି ଆଦି ସମସ୍ୟା ଆର୍ଥିକ ଭାବରେ ଦୁର୍ବଳ ପରିବାର ଗୁଡ଼ିକର ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି । ଏପରି ପରିସ୍ଥିତି ନିୟମିତ ଟିକାକରଣ, ଅଙ୍ଗନୱାଡ଼ି ସେବା, ଶିକ୍ଷାକୁ ଗମ୍ଭୀର ଭାବରେ ପ୍ରଭାବିତ କରିବା ସହିତ ସେମାନଙ୍କୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଫାଶରେ ପକାଇଥାଏ ।

ଶିଶୁ ପୁଷ୍ଟିହୀନତା ଓଡ଼ିଶା ପାଇଁ ଆଉ ଏକ ଗମ୍ଭୀର ଆହ୍ୱାନ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ର ତଥ୍ୟ ଅନୁସାରେ ରାଜ୍ୟରେ ପାଞ୍ଚ ବର୍ଷ ତଳେ ଶିଶୁମାନଙ୍କ ମଧ୍ୟରେ ଷ୍ଟଣ୍ଟିଂ (ବୟସ ଅନୁସାରେ କମ୍ ଉଚ୍ଚତା), ୱାଷ୍ଟିଂ (ଉଚ୍ଚତା ତୁଳନାରେ ଓଜନ ଅତ୍ୟଧିକ କମ୍ ହୋଇଥିବା) ଓ ଆନିମିଆ (ରକ୍ତହୀନତା) ଏ ପର୍ଯ୍ୟନ୍ତ ଚିନ୍ତାଜନକ ସ୍ତରରେ ଅଛି । ଏହା କେବଳ ପୁଷ୍ଟିକର ଖାଦ୍ୟର ଅଭାବ ନୁହେଁ ବରଂ ଦାରିଦ୍ର୍ୟ, ସ୍ୱଚ୍ଛ ପାନୀୟ ଜଳର ଅଭାବ, ମାତୃ ସ୍ୱାସ୍ଥ୍ୟ ଓ ସଚେତନତାର ଅଭାବର ସଂଯୁକ୍ତ ପରିଣାମ । କୁପୋଷିତ ଶିଶୁ ଶିକ୍ଷାରେ ପଛରେ ପଡ଼େ, ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଓ ଦୀର୍ଘକାଳୀନ ଦାରିଦ୍ର୍ୟଚକ୍ରରେ ଫସିଯାଏ, ଯାହା ରାଜ୍ୟର ମାନବ ସମ୍ପଦକୁ ଦୁର୍ବଳ କରେ ।

ପିଲାମାନଙ୍କ ଏପରି ସମସ୍ୟାର ଦାୟିତ୍ୱ କେବଳ ସରକାର ବା ପ୍ରଶାସନର ନୁହେଁ । ଏ ଦାୟିତ୍ୱ ଆମ ସମସ୍ତଙ୍କର । ସମାଜରେ ଶିଶୁମାନଙ୍କର ନୈତିକ, ବୌଦ୍ଧିକ ଓ ସ୍ୱାସ୍ଥ୍ୟଗତ କ୍ଷେତ୍ରର ବିକାଶ ପାଇଁ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି । ସବୁଠାରୁ ବଡ଼କଥା ହେଉଛି ପିଲାଟିଏ ହେଲେ ମଧ ସେମାନଙ୍କ ପାଖରେ ଟିକିଏ ସମୟ କାଟିବା, ସେମାନଙ୍କୁ ଭଲ ପାଇବା, ସେମାନଙ୍କ ମତାମତକୁ ଗ୍ରହଣ କରିବା ଯାହାଦ୍ୱାରା ସେମାନଙ୍କର ସ୍ୱପ୍ନ ଓ ଆଶା ସଫଳ ହୋଇପାରିବ । ଆମକୁ ପିଲାମାନଙ୍କ କଥା ଶୁଣିବା, ସେମାନଙ୍କ ମତାମତକୁ ସମ୍ମାନ ଦେବା, ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସେମାନଙ୍କ ସ୍ୱପ୍ନ ଓ ଆଶାକୁ ପ୍ରାଥମିକତା ଦେବା । ସମାଜ ସ୍ତରରେ ଆମକୁ ଶିଶୁ ମାନଙ୍କ ଅଧିକାରର ସୁରକ୍ଷା ପାଇଁ ସମ୍ପ୍ରଦାୟଭିତ୍ତିକ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ । ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପ ନେବାକୁ ପଡ଼ିବ । ସେହିପରି ଢ଼ାଞ୍ଚାଗତ ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ । ସରକାରୀ ବ୍ୟବସ୍ଥାରେ ଉନ୍ନତମାନର ସୁବିଧା ଓ ସେବାକୁ ସୁନିଶ୍ଚିତ କରିବାକୁ ହେବ । ବିଭିନ୍ନ ସରକାରୀ ନୀତି, ଯୋଜନା ଓ କାର୍ଯ୍ୟକ୍ରମ ଯେପରିକି ପ୍ରଧାନମନ୍ତ୍ରୀ ପୋଷଣ ୨.୦, ଜାତୀୟ ଶିକ୍ଷା ନୀତି, ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ, ମିଶନ ବାତ୍ସଲ୍ୟ, ସମଗ୍ର ଶିକ୍ଷା ଅଭିଯାନ, ଆଦିର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି ।

ଶିଶୁମାନଙ୍କର ସାର୍ବଜନୀନ ମଙ୍ଗଳକଳ୍ପେ ବା ଶିଶୁ ହିତୈଷୀ ଓଡ଼ିଶା ଗଢ଼ିବାରେ ଗ୍ରାମ ପଞ୍ଚାୟତର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ୭୩ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ସ୍ଥାନୀୟ ସ୍ୱଶାସନ ସଂସ୍ଥା ଭାବେ ଗ୍ରାମ ପଞ୍ଚାୟତକୁ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ପାନୀୟଜଳ ଓ ସାମାଜିକ ସୁରକ୍ଷା ଭଳି ବିଷୟରେ ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ହେଉଛି ମୁଖ୍ୟ ଦାୟିତ୍ୱ । ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ବିକାଶ ଯୋଜନାକୁ ଲୋକକୈନ୍ଦ୍ରିକ ଓ ବିକେନ୍ଦ୍ରୀକରଣ ଶାସନର ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟ ଭାବେ ଗୁରୁତ୍ୱ ଦେଇ ଆସୁଛନ୍ତି । ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଯଦି ସତରେ ଶିଶୁ କୈନ୍ଦ୍ରିକ ହେବାକୁ ହୁଏ, ତେବେ ଏହାର ମୂଳ ଅଂଶରେ ଶିଶୁ ସୁରକ୍ଷା, ସୁପୋଷଣ, ଶିକ୍ଷା ଓ ସହଭାଗିତାକୁ ଅନିବାର୍ଯ୍ୟ ଭାବେ ସ୍ଥାନ ମିଳିବା ଆବଶ୍ୟକ । ଗ୍ରାମ ପଞ୍ଚାୟତ ହେଉଛି ଶାସନ ବ୍ୟବସ୍ଥାର ତୃଣମୂଳ ଯୋଜନା । ଯେଉଁଠି ଅଙ୍ଗନବାଡ଼ି ସହିତ ବିଦ୍ୟାଳୟର ସୁଦୃଢ଼ୀକରଣ ହୋଇଥାଏ, ପିଲାମାନେ ସୁରକ୍ଷିତ ପାନୀୟ ଜଳର ସଂରକ୍ଷଣ ଓ ବ୍ୟବହାର ସହିତ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିରେ ନିଜକୁ ପ୍ରସ୍ତୁତ କରିଥାନ୍ତି ।

ଆମ ଓଡ଼ିଶାରେ ଶିଶୁମାନଙ୍କର ସାର୍ବଜନୀନ ଉନ୍ନତି ବା ମଙ୍ଗଳ ନିମିତ୍ତ ସରକାରଙ୍କ ମହିଳା ଓ ଶିଶୁ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତରାଜ, ଶିକ୍ଷା, ଗ୍ରାମୀଣ ଉନ୍ନୟନ, ସମାଜ କଲ୍ୟାଣ ସବୁ ବିଭାଗ ଅନେକ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି ବିଭାଗ ଭିତରେ ସମନ୍ୱୟ ରହିପାରିଲେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା ଓ ସାମାଜିକ ସୁରକ୍ଷା ଭଳି ସେବାଗୁଡ଼ିକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବ । ସମସ୍ତଙ୍କ ଭିତରେ ପ୍ରତିଟି ଶିଶୁର ଉନ୍ନତ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ସୁରକ୍ଷା ଓ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରାଥମିକତାର ଦାୟିତ୍ୱ ନିର୍ବାହ ଭିତରେ ଏକ ବିକଶିତ ଓ ସମୃଦ୍ଧ ଶିଶୁ ଉନ୍ନତିକଳ୍ପେ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ ।

ଫକୀରମୋହନ ମେଡ଼ିକାଲ କଲେଜ,
ବାଲେଶ୍ୱର

## ଜିଲ୍ଲାସ୍ତରୀୟ କଳାକାର ଚୟନ ପ୍ରକ୍ରିୟା ଆରମ୍ଭ

ଭବାନୀପାଟଣା,୨୩।୧୦ (ନିପ୍ର): ବିଭିନ୍ନ ପର୍ବ ଓ ପର୍ବାଣି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ ପ୍ରେରଣ ପ୍ରଣାଳୀକୁ ସହଜ ଓ ସୁଗମ କରିବା ଦିଗରେ ରାଜ୍ୟ ସରକାର ଆମ କଳାକାର ୱେବ୍ ପୋର୍ଟାଲ ମାଧ୍ୟମରେ କଳାକାରମାନଙ୍କ ପଞ୍ଜୀକରଣ କରୁଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଏଣିକି ପଞ୍ଜୀକୃତ ସାଂସ୍କୃତିକ ଦଳ ବା ସାଂସ୍କୃତିକ ଦଳ ପରିଚାଳନା ପ୍ରଣାଳୀ ପୋର୍ଟାଲ ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ ନିଜର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିପାରିବେ। ଏଥିରେ ଜିଲ୍ଲା ସଂସ୍କୃତି ବିଭାଗର ସୁପାରିସ ବା ଉଲ୍ଲେଖର କୌଣସି ଆବଶ୍ୟକ ରହିବ ନାହିଁ। ଏହି ପରିପେକ୍ଷୀରେ ଆଜି ସ୍ଥାନୀୟ ଟାଉନ ହଲ ଠାରେ 'ଆମ କଳାକାର'ଅନ୍ତର୍ଗତ ଜିଲ୍ଲା ସ୍ତରୀୟ କଳାକାର ଚୟନ ପ୍ରକ୍ରିୟାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ,ବିଶିଷ୍ଟ ଅତିଥି ସହ ନିର୍ଦ୍ଦେଶକ ସଂସ୍କୃତି ବିଭାଗ ତଥା ଆମ କଳାକାର ଜିଲ୍ଲା ପର୍ଯ୍ୟବେକ୍ଷକ ଅକ୍ଷୟ କୁମାର ସେଠୀଙ୍କ ସମେତ ଶିକ୍ଷାବିତ୍ ଡକ୍ଟର ଅଜୟ ମିଶ୍ର, ଶିକ୍ଷାବିତ୍ ଡ଼ ଉମେଶ ଚନ୍ଦ୍ର ଶତପଥୀ,ଗବେଷକ ଡ଼ ପରମେଶ୍ୱର ମୁଣ୍ଡ, ଡିଆଇପିଆର୍ ଓ ମନୋଜ ବେହେରା, ଡିପିଇ ଓ ରୂପ ସିଂ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ଓ ଜିଲ୍ଲା ସ୍ତରୀୟ ଚୟନ ପ୍ରକ୍ରିୟାର ରୂପ ରେଖ ଉପରେ ସମ୍ୟକ ସୂଚନା ଦେଇଥିଲେ। ବିଶିଷ୍ଟ ସଂଚାଳକ ସତ୍ୟ ନାରାୟଣ ମହାପାତ୍ର ସଭା ସଂଚାଳନ କରିଥିଲେ। ଜିଲ୍ଲାରେ ବର୍ତ୍ତମାନ ଏହି ପୋର୍ଟାଲ ମାଧ୍ୟମରେ ୨୭୧ ଟି ସାଂସ୍କୃତିକ ଅନୁଷ୍ଠାନ ଓ କଳାକାର ନିଜକୁ ପଞ୍ଜୀକୃତ କରିଛନ୍ତି ଏବଂ ଏହି ଚୟନ ପ୍ରକ୍ରିୟାର ସାମିଲ ହୋଇ ନିଜର କଳା ପ୍ରଦର୍ଶନ କରି ମନୋନୀତ ହେବେ। ଜିଲ୍ଲାର ଲୋକ ସଙ୍ଗୀତ,ଲୋକ ନୃତ୍ୟ,ଲୋକ ବାଦ୍ୟ, ସଂକୀର୍ତ୍ତନ, ଢାପ, ବଜା ଶାଲ,ଘୁମୁରା ଏଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜସ୍ୱ କଳା ପ୍ରଦର୍ଶନ କରିବେ। ଏହି ଚୟନ ପ୍ରକ୍ରିୟା ଆଜିଠାରୁ ଟାଉନ ହଲ, ରେଡ଼କ୍ରସ କଲ୍ୟାଣ ମଣ୍ଡପ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ଅକ୍ଟୋବର ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ରକ୍ତଦାନ ଶିବିର ଉଦ୍‌ଘାଟନ କଲେ ସାଂସଦ

ଅନୁଗୋଳ,୨୩।୧୦: ବନରପାଳ ବ୍ଲକର ଫୁଲପଡା ଗ୍ରାମର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱର୍ଗତ ଶ୍ରୀକାନ୍ତ ତ୍ରିପାଠୀଙ୍କ ପୁଣ୍ୟ ଜନ୍ମତିଥିରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ତାଙ୍କ ପରିବାର ତରଫରୁ ଆୟୋଜିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିର ସ୍ୱର୍ଗତ ଶ୍ରୀକାନ୍ତ ତ୍ରିପାଠୀଙ୍କ ପିତା ଗିରୀଶ ଚନ୍ଦ୍ର ତ୍ରିପାଠୀ ତଥା ତାଙ୍କ ସହଧର୍ମିଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଉକ୍ତ ଶିବିରକୁ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତ ଶ୍ରୀକାନ୍ତ ତ୍ରିପାଠୀ ଏକାଧାରରେ ଜଣେ ରାଜ୍ୟସ୍ତରୀୟ ଭଲିବଲ ଖେଳାଳି, ଜଣେ ସମାଜସେବୀ ଏବଂ ବିଜେପିର ଜଣେ ଯୁବନେତା ତଥା ଦୃଢ ସଂଗଠକ ଥିଲେ। ସ୍ୱର୍ଗତ ଶ୍ରୀକାନ୍ତଙ୍କ ସ୍ମୃତିରେ ଅନୁଷ୍ଠିତ ସ୍ମୃତିସଭାରେ ସାଂସଦ ରକ୍ତଦାନ ଯେ ମହତଦାନ ବୋଲି ବର୍ଣ୍ଣନା କରିବା ସହ ସ୍ୱର୍ଗତ ଶ୍ରୀକାନ୍ତ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନିୟ ଭୂମିକା ନିର୍ବାହ କରିବା ସହ ସମାଜ ସେବାକୁ ଜୀବନର ବ୍ରତ ଭାବେ ପାଳନ କରୁଥିଲେ ବୋଲି ମତପ୍ରକାଶ କରିଥିଲେ। ତାଙ୍କ ଖେଳୁଆଡ଼ ମନୋଭାବ ଆଜିର ଯୁବସମାଜ ପାଇଁ ଯେତିକି ପ୍ରେରଣାଦାୟୀ, ତାଙ୍କର ସଂଗଠନ ତଥା ଦଳ ପ୍ରତି ଥିବା ଅନୁଗତ୍ୟ ମଧ୍ୟ ସେତିକି ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ। ସାଂସଦ ମଧ୍ୟ ସେ ଦଳୀୟ ସାଙ୍ଗଠନିକ କାର୍ଯ୍ୟ ରେ ଏତେ ମଜ୍ଜି ଯାଇଥିଲେ ଯେ ନିଜ ସ୍ୱାସ୍ଥ୍ୟର ସଠିକ ଯତ୍ନ ନେବାରେ ଅବହେଳା କରିଥିଲେ କହିଥିଲେ। ଉକ୍ତ ରକ୍ତଦାନ ଶିବିର ରେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଜ଼ିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ଜ଼ିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୂଦୀପ ଗଡ଼ନାୟକ, ଜ଼ିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରସ୍ତୁତି

ରାଉରକେଲା,୨୩।୧୦ (ନିପ୍ର): ଆଦିବାସୀ ଟ୍ରାଇବାଲ ଫୋରମ୍ ଟ୍ରଷ୍ଟ ପକ୍ଷରୁ ଆସନ୍ତା ନଭେମ୍ବର ମାସ ୧୫ ତାରିଖରେ ଝିରପାଣିସ୍ଥିତ ବିଜୟ କ୍ଲବ ପଡ଼ିଆରେ ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ, ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୨ତମ ଜୟନ୍ତୀ ପାଳନ କରାଯିବ। ଏସମ୍ପର୍କରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଅଶୋକ କାଣ୍ଡୁଲନା, ସମ୍ପାଦକ ଅମିତ ବାରା, ଝିରପାଣି ସରପଞ୍ଚ ଅଜିତ୍ ତିର୍କି, ଉପଦେଷ୍ଟା ଆଲେକଜାଣ୍ଡାର ବିଶ୍ୱଜିତ ଘୋଷ,ଅଜୟ ଖାଲକୋ,ନିର୍ମଳ ଓରାମ, ରମେଶ ତିର୍କି, ରାଜେଶ ଟପ୍ପୋ,ଅନିଲ ଏକ୍କା ପ୍ରମୁଖ ସାମ୍ବାଦିକଙ୍କୁ ସୂଚନା ଦେଇ



କହିଲେ ଯେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ, ସଂଘର୍ଷ, ବଳିଦାନ ଓ ଆଦିବାସୀ ସମାଜ ପ୍ରତି ତାଙ୍କର ଅବଦାନକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ପାଇଁ ଏହା ଏକ ବିଶେଷ ପ୍ରୟାସ । ଏହି ଅବସରରେ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଲୋକନାଟକ ପରିବେଷଣ କରାଯିବ। ଏହି ନାଟକକୁ ଝାଡ଼ଖଣ୍ଡର ଅଭିଜ୍ଞ କଳାକାରମାନେ ପ୍ରସ୍ତୁତ ଓ ପରିବେଷଣ କରିବେ। ଏହା ସହିତ ଝିରପାଣି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ନାଟକ ମାଧ୍ୟମରେ ସେମାନେ ବିର୍ସା ମୁଣ୍ଡାଙ୍କ ଜୀବନ, ତାଙ୍କର ସଂଘର୍ଷ, ଦେଶପ୍ରେମ ଓ ଆଦିବାସୀ ସମାଜର ଅଧିକାର ପାଇଁ ତାଙ୍କର ଲଢ଼େଇ ବିଷୟରେ ଜାଣିବା ଓ ବୁଝିବାର ସୁଯୋଗ ପାଇବେ। ଦ୍ୱିତୀୟ ପର୍ଯ୍ୟାୟରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଗପୁରୀ ମ୍ୟୁଜିକାଲ୍ ନାଇଟ୍, ଭୋଜପୁରୀ ସଙ୍ଗୀତ ସହିତ ଅନ୍ୟାନ୍ୟ ଆକର୍ଷଣୀୟ ସାଂସ୍କୃତିକ ପରିବେଷଣ ସ୍ଥାନ ପାଇବ। ଏହି ଭବ୍ୟ ଆୟୋଜନର ମୁଖ୍ୟ ଆକର୍ଷଣ ହେବେ ଲୋକପ୍ରିୟ ଗାୟକ ପୱନଦୀପ ରାଜନ ଏବଂ ଚେତନା ଭରଦ୍ୱାଜଙ୍କ ସଙ୍ଗୀତ ପରିବେଷଣ। ଏହା ସହିତ ନାଗପୁରୀ ଗାୟକ ଜ୍ୟୋତି ସାହୁ, କୁମାର ପ୍ରୀତମ,ଆନିଶ ମାହାଲି, ସରସ୍ୱତୀ ବଙ୍କର, ଭୋଜପୁରୀ ଗାୟିକା ଇନ୍ଦୁ ସୋନାଲୀ ପ୍ରମୁଖ ସଂଗୀତ ପରିବେଷଣ କରିବେ। ଏଥିସହିତ ଜନଜାଗରଣ ରାଲି ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ।

## ମାଲକାନଗିରି ମେଡିକାଲରେ ଚିକିତ୍ସା ଅବହେଳା ଅଭିଯୋଗ

# ପ୍ରସୂତି ମହିଳା ଓ ନବଜାତ ଶିଶୁଙ୍କ ମୃତ୍ୟୁ, ହସ୍ପିଟାଲରେ ଉତ୍ତେଜନା

ମାଲକାନଗିରି,୨୩।୧୦ (ନିପ୍ର): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାକୁ ନେଇ ଗୁରୁତର ଅଭିଯୋଗ ଉଠିଛି। ଜଣେ ପ୍ରସୂତି ମହିଳା ଗଙ୍ଗତ୍ରି ଜେନା ଓ ତାଙ୍କ ନବଜାତ ଶିଶୁଙ୍କ ମୃତ୍ୟୁକୁ କେନ୍ଦ୍ର କରି ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଛି। ମୃତ ମହିଳାଙ୍କ ସ୍ୱାମୀ ସିଲୁ ଜେନା ଓ ପରିବାରବର୍ଗ ଚିକିତ୍ସାରେ ଅବହେଳା ହୋଇଥିବା ଅଭିଯୋଗ କରି ପ୍ରତିବାଦ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ବାଲିମେଳା ଅଞ୍ଚଳର ଗଙ୍ଗତ୍ରି ଜେନାଙ୍କୁ ରାତିରେ ପ୍ରସବ ଯନ୍ତ୍ରଣା ଅଧିକ ହେବାରୁ ପରିବାର ଲୋକେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ହସ୍ପିଟାଲରେ ପହଞ୍ଚିବା ପରେ ଠିକ୍ ସମୟରେ ଆବଶ୍ୟକ ଚିକିତ୍ସା କରାଯାଇ ନଥିବା ଏବଂ ଚିକିତ୍ସାରେ ବିଳମ୍ବ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ଗଙ୍ଗତ୍ରିଙ୍କର ସିଜରିଆନ୍ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ




ଅସ୍ତ୍ରୋପଚାର ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ଉପଯୁକ୍ତ ଚିକିତ୍ସା ଓ ଯତ୍ନ ମିଳି ନଥିବା ପରିବାର ଅଭିଯୋଗ କରିଛି। ଶେଷରେ ମା' ଓ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ପରିବାରବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ହସ୍ପିଟାଲ ପରିସରରେ ପ୍ରତିବାଦ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ଏବଂ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ଦାବି କରିଛନ୍ତି। ତେବେ ଏହି ଘଟଣାରେ ପ୍ରକୃତରେ ଚିକିତ୍ସାଗତ ଅବହେଳା ହୋଇଛି କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଘଟଣାର ଯାଞ୍ଚ ଏବଂ ଏ ସମ୍ପର୍କରେ ଆଧିକାରିକ ପ୍ରତିକ୍ରିୟା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

## ଶୈଳଶ୍ରୀ ପ୍ୟାଲେସରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ

ବଲାଙ୍ଗିର,୨୩।୧୦ (ନିପ୍ର): ବଲାଙ୍ଗିର ସହରସ୍ଥିତ ଶୈଳଶ୍ରୀ ପ୍ୟାଲେସ ପରିସରରେ ପବିତ୍ର ବିଜୟା ଦଶମୀ ଅବସରରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ଆୟୋଜିତ ହୋଇଯାଇଛି। ପାଟଣା ରାଜ୍ୟ ଅମଳରୁ ପ୍ରଚଳିତ ଏହି ପାରମ୍ପରିକ ଉତ୍ସବ ମଧ୍ୟ ବଲାଙ୍ଗିରର ଐତିହ୍ୟ, ସଂସ୍କୃତି ଓ ଧାର୍ମିକ ପରମ୍ପରାର ଏକ ଅନନ୍ୟ ପରିଚୟ ହୋଇ ରହିଛି। ଶୈଳଶ୍ରୀ ପ୍ୟାଲେସରେ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ମା' ଦଶମତୀ ଓ ପାଟଖଣ୍ଡା ଦେବୀଙ୍କୁ ରାଜପରିବାରର କୁଳଦେବୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଦଶହରା ଅବସରରେ ରାଜପରିବାର ପକ୍ଷରୁ ବିଭିନ୍ନ ଶୁଭକାର୍ଯ୍ୟର ଶୁଭାରମ୍ଭ କରିବାର ପରମ୍ପରା ମଧ୍ୟ ରହିଛି। ପୂର୍ବରୁ ବଲାଙ୍ଗିର ସହରର ସୁଦପଡ଼ା ଓ ତୁଳସୀନଗର ଅଞ୍ଚଳରେ ଲାଖବିନ୍ଧା ଉତ୍ସବ ଆୟୋଜିତ ହେଉଥିଲା। ଶୈଳଶ୍ରୀ ପ୍ୟାଲେସରୁ ଛତ୍ର, ବୈରଗ ଓ ପାରମ୍ପରିକ ପଟୁଆର ସହିତ ପାଟଖଣ୍ଡାଙ୍କୁ ନିଆଯାଇ ଏହି ଉତ୍ସବ ପାଳନ କରାଯାଉଥିଲା। କାଳକ୍ରମେ ଏହି ପରମ୍ପରାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଶୈଳଶ୍ରୀ ପ୍ୟାଲେସରେ ଏହାକୁ ଜୀବନ୍ତ ରଖିବାର ପ୍ରୟାସ ଜାରି ରହିଛି। ଚଳିତ ବର୍ଷ ମଧ୍ୟ ପାଟଖଣ୍ଡାଙ୍କୁ ମନ୍ଦିରରୁ ବାହାର କରାଯାଇ ନୀଳକଣ୍ଠ ମହାଦେବ ମନ୍ଦିରକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ରୀତିନୀତି ଅନୁସାରେ ଲାଖବିନ୍ଧା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ରାଜପୁରୋହିତ ସନ୍ତୋଷ କୁମାର ଦାଶ ନଡ଼ିଆକୁ ଭେଦ କରି ଲାଖବିନ୍ଧା ପରମ୍ପରା ସମ୍ପନ୍ନ କରିଥିଲେ।

## ମହେନ୍ଦ୍ରତନୟା ନଦୀତଟକୁ ନିଜସ୍ୱ ଉଦ୍ୟମରେ ସଫା କରାଇଲେ ସମାଜସେବୀ

ପାରଳାଖେମୁଣ୍ଡି,୨୩।୧୦ (ନିପ୍ର): ସହରବାସୀଙ୍କ ପାଇଁ ମହେନ୍ଦ୍ରତନୟା ନଦୀତଟ ଏକ ଧାର୍ମିକ ଆସ୍ଥା, ପରମ୍ପରା ଓ ସାଂସ୍କୃତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ। ବର୍ଷସାରା ଏଠାରେ ଲୋକେ ସ୍ନାନ, ପୂଜାପାଠ ଓ ବିଭିନ୍ନ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ବିଶେଷକରି ପବିତ୍ର କାର୍ତ୍ତିକ ମାସ ଓ କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ବନ୍ଦାଣ ଅବସରରେ ଏହି ଘାଟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥାଏ । ତେଣୁ ଏହି ଘାଟର ପରିଷ୍କାର ପରିଚ୍ଛନ୍ନତା କେବଳ ପ୍ରଶାସନିକ କର୍ତ୍ତବ୍ୟ ନୁହେଁ ବରଂ ଆମ ସମସ୍ତଙ୍କର ସାମୂହିକ କର୍ତ୍ତବ୍ୟ ଅଟେ।ନଦୀକୂଳରେ ବିଭିନ୍ନ ପୂଜାସାମଗ୍ରୀ, ଅଳିଆ ଆବର୍ଜନା ଏବଂ ଅଧା ବୁଡ଼ି ରହିଥିବା ଗଣେଶ ମୂର୍ତ୍ତି ଆଦି ଜମା ହୋଇ ରହିଥିବା ଆବର୍ଜନାକୁ ଜେସିବି ମାଧ୍ୟମରେ ସଫେଇ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ ସମାଜସେବୀ ରଞ୍ଜିତ କୁମାର ମହାପାତ୍ର। ଜଳ ପ୍ରଦୂଷଣ ରୋକିବା ନିମନ୍ତେ ନଦୀ ଓ ଅନ୍ୟାନ୍ୟ ଜଳାଶୟରେ ମୂର୍ତ୍ତି ବିସର୍ଜନକୁ ବାରଣ ହୋଇଥିବା ସତ୍ତ୍ୱେ ନିର୍ଦ୍ଦେଶାବଳୀର ଉଲଂଘନ କରାଯାଉଛି। ପୂର୍ବରୁ ମୂର୍ତ୍ତି ବିସର୍ଜନ ପାଇଁ କୃତ୍ରିମ ପୋଖରୀର ବ୍ୟବସ୍ଥା କରାଯିବା ପାଇଁ ନିର୍ଦ୍ଦେଶାବଳୀ ଥିଲେ ମଧ୍ୟ ତାହା ପ୍ରଶାସନିକ ଉଦାସୀନତା ଯୋଗୁଁ ପାଳନ ହୋଇ ପାରୁନାହିଁ।ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ସାମ୍ନାରେ ଫଳରସ ବିକ୍ରି କରି ନିଜର ଜୀବିକା ନିର୍ବାହ କରୁଥିବା ରଞ୍ଜିତ ପ୍ରତିବର୍ଷ ନିଜସ୍ୱ ଉଦ୍ୟମରେ କାର୍ତ୍ତିକ ମାସ ପୂର୍ବରୁ ଏହି ଘାଟକୁ ସଫା



କରାଇଥାନ୍ତି।ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖ ମଙ୍ଗଳବାରଠାରୁ କାର୍ତ୍ତିକ ମାସ ଆରମ୍ଭ ହେଉଥିବା ବେଳେ ଏହାର ଯଥେଷ୍ଟ ପୂର୍ବରୁ ସଫେଇ କାର୍ଯ୍ୟକୁ ସେ ସମ୍ପୂର୍ଣ୍ଣ କରିଛନ୍ତି। ଜଣେ ସାଧାରଣ ନାଗରିକ ଭାବରେ ସେ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ନିଶ୍ଚିତ ଭାବରେ ପ୍ରଶଂସା ଯୋଗ୍ୟ। ତାଙ୍କର ଏହି ମହତ୍ କାର୍ଯ୍ୟକୁ ସହରବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।ହଜାର ହଜାର ଲୋକ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ବ୍ୟବହାର କରୁଥିବା ବେଳେ ସେଠାରେ ସଫେଇ, ଆବର୍ଜନା ପରିଚାଳନା ଓ ପରିବେଶ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ପରିଚାଳନା କରାଯିବାର ଆବଶ୍ୟକତା ରହିଛି। ସରକାର କୋଟି କୋଟି ଟଙ୍କା ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ କରୁଥିବା ବେଳେ ଏହି ଘାଟକୁ ସଫା କରିବାରେ ଅବହେଳା ପ୍ରଶାସନର ନିଷ୍କ୍ରିୟତାକୁ ଦର୍ଶାଉଛି। ଜିଲ୍ଲା ପ୍ରଶାସନ, ସମ୍ପୃକ୍ତ ଗ୍ରାମପଞ୍ଚାୟତ ଓ ପାରଳାଖେମୁଣ୍ଡି ପୌରପାଳିକା ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇ ଏହି ଘାଟର ନିୟମିତ ସଫେଇ କରିବା ପାଇଁ ଜନସାଧାରଣ ଦାବି ଜଣାଇଛନ୍ତି।କାର୍ତ୍ତିକ ମାସ ଓ ବୋଇତ ବନ୍ଦାଣ ପୂର୍ବରୁ ସ୍ୱତନ୍ତ୍ର ସଫେଇ ଅଭିଯାନ, ଆବର୍ଜନା ସଂଗ୍ରହ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ, ମୂର୍ତ୍ତି ବିସର୍ଜନ ପାଇଁ ନିୟମାନୁସାରେ ବିକଳ୍ପ ବ୍ୟବସ୍ଥା ଏବଂ ନଦୀ ପ୍ରଦୂଷଣ ରୋକିବା ପାଇଁ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବାର ଆବଶ୍ୟକତା ରହିଛି। ସମାଜସେବୀ ରଞ୍ଜିତ କୁମାର ମହାପାତ୍ରଙ୍କ ଏହି ଉଦ୍ୟମ ନିଶ୍ଚିତ ଭାବରେ ପ୍ରଶଂସନୀୟ ଅଟେ। ମହେନ୍ଦ୍ରତନୟା ନଦୀ ଆମ ଅଞ୍ଚଳର ପ୍ରାକୃତିକ ସମ୍ପଦ ଓ ମହେନ୍ଦ୍ରତନୟା ଘାଟ ଆମ ସାଂସ୍କୃତିକ ପରିଚୟର ଏକ ଅଂଶ। ଏହାର ସୁରକ୍ଷା କେବଳ ରଞ୍ଜିତଙ୍କ ଦାୟିତ୍ୱ ନୁହେଁ ବରଂ ଏହା ପ୍ରଶାସନ, ଜନପ୍ରତିନିଧି ଓ ସମସ୍ତ ନାଗରିକଙ୍କ ସାମୂହିକ କର୍ତ୍ତବ୍ୟ ଅଟେ ବୋଲି କୁହାଯାଇଛି।

## 'ଟ୍ରୁ ଲାଇଫ୍' ନିଶା ନିବାରଣ କେନ୍ଦ୍ରର ବାର୍ଷିକ ଉତ୍ସବ

ନିରାକାରପୁର,୨୩।୧୦ (ନିପ୍ର); ସମାଜକୁ ନିଶାମୁକ୍ତ କରିବା ଏବଂ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାମେଶ୍ୱର ସ୍ଥିତ 'ଟ୍ରୁ ଲାଇଫ୍' ନିଶା ନିବାରଣ କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅତ୍ୟନ୍ତ ଆନନ୍ଦୋଲ୍ଲାସର ସହ ପାଳିତ ହୋଇଯାଇଛି। ସମାଜରୁ ନିଶା ଭଳି ବ୍ୟାଧିକୁ ଦୂରେଇ ରଖିବା ପ୍ରତ୍ୟେକ ନାଗରିକଙ୍କର ଏକ ବଡ଼ ଦାୟିତ୍ୱ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ନିରାକାରପୁର ଥାନା ଆଇଆଇସି ରୀନାରାଣୀ ସାହୁ,ସହଯୋଗ ପରିବାର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ଏ.ଏସ୍.ଆଇ. ଗୁପ୍ତ ପ୍ରସାଦ ମହାନ୍ତି, ସାମ୍ବାଦିକ ଦାଶରଥି ଶ୍ରୀଚନ୍ଦନ, ଜ୍ଞାନ ରଞ୍ଜନ ଦାଶ, ଦୀପକ କୁମାର ପ୍ରଧାନ, ଅନୁଷ୍ଠାନ ଭାଇସ ଚେୟାରମ୍ୟାନ ସୌମ୍ୟଶ୍ରୀ ପ୍ରିୟଦର୍ଶନ କର, ଚେୟାରମ୍ୟାନ ରୋଜାଲିନ୍ ସୌମ୍ୟ କର, ସୌମ୍ୟ ମହାପାତ୍ର, ସଂଯୋଜକ ଦିଲ୍ଲୀପ ପଣ୍ଡା, ଚିନ୍ମୟ ମହାପାତ୍ର ଓ ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ଯୋଗଦେଇ ନିଶା ନିବାରଣ ଏବଂ ସମାଜ ସଂସ୍କାର ଦିଗରେ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ଅରବିନ୍ଦ ସାହୁ, ରାଘବ ସ୍ୱାଇଁ, ଜିତେନ୍ଦ୍ର କୁମାର ସାହୁ, ମାନସ ମହାପାତ୍ର, ବିକାଶ ସୁନ୍ଦରାୟ, ବିଭୁ ପୃଷ୍ଟି, ଦୀପ୍ତି ପାଲ, ଆଲୋକ ବଳିଆରସିଂହ, ଚିତ୍ତରଂଜନ ସାହୁ ଓ ରାଜେଶ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀମାନଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା।

## ଶ୍ରୀମୟକର ଓ ନୀଳମୋହନଙ୍କୁ ମିଳିବ ଚର୍ଚ୍ଚିକା ସମ୍ମାନ

ବାଙ୍କୀ,୨୩।୧୦ (ନିପ୍ର): ବାଙ୍କୀ ମହୋତ୍ସବ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ପ୍ରେସକ୍ଲବ ତଥା ବିଦ୍ୟାରତ୍ନ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବାଙ୍କୀର ଏହି ଗଣପର୍ବ ଆସନ୍ତା ଅକ୍ଟୋବର ୨୬ରୁ ୩୦ ପର୍ଯ୍ୟନ୍ତ ୫ଦିନ ବ୍ୟାପି କଚେରୀ ପଡିଆ ଠାରେ ଅନୁଷ୍ଠିତ ହେବ । ୨୬ତାରିଖ ଦିନ ବାଙ୍କୀର ଇଷ୍ଟଦେବୀ ମା'ଚର୍ଚ୍ଚିକାଙ୍କ ପୀଠରୁ ଆଜ୍ଞାମାଳ ଏକ ଶୋଭାଯାତ୍ରାରେ ଆସି ମହୋତ୍ସବ ପେଣ୍ଡାଲରେ ସ୍ଥାନିତ ହେବା ପରେ ଏହି ମହୋତ୍ସବକୁ ଓଡ଼ିଶାର ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ସଭାପତି ଶୁଭ୍ରାଂଶୁ ମୋହନ ପାଢୀ ଅତିଥି ଭାବେ ଯୋଗଦାନ କରିବେ । ଅନ୍ୟଦିନ ମାନଙ୍କରେ ପ୍ରଫେସର ହରେକୃଷ୍ଣ ଶତପଥୀ, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତି, ସମ୍ବାଦ ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ, ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ, ଡାକ୍ତର ଅନଙ୍ଗଦିବେନ୍ଦୀ, ପ୍ରଫେସର ରବିନାରାୟଣ ଶତପଥୀ, ରାଜୀବ କୁମାର ଷଡଙ୍ଗୀ, ମଧୁସୂଦନ ମିଶ୍ର, କମଳଜିତ୍ ଦାସ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ, ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ଡକ୍ଟର ସତ୍ୟରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ବାଙ୍କୀର ୨ଜଣ କୃତି ସନ୍ତାନ ଶ୍ରୀମୟ କର ଓ ନୀଳମୋହନ ତ୍ରିପାଠୀଙ୍କୁ ଚର୍ଚ୍ଚିକା ସମ୍ମାନରେ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି । ଏଥି ସହିତ ଆଦର୍ଶ ଶିକ୍ଷକ ସୁଦର୍ଶନ ଦାସ, ଶିଳ୍ପପତି ବିଜୟ କୁମାର ପଣ୍ଡା, ମହିଳା କମାଣ୍ଡର ଶୋଭାଗିନି ଦେବୀ, କୃଷକ ଅପର୍ତ୍ତି ପରିଡା, ଡାକ୍ତର ଆର୍ଯ୍ୟମାଭୋ ପଟ୍ଟନାୟକ, ଡକ୍ତର ନିରୋଦ ମନ୍ତ୍ରୀ ଓ ପାଲା ଗାୟିକା ସ୍ନେହଲତା ବେହେରାଙ୍କୁ ସମ୍ମାନିତ କରାଯିବ ।

## ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

### ଦୁର୍ଘଟଣା ଆଶଙ୍କାରେ ଯାତ୍ରୀ, ମରାମତି ନେଇ ବିଭାଗର ନିରବତା

ଝାରସୁଗୁଡ଼ା,୨୩।୧୦ (ନିପ୍ର); ଝାରସୁଗୁଡ଼ା ଜିଲ୍ଲାରେ ଜାତୀୟ ରାଜପଥର ରକ୍ଷଣାବେକ୍ଷଣ ଓ ସଡ଼କ ସୁରକ୍ଷା ସୁଧାର ନେଇ ବାରମ୍ବାର ଅଭିଯୋଗ ଏବଂ ଦାବି ହେଉଛି। ରାସ୍ତାରେ ସୃଷ୍ଟି ହେଉଥିବା ଖାଲ ଏବଂ ନଷ୍ଟ ହୋଇଯାଉଥିବା ପିଚୁ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାବେଳେ ଏହାର ସ୍ଥାୟୀ ମରାମତି ଦାବି ଜୋର ଧରିଛି। ବିଶେଷକରି ୪୯ ନମ୍ବର ଜାତୀୟ ରାଜପଥର କୋଲାବିରା ବ୍ଲକ୍ ଅନ୍ତର୍ଗତ ରଘୁନାଥପାଲି ଛକରେ ଦୀର୍ଘଦିନ ଧରି ରାସ୍ତା ନଷ୍ଟ ହୋଇ ପଡ଼ିରହିବା ଏହି ସମସ୍ୟାର ଏକ ଉଦାହରଣ ପାଲଟିଛି। ରଘୁନାଥପାଲି ଛକରେ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ପିଚୁ ଉଠିଯାଇ ମେଟାଲ ପଥର ବାହାରି ପଡ଼ିଛି। ରାସ୍ତାରେ ଗଭୀର ଖାଲ ସୃଷ୍ଟି ହୋଇଥିବାରୁ ଯାନବାହନ ଚଳାଚଳ ସମୟରେ ଦୁର୍ଘଟଣାର ଆଶଙ୍କା ବଢ଼ିଛି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଚାଳକମାନେ ଅନେକ ସମୟରେ ଖାଲକୁ ଠିକ୍ ଭାବେ ଚିହ୍ନି ନପାରି ଅସୁବିଧାରେ ପଡୁଛନ୍ତି। ବିଶେଷକରି ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଏହା ଅଧିକ ବିପଜ୍ଜନକ ହୋଇଛି। ସ୍ଥାନୀୟ ଆଇନଜୀବୀ ଆଶିଷ କୁମାର ସାଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାର ଏହି ଅବସ୍ଥା ଯୋଗୁଁ ଯାତ୍ରୀମାନେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ଛକରେ ଦୋକାନ କରିଥିବା ପ୍ରକାଶ ସାହୁଙ୍କ କହିବା ଅନୁଯାୟୀ, ଖାଲ ଯୋଗୁଁ ଅଧିକାଂଶ ସମୟରେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଜାତୀୟ ରାଜପଥ ପରି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଏଭଳି



ଅବ୍ୟବସ୍ଥା ରହିବା ସଡ଼କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

ରାସ୍ତାର ନିୟମିତ ଯାଞ୍ଚ, ଖାଲ ଚିହ୍ନଟ ଏବଂ ତୁରନ୍ତ ମରାମତି କରାଯିବା ଆବଶ୍ୟକ ଥିବାବେଳେ ଦୀର୍ଘଦିନ ଧରି ଏହାର ସମାଧାନ ନହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢୁଛି। ରଘୁନାଥପାଲି ଛକର ବ୍ୟବସାୟୀ ବାପି ବାରିକ, ଅଜିତ ସାହୁଙ୍କ ସମେତ ଆଇନଜୀବୀ ରାଜେଶ କୁମାର ମହାପାତ୍ର, ଆର. ପଶାୟତ, ପରମାନନ୍ଦ ପଧାନ, ସୁଶାନ୍ତ ମହାପାତ୍ର, ସୁରେଶ ରକ୍ସା, ଲଳିତ ଭାଇଁସା, ରିଙ୍କୁ ଦାସ, ପିତ ପ୍ରଧାନ, ସଞ୍ଜୟ ପଧାନ ଓ ସୂର୍ଯ୍ୟ ପଟେଲ ପ୍ରମୁଖ ରାସ୍ତାର ତୁରନ୍ତ ମରାମତି ଦାବି କରିଛନ୍ତି। ଏହି ସମସ୍ୟା କେବଳ ଗୋଟିଏ ଛକରେ ସୀମିତ ନରହି ଜିଲ୍ଲାର ଅନ୍ୟାନ୍ୟ ରାସ୍ତାର ରକ୍ଷଣାବେକ୍ଷଣକୁ ନେଇ ମଧ୍ୟ ଆଲୋଚନାର ଆବଶ୍ୟକତା ସୃଷ୍ଟି କରିଛି। ରାସ୍ତାରେ ଖାଲ ଯୋଗୁଁ ଯାତ୍ରୀଙ୍କ ଜୀବନ ବିପଦରେ ପଡ଼ିବା ପୂର୍ବରୁ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବା ସହ ରାସ୍ତାର ସ୍ଥାୟୀ ମରାମତି କରିବାକୁ ଦାବି ହୋଇଛି।

## ପୂଜ୍ୟପୂଜା ସଂସଦର ୫୫ତମ ବିଜୟା ମିଳନ

ଭଦ୍ରକ,୨୩।୧୦ (ନିପ୍ର); ସଭ୍ୟତା ସଂସ୍କୃତିର ପରିଚୟ ମିଳେ ତା'ର ଉନ୍ନତ ପରମ୍ପରା ପାଇଁ। ଯେଉଁଠି ପରମ୍ପରା ସୁନିୟନ୍ତ୍ରିତ ଏବଂ ଧାରାବାହିକତାରେ ନିଷ୍ପାପର, ସେଇଠି ପାରମ୍ପରିକ ଯାତ୍ରାର ସଫଳତା ଅନୁଭବ କରାଯାଇଥାଏ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦର ୫୫ତମ 'ବିଜୟା ମିଳନ' ଅବସରରେ ଅତିଥି ଓ ବକ୍ତାମାନେ ଯୋଗଦେଇ ମତପ୍ରକାଶ କରିଛନ୍ତି । ଅଧ୍ୟାପକ ଦତ୍ତାତ୍ରେୟ ଦାଶଙ୍କ ସଂଚାଳନରେ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ନିହାର ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଉତ୍ସବଟିକୁ ଉଦ୍ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ ପୂଜ୍ୟପୂଜାର ମହନୀୟ ପରଂପରାକୁ ଅକ୍ଷୁଣ୍ଣ ରଖିବା ସହ ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ଦିଗରେ ଏଭଳି ଆୟୋଜନର ଆବଶ୍ୟକତା ରହିଛି ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ ପୂଜ୍ୟପୂଜା ସଂସଦର ଏହି ଉଦ୍ୟମ ପୂଜ୍ୟ ବ୍ୟକ୍ତିତ୍ୱଙ୍କ ସମ୍ମାନବୋଧ ଜାଗ୍ରତ କରିବା ସହ ସାହିତ୍ୟିକ ଓ ସାଂସ୍କୃତିକ ଚେତନାର ପ୍ରସାର ଦିଗରେ ସହାୟକ ହୋଇଛି ବୋଲି କହିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସାହିତ୍ୟରତ୍ନ ସ୍ୱର୍ଗତ ଅପୂର୍ବ ରଂଜନ ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଚଳିତବର୍ଷ ମର୍ଯ୍ୟାଦାଜନକ 'ବିଜୟା ସମ୍ମାନ' ଭଦ୍ରକର ପ୍ରାକ୍ତନ ଲୋକପ୍ରିୟ ଜିଲ୍ଲାପାଳ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଦିଲୀପ ରାଉତରାଏଙ୍କୁ ପ୍ରଦାନ କରାଯାଇଥିଲା । ସେ ତାଙ୍କ ସମ୍ବର୍ଦ୍ଧନା ଉତ୍ତରରେ ସାହିତ୍ୟ ମାଧ୍ୟମରେ ସମାଜରେ ମାନବିକତା, ନୈତିକତା ଓ ସାମାଜିକ ମୂଲ୍ୟବୋଧର ପ୍ରସାର ହିଁ ବିଜୟା ମିଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ ।

# ବୌଦ୍ଧରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ରୁଟ୍ ପୁନଃ ନିର୍ଦ୍ଧାରଣ ନେଇ ଜିଲ୍ଲାସ୍ତରୀୟ ବୈଠକ

ବୌଦ୍ଧ,୨୩।୧୦ (ନିପ୍ର): ବୌଦ୍ଧ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ରୁଟ୍ ପୁନଃନିର୍ଦ୍ଧାରଣ, ଅନ୍ତଜିଲ୍ଲା ଓ ଜିଲ୍ଲା ମଧ୍ୟରେ ଗମନାଗମନ ସଂଯୋଗକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କୁ ଉନ୍ନତ ପରିବହନ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ସଭାଗୃହରେ ଏକ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏହି ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଓଏସଆରଟିସିର ଡିଏମ୍ ଜୟକୃଷ୍ଣ ନନ୍ଦଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ସରକାରୀ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ବସ୍ ରୁଟ୍‌ର ପୁନଃନିର୍ଦ୍ଧାରଣ, ଜିଲ୍ଲା ମଧ୍ୟରେ ବସ୍ ସଂଯୋଗ ବ୍ୟବସ୍ଥା, ଜିଲ୍ଲା ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡର ପ୍ରବେଶ ଓ ବ୍ୟବହାର, ପୁରୁଣା କଟକ ଏବଂ କଣ୍ଟାମାଳ ବସ୍‌ଷ୍ଟାଣ୍ଡକୁ ଘରୋଇ ବସ୍‌ର ପ୍ରବେଶ ବ୍ୟବସ୍ଥା ଏବଂ ସରକାରୀ ନିୟମ ଅନୁଯାୟୀ ପାର୍କିଂ ଶୁଳ୍କ ଆଦାୟ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ପୁରୁଣା କଟକ ଓ କଣ୍ଟାମାଳ ବସ୍‌ଷ୍ଟାଣ୍ଡରେ ଥିବା ବାଣିଜ୍ୟିକ ଦୋକାନଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଲିଜ୍‌ରେ ଦେବା, ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ନିୟୋଜିତ ବର୍ତ୍ତମାନର ବିଏଲ୍ଏଫ୍‌ର କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ ଅତିରିକ୍ତ ବ୍ଲକ୍‌ଗୁଡ଼ିକରେ ରାଜସ୍ୱ ଆଦାୟ ପାଇଁ ଏଜେନ୍ସି ନିୟୋଜନ ନିମନ୍ତେ ବିଏଲ୍ଏଫ୍ ଚୟନ,




ଅଧିକ ସଂଖ୍ୟାରେ ମହିଳା କଣ୍ଡକ୍ଟର ନିୟୋଜନ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।ଜନସାଧାରଣ, ବିଶେଷକରି ଛାତ୍ରଛାତ୍ରୀଙ୍କ ଯାତାୟତକୁ ସୁବିଧାଜନକ କରିବା ପାଇଁ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ନିକଟରେ ନୂତନ ବସ୍‌ଷ୍ଟପ୍ ନିର୍ମାଣ କରିବା ଏବଂ ବଲାଙ୍ଗୀରରୁ ଫୁଲବାଣୀ ଅଭିମୁଖେ ଯାଉଥିବା ସକାଳ ସରକାରୀ ବସ୍ ସହ ସମୟାନୁଯାୟୀ ସଂଯୋଗ ସ୍ଥାପନ ପାଇଁ କଣ୍ଟାମାଳଠାରୁ ଫିଡର୍ ବସ୍ ସେବା ଯୋଗାଇଦେବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲାପାଳ ଜନସାଧାରଣଙ୍କୁ ସୁଗମ, ସୁରକ୍ଷିତ ଓ ଉନ୍ନତ ଗମନାଗମନ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏଥିପାଇଁ ଉପଜିଲ୍ଲାପାଳ, ସମସ୍ତ ବିଡିଓ, ତହସିଲଦାର, ଆରଟିଓ ଏବଂ ପୋଲିସ ବିଭାଗ ମିଳିତ ଭାବେ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଉନ୍ନତ ବସ୍ ସେବା ଓ ସୁସଂଗଠିତ ଗମନାଗମନ ବ୍ୟବସ୍ଥାର ସୁଫଳ ପାଇବା ପାଇଁ ଜନସାଧାରଣ ନିର୍ଦ୍ଧାରିତ ବସ୍‌ଷ୍ଟପ୍ ବ୍ୟବହାର କରିବା ସହ ପରିବହନ ନିୟମ ପାଳନ କରନ୍ତୁ ଏବଂ ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

### ଦଣ୍ଡ ପୂରଣ ହେବା ପରେ ବି...

# ବାଂଲାଦେଶ ଜେଲ୍‌ରେ ଅଛନ୍ତି ୧୬୦ରୁ ଅଧିକ ଭାରତୀୟ

ନୂଆଦିଲ୍ଲୀ, ୨୩/୧୦: ଏକ ବାଂଲାଦେଶୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବାଂଲାଦେଶରେ ଡ୍ରଗ୍ସ ଓ ମାନବ ଚାଲାଣ ଠାରୁ ଆରମ୍ଭ କରି ସୁନା ଚୋରା ଚାଲାଣ ଓ ଅବୈଧ ଭଏସ୍ ଓଭର ଇଣ୍ଟରନେଟ୍ ପ୍ରୋଟୋକଲ୍ ବ୍ୟବସାୟ ପର୍ଯ୍ୟନ୍ତ ଅପରାଧ ପାଇଁ ୧୫ଟି ଦେଶର ଅତି କମ୍‌ରେ ୪୦୭ ବିଦେଶୀ ଜେଲରେ ଅଛନ୍ତି। ଜେଲରେ ଥିବା ବିଦେଶୀଙ୍କ ମଧ୍ୟରୁ ୫୦%ରୁ ଅଧିକ ଭାରତୀୟ, ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ସେମାନଙ୍କର କାର୍ଯ୍ୟକାଳ ସମାପ୍ତ କରିସାରିଲେଣି ଓ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଯୋଗ୍ୟ। ସୂଚନାଯୋଗ୍ୟ, ବାଂଲାଦେଶୀ ଜେଲରେ ବିଦେଶୀ କଏଦୀଙ୍କ ମଧ୍ୟରେ ସର୍ବାଧିକ ୨୩୮ ଜଣ ଭାରତୀୟ କଏଦୀ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୧୬୮ ଜଣ ସେମାନଙ୍କର ଦଣ୍ଡ ପୂରଣ କରିସାରିଛନ୍ତି କିନ୍ତୁ ସେମାନଙ୍କ ପ୍ରତ୍ୟାବର୍ତ୍ତନର ବ୍ୟବସ୍ଥା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବାରୁ ସେଠାକାର ଜେଲରେ ଅଟକ ରହିଛନ୍ତି। ଢାକାସ୍ଥିତ ଭାରତୀୟ ହାଇକମିସନର କନସୁଲାର ୱିଙ୍ଗର ଜଣେ ଅଧିକାରୀ ଢାକାସ୍ଥିତ ସମ୍ବାଦପତ୍ରକୁ କହିଛନ୍ତି ଯେ, ବାଂଲାଦେଶରେ ଜେଲରେ ଥିବା ମାତ୍ର ୨୫ ଜଣ ଯାଞ୍ଚ ହୋଇଥିବା ଭାରତୀୟ ସେମାନଙ୍କର କାର୍ଯ୍ୟକାଳ ସମାପ୍ତ କରିବା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଅପେକ୍ଷାରେ ଅଛନ୍ତି। ସମସ୍ୟା ହେଉଛି ପରିଚୟ ନିର୍ଣ୍ଣୟ କରିବା ଓ ସେମାନେ ପ୍ରକୃତରେ ଭାରତୀୟ କି ନାହିଁ ତାହା ନିଶ୍ଚିତ କରିବା। ଭାରତୀୟ ହାଇ କମିସନର ଅଧିକାରୀ କହିଛନ୍ତି ଯେ, ବାଂଲାଦେଶର ବିଦେଶ ମନ୍ତ୍ରଣାଳୟ ୧୨୧ ଜଣ ଭାରତୀୟ କଏଦୀଙ୍କ ତାଲିକା ସେୟାର କରିଛି ଯେଉଁମାନେ ସେମାନଙ୍କର ଜେଲ୍ ସମୟ ପୂରଣ କରିଛନ୍ତି। ଏହି ଭାରତୀୟ କଏଦୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବ୍ୟକ୍ତିଗତ ବିବରଣୀ ସେମାନଙ୍କ ଭାରତୀୟ ନାଗରିକତାର ଯାଞ୍ଚ ପାଇଁ ପର୍ଯ୍ୟାପ୍ତ ନୁହେଁ। ହାଇ କମିସନ ଏହି କଏଦୀମାନଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲେ। କିଛି କ୍ଷେତ୍ରରେ ଜାତୀୟତା ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାବେଳେ, ବାଂଲାଦେଶର ବିଦେଶ ମନ୍ତ୍ରଣାଳୟର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଥିବା ହାଇକମିସନର ଅଧିକାରୀ କହିଛନ୍ତି।

# ଲରେନ୍ସ ବିଷ୍ଣୋଇର ନିଶାଣରେ ଗରିବ ଯୁବକ

### ପ୍ରଲୋଭନ ଦେଖାଇ ପ୍ରସ୍ତୁତ କରାଯାଉଛି ଗ୍ୟାଙ୍ଗର ସ୍ଲିପର ସେଲ୍



**ବହରାଇଚ, ୨୩/୧୦:** ଅଭିନେତା ଟାଇଗର ଶ୍ରଫଙ୍କ ଉପରକୁ ଗୁଳମାଡ଼ ଘଟଣା ପରେ ଚର୍ଚ୍ଚାରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ । ପୁଲିସ ମଧ୍ୟ ଆରମ୍ଭ କରି ଦେଇଛି ଖୋଳତାଡ଼ । ଆଉ ଯାହା ସାମ୍ନାକୁ ଆସିଛି ,ତାହା ଖୁବ୍ ଆଶ୍ଚର୍ଯ୍ୟଜନକ । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗରିବ ଯୁବକମାନଙ୍କୁ ଟଙ୍କା ରୋଜଗାର କରିବା ଏବଂ ଅପରାଧ ଦୁନିଆରେ ନାମ କମାଇବା ପାଇଁ ପ୍ରଲୋଭନ ଦେଖା ଯାଉଛି ଏବଂ ଗ୍ୟାଙ୍ଗର 'ସ୍ଲିପର ସେଲ୍' ଭାବେ ପ୍ରସ୍ତୁତ କରାଯାଉଛି ବୋଲି ଆଶଙ୍କା କରାଯାଉଛି । ଉତ୍ତର ପ୍ରଦେଶର ବହରାଇଚ ଜିଲ୍ଲାର ଘାଘରା ନଦୀ କୂଳବର୍ତ୍ତୀ ଗାଁ ଗୁଡ଼ିକରୁ ରୋଜଗାର ଉଦ୍ଦେଶ୍ୟରେ ମୁମ୍ବାଇ ଓ ମହାରାଷ୍ଟ୍ରର ଅନ୍ୟ ସବୁ ସହରକୁ ଆସନ୍ତୁ ଗରିବ ଯୁବକମାନେ । ସେଠାରେ ସେମାନେ ମଜୁରୀ କରି ଅର୍ଥ ରୋଜଗାର କରନ୍ତି । ଆଉ ଏହି ଗରିବ ପରିବାରର ଯୁବକମାନେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଟାର୍ଗେଟର ଶିକାର ହୁଅନ୍ତି। ଅକ୍ଟୋବର ୨୦୨୪ ମସିହାରେ ମୁମ୍ବାଇରେ ବାବା ସିଦ୍ଦିକୀଙ୍କ ହତ୍ୟାକାଣ୍ଡରେ ବହରାଇଚର ଛଅ ଜଣ ଅଭିଯୁକ୍ତ ଗିରଫ ହେବା ପରେ ଏହି ନେଟୱର୍କର ସ୍ଥାନୀୟ ଲିଙ୍କ୍ ସାମ୍ନାକୁ ଆସି ଥିଲା। ବର୍ତ୍ତମାନ ଅଭିନେତା ଟାଇଗର ଶ୍ରଫଙ୍କ ଉପରେ ଗ୍ୟାଙ୍ଗର ଆକ୍ରମଣ ଖବର ଏବଂ ସୀତାପୁରର ଜଣେ ଯୁବତୀଙ୍କ ନାମ ସାମ୍ନାକୁ ଆସିବା ପରେ ଗୁପ୍ତଚର ଏଜେନ୍ସିଗୁଡ଼ିକ ପୁରୁଣା ମାମଲା ଏବଂ ସନ୍ଦିଗ୍ଧ ସମ୍ପର୍କକୁ ପୁଣି ଥରେ ତଦନ୍ତ କରିବାରେ ଲାଗି ପଡ଼ିଛନ୍ତି । ଏହି ନେଟୱର୍କର ସ୍ଥାନୀୟ ପ୍ରଭାବର ଅନୁମାନ ଏଥିରୁ ଲଗାଯାଇ ପାରେ ଯେ , ବହରାଇଚର ସୁନା ବ୍ୟବସାୟୀ ଚନ୍ଦ୍ର ମୋହନ ସୋନି ଏବଂ ସମାଜବାଦୀ ପାର୍ଟିର ଜାତୀୟ ମୁଖପାତ୍ର ମହମ୍ମଦ ତାରିକଙ୍କୁ ମଧ୍ୟ ଗତ କିଛି ମାସ ମଧ୍ୟରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନାଁରେ ଧମକ ଦିଆଯାଇ ଥିଲା । ଉଭୟ ମାମଲାରେ ରୁଜୁ ହୋଇଛି । ଉକ୍ତ ଘଟଣାଗୁଡ଼ିକରେ ଧମକ ଦେଉଥିବା ବ୍ୟକ୍ତିମାନେ ସ୍ଥାନୀୟ ଅଞ୍ଚଳର ଏବଂ ଗ୍ୟାଙ୍ଗର ସ୍ଲିପର ସେଲ୍ ସହିତ ଜଡ଼ିତ ରହିଥିବା ଦିଗଟି ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଯଦିଓ ଏହି ଦୁଇ ଜଣଙ୍କ ଅଭିଯୁକ୍ତ ଏବଂ ବାବା ସିଦ୍ଦିକୀ ହତ୍ୟାକାଣ୍ଡରେ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ସହିତ ସିଧାସଳଖ ସମ୍ପର୍କ ଥିବାର ବର୍ତ୍ତମାନ ସୁଦ୍ଧା କୌଣସି ପ୍ରମାଣ ମିଳିପାରି ନାହିଁ, ତଥାପି ଉଭୟ ଆକ୍ରମଣରେ ଲରେନ୍ସ ଗ୍ୟାଙ୍ଗର ନାମ ସାମ୍ନାକୁ ଆସିଛି ।

# ମହାରାଷ୍ଟ୍ରରେ ପିଟିପିଟି ହତ୍ୟା

ମୁମ୍ବାଇ, ୨୩/୧୦: ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଗୁରୁବାର ଜନଗହଳିପୂର୍ଣ୍ଣ ରାସ୍ତାରେ ଜଣେ ୩୬ ବର୍ଷୀୟ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ଦେବେଶ ଓରଫ ବଣ୍ଟି ଦୀକ୍ଷିତ। ସେ ଜିମ୍‌ରୁ ଫେରୁଥିବାବେଳେ ଜଣେ ବ୍ୟକ୍ତି କାରରେ ତାଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲେ। ଏହାପରେ ରାସ୍ତାରେ ପଡ଼ିଯାଇଥିବା ଦେବେଶଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଘଟଣାର ସମସ୍ତ ଦୃଶ୍ୟ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ମୃତକଙ୍କ ସହ ଅଭିଯୁକ୍ତ ପବନ ପରାଶରଙ୍କର ପୂର୍ବରୁ ବନ୍ଧୁତା ଥିଲା। ପରେ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଓ ପୁରୁଣା ବିବାଦ ଯୋଗୁଁ ଉଭୟଙ୍କ ସମ୍ପର୍କ ତିକ୍ତ ହୋଇଥିବା ସନ୍ଦେହ କରାଯାଉଛି। ଘଟଣା ପରେ ପବନ ନିଜେ ସିଡ୍‌କୋ ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଥିବା ପୁଲିସ କହିଛି। ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଥିବା ବେଳେ ହତ୍ୟା ପଛର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଦେବେଶ ଏକ ମେସ୍ ଚଳାଇବା ସହ ପ୍ଲଟ୍ କିଣାବିକା ବ୍ୟବସାୟରେ ମଧ୍ୟ ଜଡ଼ିତ ଥିଲେ। ଏହି ଘଟଣା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

# ଟାଟା ଟ୍ରଷ୍ଟକୁ ୬ ପାର୍ସି ସଂଗଠନର ସମର୍ଥନ




ମୁମ୍ବାଇ, ୨୩/୧୦: ଏତେ ଅଧିକ ଅଂଶଧନ ସତ୍ତ୍ୱେ ଟ୍ରଷ୍ଟର କଥା ନ ରହିବା ପାର୍ସି ସମାଜକୁ ବ୍ୟଥିତ କରିଛି। ଦେଶବିଦେଶର ୬ଟି ପାର୍ସି ସଂଗଠନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏନେଇ ଚିଠି ଲେଖିଛନ୍ତି। ଟାଟା ଗ୍ରୁପ୍‌ରେ ଦଶନ୍ଧି ଦଶନ୍ଧି ଧରି ପ୍ରଚଳନରେ ଥିବା ମାଲିକାନାସତ୍ତ୍ୱ ଓ କାର୍ଯ୍ୟଶୈଳୀକୁ ସୁରକ୍ଷା ଦେବାକୁ ସେମାନେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହାଦ୍ୱାରା ଟ୍ରଷ୍ଟ ନିଜର ସମାଜସେବା ଓ ପରୋପକାର କାର୍ଯ୍ୟ ଜାରି ରଖିପାରିବ ବୋଲି ସେମାନେ କହିଛନ୍ତି। ପାର୍ସି ସଂଗଠନଗୁଡ଼ିକ ଚିଠିରେ ଲେଖିଛନ୍ତି, ଏହାକୁ ଦୁଇ ଅଂଶଧନକାରୀମାନଙ୍କ ଭିତରେ ମତଭେଦ ଭାବେ ଦେଖା ନଯାଉ। କାରଣ ଏହାର ସିଧାସଳଖ ପ୍ରଭାବ ଦେଶର ସବୁଠୁ ବଡ଼ ଓ ଭରସାଯୋଗ୍ୟ ବ୍ୟାବସାୟିକ ସଂଗଠନ ଉପରେ ପଡ଼ିବ। ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ସଂଗଠନଗୁଡ଼ିକ ହେଉଛି ବମ୍ବେ ପାର୍ସି ପଞ୍ଚାୟତ, ଫେଡେରେସନ୍ ଅଫ୍ ପାର୍ସି ଜୋରୋଷ୍ଟ୍ରିୟନ ଅଞ୍ଜୁମନ ଅଫ୍ ଇଣ୍ଡିଆ, ଫେଡେରେସନ୍ ଅଫ୍ ଜୋରୋଷ୍ଟ୍ରିୟନ ଅଫ୍ ନର୍ଥ ଆମେରିକା, ଜୋରୋଷ୍ଟ୍ରିୟନ ଟ୍ରଷ୍ଟ୍ ଅଫ୍ ୟୁରୋପ, ଗ୍ଲୋବାଲ୍ କାଉନ୍‌ସିଲ୍ ଅଫ୍ ଜୋରୋଷ୍ଟ୍ରିୟନ ଟ୍ରଷ୍ଟ ଓ ୱାର୍ଲଡ୍ ଜୋରୋଷ୍ଟ୍ରିୟନ ଚାମ୍ବର ଅଫ୍ କମର୍ସ। ଏହି ସଂଗଠନଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି ଯେ ଯଦି ଟାଟା ସନ୍ସ ଷ୍ଟକ୍ ବଜାରରେ ତାଲିକାଭୁକ୍ତ ହେବ ତେବେ ଏହାକୁ ପ୍ରତି ୩ ମାସରେ ଲାଭ ଦେଖାଇବାକୁ ପଡ଼ିବ ଓ ସେୟାର ମୂଲ୍ୟ ବଢ଼ାଇବାକୁ କମ୍ପାନି ଉପରେ ସବୁବେଳେ ଚାପ ରହିବ। ଏହା ଟାଟାର କାର୍ଯ୍ୟଶୈଳୀକୁ ପ୍ରଭାବିତ କରିବ। ତାହାର ସିଧାସଳଖ ପ୍ରଭାବ ଭବିଷ୍ୟତର ପ୍ରକଳ୍ପ ଓ ସମାଜସେବା ଉପରେ ପଡ଼ିବ। ଯେହେତୁ ଟାଟା ସନ୍ସର ୬୬% ଅଂଶଧନ ଟାଟା ଟ୍ରଷ୍ଟ୍ସ ପାଖରେ ରହିଛି, ସେଥିପାଇଁ କମ୍ପାନିର ଆୟର ଏକ ବଡ଼ ଭାଗ ସିଧାସଳଖ ସମାଜସେବା, ଡାକ୍ତରଖାନା, ଶିକ୍ଷା ଓ ଗବେଷଣା ଆଦିରେ ଖର୍ଚ୍ଚ ହୋଇପାରୁଛି। ନିଜସ୍ୱ କାମ କରିବା ଶୈଳୀ ପାଇଁ ଟାଟା ଏସବୁ କାମ ବିନା କୌଣସି ଚାପରେ କରିପାରୁଛି ବୋଲି ସେମାନେ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି।

### ଦିଲ୍ଲୀରେ ସିଇସି ବିରୋଧୀ ପ୍ରତିବାଦ

# ଇସିଆଇ କାର୍ଯ୍ୟାଳୟକୁ ପଦଯାତ୍ରା



ନୂଆଦିଲ୍ଲୀ, ୨୩/୧୦: ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ବିରୋଧରେ ଦିଲ୍ଲୀରେ ପୁଣି ଥରେ ବଡ଼ଧରଣର ପ୍ରତିବାଦ ଆରମ୍ଭ ହୋଇଛି। 'ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର' ପକ୍ଷରୁ ଭାରତୀୟ ନିର୍ବାଚନ କମିସନ (ଇସିଆଇ) କାର୍ଯ୍ୟାଳୟକୁ ଶୁକ୍ରବାର ପ୍ରତିବାଦ ଶୋଭାଯାତ୍ରା କରାଯାଇଥିବାବେଳେ ଅଶୋକ ରୋଡରେ ଅନେକ ପ୍ରତିବାଦକାରୀଙ୍କୁ ଅଟକ ରଖାଯାଇଛି। 'ଗଣତନ୍ତ୍ରର ପୁନଃସ୍ଥାପନ' ଡାକରା ଦେଇ ଛାତ୍ର, କୃଷକ ଓ ନାଗରିକ ସମାଜ ଗୋଷ୍ଠୀମାନଙ୍କ ଏହି ମଞ୍ଚ ଦିଲ୍ଲୀର କନଟ୍ ପ୍ଲେସର ବାଙ୍ଗଲା ସାହିବ ଗୁରୁଦ୍ୱାରରୁ ପଟେଲ ଚୌକ ନିକଟସ୍ଥ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। କକ୍ରୋଚ ଜନତା ପାର୍ଟି (ସିଜେପି) ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେଙ୍କୁ ମଧ୍ୟ ଶୋଭାଯାତ୍ରାରେ ଯୋଗଦେବାକୁ ମଞ୍ଚ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଶୋଭାଯାତ୍ରା ପାଇଁ ପୁଲିସ ଅନୁମତି ଲୋଡ଼ା ଯିବନାହିଁ ବୋଲି ମଞ୍ଚ ଅକ୍ଟୋବର ୧୮ ତାରିଖରେ ଘୋଷଣା କରିଥିଲା। ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାବେଳେ ପ୍ରତିବାଦକାରୀଙ୍କ ଉପରେ ବଳ ପ୍ରୟୋଗ କରିବା ବିରୋଧରେ ପୁଲିସ, ଅର୍ଦ୍ଧସାମରିକ ବାହିନୀ କର୍ମଚାରୀ ଓ ଜେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚେତାବନୀ ଦେଇଛି। ମଞ୍ଚ ପକ୍ଷରୁ 'ହର ଗଲି ଜନ୍ତର ମନ୍ତର, ହର ଗାଁ ଜନ୍ତର ମନ୍ତର, ମେରା ଘର ଜନ୍ତର ମନ୍ତର' ସ୍ଲୋଗାନ ଦେଇ 'ନୋ ଏସ୍‌ଆଇଆର' ଅଭିଯାନ ଶୋଭାଯାତ୍ରା କରିଥିଲା। ଚାଷୀ, ଶ୍ରମିକ, ମହିଳା, ଛାତ୍ର, ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ପ୍ରତିନିଧିତ୍ୱ କରୁଥିବା ଗୋଷ୍ଠୀଗୁଡ଼ିକ ଦ୍ୱାରା ଅକ୍ଟୋବର ୧୪ ତାରିଖରେ ନୂଆଦିଲ୍ଲୀର ସୁରଜିତ ଭବନରେ ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର ଗ୍ରୁପ୍ ଗଠନ କରାଯାଇଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚା ଓ 'ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର' ମଞ୍ଚ ଦେଶବ୍ୟାପୀ ପ୍ରତିବାଦ କରୁଛନ୍ତି; ବିଭିନ୍ନ ଟ୍ରେଡ ୟୁନିଅନ ଓ ନାଗରିକ ସମାଜ ସଂଗଠନ ପଦଯାତ୍ରାକୁ ସମର୍ଥନ ଜଣାଇଛନ୍ତି।

# ବିଜେପି ଲଗାତାର ରାହୁଲଙ୍କୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି: ଶଶୀ ଥରୁର





ନୂଆଦିଲ୍ଲୀ, ୨୩/୧୦: କଂଗ୍ରେସ ସାଂସଦ ଶଶି ଥରୁର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେହି ବୟାନର ଜବାବ ଦେଇଛନ୍ତି, ଯେଉଁଥିରେ ସେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଗୋଟିଏ ବର୍ଷରେ ଶ୍ରୀହରିକୋଟାରୁ ଏତେ ରକେଟ୍ ଉଡ଼ାଯାଇ ନାହିଁ ଯେତେ କଂଗ୍ରେସ ତାଙ୍କ ନେତାଙ୍କୁ ଲଞ୍ଚ କରିବାକୁ ଅସଫଳ ପ୍ରୟାସ କରିଛି । ଥରୁର ଏହାର ଜବାବରେ କହିଛନ୍ତି ଯେ ବିଜେପି ଲଗାତାର ରାହୁଲ ଗାନ୍ଧୀଙ୍କୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି କାରଣ ଏହା ତାଙ୍କର ବଢ଼ୁଥିବା ଲୋକପ୍ରିୟତାକୁ ଭୟ କରୁଛି । ଏକ ଜାତୀୟ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଥରୁର କହିଛନ୍ତି ଯେ, ବିଜେପି ରାହୁଲ ଗାନ୍ଧୀ ଜଣେ ଗମ୍ଭୀର ନେତା ନୁହଁନ୍ତି ବୋଲି ଦାବି କରିବା ସମ୍ପୂର୍ଣ୍ଣ ମିଥ୍ୟା । ସେ କହିଛନ୍ତି ଯେ ଗତ କିଛି ମାସ ମଧ୍ୟରେ, ରାହୁଲ ଗାନ୍ଧୀ ଦେଶର ଯୁବ ଭୋଟରଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଏବଂ ଆବେଗ ସୃଷ୍ଟି କରିଛନ୍ତି । ସାଂସଦ ଶଶି ଥରୁର ବିଜେପିକୁ ରାହୁଲ ଗାନ୍ଧୀଙ୍କୁ ଅଣଦେଖା କରିବା ପରିବର୍ତ୍ତେ ଏହି ପରିବର୍ତ୍ତନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, 'ବିଜେପି ରାହୁଲ ଗାନ୍ଧୀଙ୍କୁ ଗମ୍ଭୀରତାର ସହ ନେଉଛି ଏବଂ ସେଥିପାଇଁ ସେ ତାଙ୍କୁ ଜନସାଧାରଣଙ୍କ ସମ୍ମୁଖରେ ଜଣେ ବିଫଳ ନେତା ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଛି।' ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ପ୍ରତିବାଦର ନେତୃତ୍ୱ ନେଉଛନ୍ତି, ତାଙ୍କୁ 'ଭୋଟ୍ ଚୋରି' ଅଭିଯୋଗ କରିଛନ୍ତି । ଏହି ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରିଛନ୍ତି ଯେ ନେହେରୁ-ଗାନ୍ଧୀ ପରିବାର କଂଗ୍ରେସ ଦଳ ପାଇଁ ଏକ ଦାୟିତ୍ୱ ପାଲଟିଛି, ଏବଂ ଶାସକ ଦଳର ନେତା ମାନଙ୍କ ସହିତ ରୁଦ୍ଧଦ୍ୱାର ଆଲୋଚନା ସମୟରେ ମଧ୍ୟ ଦଳର ବରିଷ୍ଠ ନେତାମାନେ ଏହାକୁ ସ୍ୱୀକାର କରନ୍ତି । ତଥାପି, କଂଗ୍ରେସ ସାଂସଦ ଶଶି ଥରୁର ପ୍ରଧାନମନ୍ତ୍ରୀଙ୍କ ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ନିଜ ଉଦାହରଣ ଦେଇ ଯୁକ୍ତି ଦେଇଛନ୍ତି ଯେ କଂଗ୍ରେସ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ବହୁତ ମଜବୁତ। ଶଶି ଥରୁର କହିଛନ୍ତି, 'ଯଦିଓ ସେ ଅନେକ ଥର ଦଳୀୟ ଲାଇନ୍ ଠାରୁ ଭିନ୍ନ ମତ ପ୍ରକାଶ କରିଛନ୍ତି, ତଥାପି ସେ ଦଳର ଏକ ଅଂଶ ରହିଛନ୍ତି, ଦଳ ପାଇଁ ପ୍ରଚାର କରନ୍ତି ଏବଂ ବୈଦେଶିକ ବ୍ୟାପାର ସଂସଦୀୟ କମିଟିର ଅଧ୍ୟକ୍ଷ ପଦବୀରେ ଅଛନ୍ତି । କେବଳ ଭିନ୍ନ ମତ ରଖିବା ପାଇଁ ଦଳ ମଧ୍ୟରେ କାହାକୁ ଅଣଦେଖା କିମ୍ବା ବହିଷ୍କାର କରାଯାଏ ନାହିଁ।'

# ୩୧ ପର୍ଯ୍ୟନ୍ତ ଦିଲ୍ଲୀରେ ମୁତୟନ ହେବେ ୨୭୩ ସିଏପିଏଫ୍ କମ୍ପାନି



**ନୂଆଦିଲ୍ଲୀ, ୨୩/୧୦:** ରାଜନୈତିକ ଓ ଅନ୍ୟ ଗୋଷ୍ଠୀମାନଙ୍କ ଦ୍ୱାରା ଆକସ୍ମିକ ପ୍ରତିବାଦ ଆଶଙ୍କା କରି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦିଲ୍ଲୀରେ ୨୭୩ଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍) କମ୍ପାନିର ମୁତୟନକୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। କକ୍ରୋଚ ଜନତା ପାର୍ଟି(ସିଜେପି)ର ପ୍ରତିବାଦକୁ ଦେଖି ଏହି ସଶସ୍ତ୍ର ପୁଲିସ ବାହିନୀକୁ ଦିଲ୍ଲୀ ଡକାଯାଇଥିଲା। ଗୃହ ମନ୍ତ୍ରଣାଳୟ ଅକ୍ଟୋବର ୨୨ ତାରିଖରେ ଦିଲ୍ଲୀ ପୁଲିସ ଓ ସମ୍ପୃକ୍ତ ସିଏପିଏଫ୍‌ଗୁଡ଼ିକୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦିଲ୍ଲୀ ପୁଲିସର ଅନୁରୋଧକ୍ରମେ ଏହି ସମ୍ପ୍ରସାରଣକୁ ମଞ୍ଜୁର କରାଯାଇଥିଲା। ଅଧିକାରୀମାନେ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ହଠାତ୍ ପ୍ରତିବାଦ ହେବାର ଆଶଙ୍କା ଉଲ୍ଲେଖ କରିଥିଲେ। ମନ୍ତ୍ରଣାଳୟ ଅକ୍ଟୋବର ମଧ୍ୟଭାଗରେ ଏହି ପ୍ରକାର ବୃଦ୍ଧିକୁ ମଞ୍ଜୁରି ଦେଇଥିଲେ। ଦିଲ୍ଲୀ ପୁଲିସ ସହିତ ନିୟୋଜିତ ହେବାକୁ ଥିବା ୨୭୩ ଟି କମ୍ପାନି ମଧ୍ୟରୁ ୧୨୫ ଟି କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍)ର, ଯେଉଁଥିରେ ୨୦ ଟି ମହିଳା କର୍ମଚାରୀ ୟୁନିଟ୍; ୪୬ ଟି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ; ୩୯ ଟି ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ (ଆଇଟିବିପି), ୩୧ ଟି ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି); ୨୦ ଟି ରାପିଡ୍ ଆକ୍ସନ୍ ଫୋର୍ସ (ଆରଏଏଫ୍) ; ଏବଂ ୧୨ ଟି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) କମ୍ପାନି ରହିଛି। ଏକ ସିଏପିଏଫ୍ କମ୍ପାନୀର ଅନୁମୋଦିତ ସଂଖ୍ୟା ୧୦୦ ଜଣ କର୍ମଚାରୀ ଥାଏ, ଯଦିଓ ଏହାର ପ୍ରଭାବଶାଳୀ କାର୍ଯ୍ୟକ୍ଷମ ସଂଖ୍ୟା ପ୍ରାୟ ୭୦-୭୨ ଜଣ କର୍ମଚାରୀ। ଦିଲ୍ଲୀର କିଛି ସ୍ଥାନରେ ଅକ୍ଟୋବର ୯ ତାରିଖରେ ସିଜେପି ବିରୋଧ ପ୍ରଦର୍ଶନ କରିଥିଲା, ଯେଉଁଥିରେ ପ୍ରଦର୍ଶନକାରୀମାନେ ଏସ୍‌ଆଇଆର ରେ ଅନିୟମିତତା ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ।

# ଏସିଆରେ ଭୂକମ୍ପର ତାଣ୍ଡବ, ୧୬ ମୃତ

ନୂଆଦିଲ୍ଲୀ, ୨୩।୧୦: ଏସିଆର କିଛି ଦେଶରେ ଭୂକମ୍ପର ପ୍ରଚଣ୍ଡ ଝଟକା ଅନୁଭୂତ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ତିବ୍ବତରେ ଆସିଥିବା ଏକ ଶକ୍ତିଶାଳୀ ଭୂକମ୍ପରେ ବ୍ୟାପକ ଧ୍ୱଂସଲୀଳା ଘଟିଥିବାବେଳେ ୧୬ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୫୪ ଜଣ ଆହତ ହୋଇଛନ୍ତି । ସେପଟେ ଶୁକ୍ରବାର ସକାଳେ ପାକିସ୍ତାନ, ଆଫ୍‌ଗାନିସ୍ତାନ ଏବଂ ଚୀନରେ ମଧ୍ୟ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ତିବ୍ବତ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଆସିଥିବା ୭.୦ ପ୍ରବଳ ତୀବ୍ରତାର ଭୂକମ୍ପ ଯୋଗୁଁ ଜୀବନ ଓ ସମ୍ପତ୍ତିର ପ୍ରବଳ କ୍ଷତି ଘଟିଛି । ସରକାରୀ ଗଣମାଧ୍ୟମର ସୂଚନା ଅନୁଯାୟୀ, ଉତ୍ତର ତିବ୍ବତର ନାଗଚୁ ସହରରେ ଅନ୍ୟୁନ ୩୩୯ଟି ଘର ଏବଂ ପଶୁଙ୍କର ୨୦ଟି ବାଡ଼ ଭୁଶୁଡ଼ି ପଡ଼ିଛି । ଆମେରିକୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ମୁତାବକ, ଏହି ଭୂକମ୍ପଟି ସ୍ଥାନୀୟ ସମୟ ଅନୁସାରେ ରାତି ୧୦:୩୩ ମିନିଟରେ ସୃଷ୍ଟି ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ନାଗଚୁଠାରୁ ୧୯୧ କିଲୋମିଟର ପୂର୍ବ-ଉତ୍ତର-ପୂର୍ବ ଦିଗରେ ଏବଂ ଭୂମିଠାରୁ ପ୍ରାୟ ୧୮ କିଲୋମିଟର ଗଭୀରତାରେ ଥିଲା । ଚୀନର ସିସିଟିଭି ଏହାକୁ ଗତ ପାଞ୍ଚ ବର୍ଷ ଭିତରେ ଏହି ଅଞ୍ଚଳରେ ଆସିଥିବା ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ବୋଲି ବର୍ଣ୍ଣନା କରିଛନ୍ତି । ଏହାପରେ ୪.୩ରୁ ୫.୨ ତୀବ୍ରତାର ଅନ୍ୟୁନ ୭ଟି ଅତିରିକ୍ତ ଝଟକା ଅନୁଭୂତ ହୋଇଥିଲା, ଯାହାର କେନ୍ଦ୍ରସ୍ଥଳ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଥିଲା । ବର୍ତ୍ତମାନ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ପାକିସ୍ତାନରେ ଭାରତୀୟ ସମୟ ଅନୁସାରେ ସକାଳ ୪:୫୬ ମିନିଟରେ ୪.୯ ତୀବ୍ରତାର ଭୂକମ୍ପ ଆସିଥିଲା । ଏହାପରେ ଆଫ୍‌ଗାନିସ୍ତାନରେ ସକାଳ ୫:୫୪ ମିନିଟରେ ୪.୧ ତୀବ୍ରତା ଏବଂ ଚୀନରେ ସକାଳ ୬:୦୫ ମିନିଟରେ ୪.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ଏହି ତିନୋଟି ଦେଶରେ ସକାଳୁଆ ଭୂକମ୍ପର ଝଟକା ଅନୁଭୂତ ହେବା ପରେ ଲୋକଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା ।

# ସିଇସିଙ୍କ ଇସ୍ତଫା ଦାବିରେ ବୈଠକ ବର୍ଜନ କଲେ ଡିଏମ୍‌କେ, ଟିଭିକେ ଓ ମେଣ୍ଟ ଦଳ

**ଚେନ୍ନାଇ, ୨୩।୧୦:** ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକଙ୍କ ସହିତ ଭୋଟର ତାଲିକାର ସ୍ୱତନ୍ତ୍ର ସାରାଂଶ ସଂଶୋଧନ (ଏସ୍‌ଏସ୍‌ଆର) ଉପରେ ଏକ ସର୍ବଦଳୀୟ ବୈଠକରୁ ତାମିଲନାଡୁର ଶାସକ ଦଳ ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ନେତୃତ୍ୱାଧୀନ ମେଣ୍ଟ ଓ ବିରୋଧୀ ଦ୍ରାବିଡ ମୁନେତ୍ର କାଝାଗମ (ଡିଏମ୍‌କେ)ର ପ୍ରତିନିଧିମାନେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଓହରି ଯାଇଛନ୍ତି। ତାମିଲନାଡୁ ମନ୍ତ୍ରୀ ସିଟିଆର ନିର୍ମଳ କୁମାର କହିଛନ୍ତି, ଟିଭିକେ ଏସ୍‌ଆଇଆରକୁ ଆରମ୍ଭରୁ ବିରୋଧ କରୁଛି। ଯଦି ଏସ୍‌ଆଇଆର ହୋଇନଥାନ୍ତା ତେବେ ଏପ୍ରିଲରେ ହୋଇଥିବା ବିଧାନସଭା ନିର୍ବାଚନରେ ଟିଭିକେ ୨୩୪ ଆସନରୁ ୧୬୦ ଆସନ ଜିତିଥାନ୍ତା। ଏସ୍‌ଆଇଆରରେ ବ୍ୟାପକ ତ୍ରୁଟି ରହିଛି ବୋଲି ସେ କହିବା ସହିତ ଏଥିପାଇଁ ସିଇସି ଜ୍ଞାନେଶ କୁମାର ନିଜକୁ ଦାୟୀ କରି ଇସ୍ତଫା ଦେବା ଉଚିତ ବୋଲି ମନ୍ତ୍ରୀ ଦାବି କରିଛନ୍ତି। ବିରୋଧୀ ଡିଏମକେର ଆଇନଗତ ଶାଖା ସଚିବ ଆଇ ପରନ୍ଥମନ୍ କହିଛନ୍ତି ଯେ, ତାମିଲନାଡୁରେ ୭.୪ ନିୟୁତରୁ ଅଧିକ ଲୋକଙ୍କୁ ଭୋଟର ତାଲିକାରୁ ହଟାଇ ଦିଆଯାଇଥିବାରୁ ଇସିଆଇ ସେମାନଙ୍କ ପାଇଁ କ'ଣ ପଦକ୍ଷେପ ନେଇଛନ୍ତି।

# ଚର୍ଚ୍ଚ ବାହାରେ ଲୋକଙ୍କ ଉପରେ ଆଖିବୁଜା ଗୁଳିମାଡ଼, ୭ ମୃତ

ନୂଆଦିଲ୍ଲୀ୨୩/୧୦ : ଜୋର୍ଡାନର ଏକ ଚର୍ଚ୍ଚ ବାହାରେ ଗୁଳିକାଣ୍ଡ ଘଟି ଅତି କମରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ଦକ୍ଷିଣ ଜୋର୍ଡାନର କାରାକରେ ଶୁକ୍ରବାର ଶହ ଶହ ଲୋକ ଏକ ଅନ୍ତିମ ସଂସ୍କାର ପାଇଁ ଏକାଠି ହୋଇଥିବା ବେଳେ ଏହି ଗୁଳିକାଣ୍ଡ ଘଟିଥିଲା । ଏହି ଭୟଙ୍କର ଗୁଳିକାଣ୍ଡ ଯୋଗୁଁ ଅଞ୍ଚଳରେ ଆତଙ୍କ ଖେଳିଗଲା । ଗୁଳିକାଣ୍ଡରେ ୭ ଜଣଙ୍କର ମୃତ୍ୟୁ ନିଶ୍ଚିତ ହୋଇଛି ଏବଂ ଅନେକ ଆହତ ହୋଇଥିବା ସୂଚନା ମିଳିଛି । ଆହତଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ଗଣମାଧ୍ୟମ ଘଟଣାସ୍ଥଳର ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଉଦ୍ଧୃତି ଦେଇ କହିଛି ଯେ ଆକ୍ରମଣକାରୀ ମାନେ ମୁହଁରେ ମୁଖା ପିନ୍ଧି ଜୋର୍ଡାନର ସବୁଠାରୁ ବଡ଼ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରୁ ଗୋଟିଏ ଥିବା କାରାକରେ ଚର୍ଚ୍ଚ ବାହାରେ ଅନ୍ତିମ ସଂସ୍କାର ଶୋଭାଯାତ୍ରା ଉପରେ ହଠାତ୍ ଗୁଳି ଚଳାଇଥିଲେ । ଅଧିକାଂଶ ପୀଡିତ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବୋଲି ବିଶ୍ୱାସ କରାଯାଉଛି ।ଜୋର୍ଡାନର ପବ୍ଲିକ୍ ସିକ୍ୟୁରିଟି ଏଜେନ୍ସି ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ରାଜଧାନୀ ଅମ୍ମାନରୁ ୯୦ ମାଇଲ ଦକ୍ଷିଣରେ ଜୋର୍ଡାନର କାରାକ ପ୍ରଦେଶରେ ଏକ ଚର୍ଚ୍ଚ ଭିତରେ ବନ୍ଧୁକଧାରୀ ମାନେ ଗୁଳି ଚଳାଇବାରୁ ଅତି କମରେ ୭ ଜଣ ଲୋକ ପ୍ରାଣ ହରାଇଛନ୍ତି ।

### ଡିଜିଟାଲ୍ ଆରେଷ୍ଟ ଠକେଇ

# ୮ ମାସରେ ୨୧,୯୦୦ରୁ ଅଧିକ ଅଭିଯୋଗ

ନୂଆଦିଲ୍ଲୀ, ୨୩/୧୦: ଦେଶରେ ଡିଜିଟାଲ୍ ଆରେଷ୍ଟ ଠକେଇ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଚଳିତ ବର୍ଷ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ଏହି ଠକେଇ ସଂକ୍ରାନ୍ତରେ ୨୧,୯୦୦ରୁ ଅଧିକ ଅଭିଯୋଗ ପଞ୍ଜୀକୃତ ହୋଇଛି। ଏଥିରେ ୬୪୭ କୋଟି ଟଙ୍କାରୁ ଅଧିକ ଅର୍ଥ ଠକେଇ ହୋଇଥିବା ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ଓ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇ୪ସି) ସୁପ୍ରିମ୍‌କୋର୍ଟରେ ଦାଖଲ କରିଥିବା ସ୍ଥିତି ରିପୋର୍ଟରେ ଦର୍ଶାଯାଇଛି। ଡିଜିଟାଲ୍ ଆରେଷ୍ଟ ଠକେଇ ରୋକିବା, ପୀଡ଼ିତଙ୍କ ଅର୍ଥ ଫେରାଇବା ଓ ଏପରି ଅପରାଧ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପୁଲିସ, ବ୍ୟାଙ୍କ ଓ ଅନ୍ୟ ସଂସ୍ଥାର ଅଧିକାରୀ ବୋଲି ପରିଚୟ ଦେଇ ଠକମାନେ ଲୋକଙ୍କୁ ଭୟଭୀତ କରିଥାନ୍ତି। ମାମଲାରେ ଫସାଇଦେବା କିମ୍ବା ଗିରଫ କରିବାର ଧମକ ଦେଇ ଭିଡିଓ କଲ୍ ମାଧ୍ୟମରେ ଲୋକଙ୍କୁ ଦୀର୍ଘ ସମୟ ନିୟନ୍ତ୍ରଣରେ ରଖି ଟଙ୍କା ଆଦାୟ କରାଯାଏ। ଏହାକୁ ଡିଜିଟାଲ୍ ଆରେଷ୍ଟ ଠକେଇ କୁହାଯାଉଛି। ୨୦୨୪ରେ ଏପରି ଠକେଇ ସଂକ୍ରାନ୍ତରେ ୧,୨୩,୬୭୨ଟି ଅଭିଯୋଗ ହୋଇଥିଲା ଏବଂ ଠକେଇର ପରିମାଣ ୧,୯୩୫ କୋଟି ଟଙ୍କା ଥିଲା। ୨୦୨୫ରେ ଅଭିଯୋଗ ସଂଖ୍ୟା ୫୮,୨୩୯କୁ ହ୍ରାସ ପାଇଥିବାବେଳେ ଠକେଇର ପରିମାଣ ୧,୨୧୧ କୋଟି ଟଙ୍କା ରହିଥିଲା। ଠକେଇର ଶିକାର ଲୋକଙ୍କୁ ସହାୟତା ପାଇଁ ଗୃହ ମନ୍ତ୍ରଣାଳୟ ଫେବ୍ରୁଆରିରେ ଅଭିଯୋଗ ସମାଧାନ ପୋର୍ଟାଲ୍ ଆରମ୍ଭ କରିଥିଲା। ଏହା ଏପ୍ରିଲ୍‌ରୁ ସାରା ଦେଶରେ କାର୍ଯ୍ୟକ୍ଷମ ହୋଇଛି। ସେପ୍ଟେମ୍ବର ୩୦ ସୁଦ୍ଧା ଏହି ବ୍ୟବସ୍ଥାରେ ୧୦୯ଟି ବ୍ୟାଙ୍କ ଓ ୧.୨୮ ଲକ୍ଷ ଶାଖାକୁ ସାମିଲ କରାଯାଇଥିଲା। ସାଇବର ଅପରାଧ ଓ ଠକେଇ ସମ୍ପର୍କିତ ୯୩,୦୪୧ଟି ଅଭିଯୋଗ ମଧ୍ୟରୁ ୬୦,୬୩୮ଟି ଉପରେ ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥା ପଦକ୍ଷେପ ନେଇଛନ୍ତି। ଅର୍ଥ ଫେରସ୍ତ ପୋର୍ଟାଲ୍ ମାଧ୍ୟମରେ ୬ ଲକ୍ଷରୁ ଅଧିକ ଆବେଦନ ମଧ୍ୟରୁ ୪.୬୯ ଲକ୍ଷ ମାମଲାରେ ଅର୍ଥ ଫେରସ୍ତ ପାଇଁ ଆଦେଶ ଦିଆଯାଇଛି। ଏହାଦ୍ୱାରା ମୋଟ ୩୩୨.୭ କୋଟି ଟଙ୍କା ଫେରସ୍ତ ହୋଇଥିବା ରିପୋର୍ଟରେ କୁହାଯାଇଛି। ସୁପ୍ରିମ୍‌କୋର୍ଟ ୨୦୨୫ ଅକ୍ଟୋବର ୧୭ରେ ହରିୟାଣାର ଜଣେ ବୟସ୍କ ଦମ୍ପତିଙ୍କ ଅଭିଯୋଗ ପରେ ଏହି ପ୍ରସଙ୍ଗକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ। ଠକମାନେ ସିବିଆଇ ଓ ଇଡି ଅଧିକାରୀଙ୍କ ପରିଚୟ ଦେଇ ଦମ୍ପତିଙ୍କଠାରୁ ୧ କୋଟି ଟଙ୍କାରୁ ଅଧିକ ଠକିଥିଲେ। ଆସନ୍ତା ୨୯ ତାରିଖରେ ସୁପ୍ରିମ୍‌କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବେ।

# '୨୦୫୦ ସୁଦ୍ଧା ବର୍ଷକୁ ୨.୪୭ କୋଟି ଲୋକଙ୍କୁ ହୋଇପାରେ ଡିମେନ୍ସିଆ'



**ନୂଆଦିଲ୍ଲୀ, ୨୩/୧୦:** ଆଗାମୀ ଦଶନ୍ଧିଗୁଡ଼ିକରେ ଡିମେନ୍ସିଆ (ଭୁଲା ରୋଗ) ବିଶ୍ୱ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇପାରେ। ୨୦୨୩ରେ ବିଶ୍ୱରେ ପ୍ରାୟ ୧.୧୪ କୋଟି ଲୋକ ଏହି ରୋଗରେ ନୂଆ କରି ଆକ୍ରାନ୍ତ ହୋଇଥିବାବେଳେ ୨୦୫୦ ସୁଦ୍ଧା ଏହି ସଂଖ୍ୟା ବର୍ଷକୁ ୨.୪୭ କୋଟିରେ ପହଞ୍ଚିପାରେ। 'ଜାମା ନ୍ୟୁରୋଲୋଜି' ପତ୍ରିକାରେ ପ୍ରକାଶିତ ଏକ ବୈଶ୍ୱିକ ଅଧ୍ୟୟନରେ ଏହି ଆକଳନ କରାଯାଇଛି। ବିଶ୍ୱରେ ଜନସଂଖ୍ୟାର ବୟସ ବଢ଼ିବା ସହ ଏହି ରୋଗର ନୂଆ ମାମଲା ବଢ଼ିବାର ଆଶଙ୍କା ରହିଛି। ଡିମେନ୍ସିଆ ହେଉଛି ଏପରି ଏକ ଅବସ୍ଥା, ଯେଉଁଥିରେ ସ୍ମରଣଶକ୍ତି, ଚିନ୍ତା କରିବାର କ୍ଷମତା ଓ ଦୈନନ୍ଦିନ କାର୍ଯ୍ୟ କରିବାର ଦକ୍ଷତା ପ୍ରଭାବିତ ହୁଏ। ଏହା କେବଳ ସ୍ମୃତିଶକ୍ତି ହ୍ରାସ ମଧ୍ୟରେ ସୀମିତ ନୁହେଁ। ଏହି ଅଧ୍ୟୟନରେ ୬ଟି ମହାଦେଶର ୧୮ଟି ଦେଶ ଓ ଅଞ୍ଚଳର ୨୨ଟି ଜନସଂଖ୍ୟାଭିତ୍ତିକ ଦୀର୍ଘକାଳୀନ ଅଧ୍ୟୟନରୁ ସଂଗୃହୀତ ୩୮,୪୧୮ ଜଣଙ୍କ ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା। ଏଥିରୁ ୩,୦୦୧ ଜଣଙ୍କଠାରେ ଡିମେନ୍‌ସିଆ ଚିହ୍ନଟ ହୋଇଥିଲା। ଅଧ୍ୟୟନରେ ମହିଳାଙ୍କଠାରେ ଏହି ରୋଗର ନୂଆ ମାମଲା ହାର ପୁରୁଷଙ୍କ ତୁଳନାରେ ଅଧିକ ଥିବା ଜଣାପଡ଼ିଛି। ପ୍ରତି ହଜାର ବ୍ୟକ୍ତି-ବର୍ଷରେ ମହିଳାଙ୍କ କ୍ଷେତ୍ରରେ ୧୦.୬ଟି ନୂଆ ମାମଲା ଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ୮.୬ ଥିଲା। ସେହିପରି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ରୋଗର ନୂଆ ମାମଲା ହାର ଅଧିକ ରହିଛି। ଏହି ଦେଶଗୁଡ଼ିକରେ ପ୍ରତି ହଜାର ବ୍ୟକ୍ତି-ବର୍ଷରେ ୧୩.୬ଟି ମାମଲା ଥିବାବେଳେ ଉଚ୍ଚ ଆୟକାରୀ ଦେଶରେ ଏହା ୮.୩ ରହିଛି। ଗବେଷକଙ୍କ ମତରେ, ଏହି ଆକଳନ ଭବିଷ୍ୟତରେ ରୋଗ ନିରାକରଣ, ଶୀଘ୍ର ଚିହ୍ନଟ ଓ ସ୍ମୃତି ସମ୍ବନ୍ଧୀୟ ଚିକିତ୍ସା ସେବାର ଯୋଜନା ପ୍ରସ୍ତୁତିରେ ସହାୟକ ହେବ। ବିଶେଷକରି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ରୋଗ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

# ଚୋରି ରୋକିବାକୁ ଭୁବନେଶ୍ୱର ପୁଲିସର ବଡ଼ ପଦକ୍ଷେପ

## ୯ ଅଭିଯୁକ୍ତ ଗିରଫ, ୫ ନାବାଳକ ଅଟକ; ୨୨ ମୋବାଇଲ୍ ସହ ସୁନା ଚେନ୍ ଓ ଟାବଲେଟ୍ ଉଦ୍ଧାର

ଭୁବନେଶ୍ୱର: ଦୁର୍ଗାପୂଜା ସମୟରେ ରାଜଧାନୀର ବିଭିନ୍ନ ପୂଜାମଣ୍ଡପ ଓ ମେଳା ପଡ଼ିଆରେ ଜନଗହଳିର ସୁଯୋଗ ନେଇ ଚୋରି, ପକେଟମାର ଓ ଚେନ୍ ଛିନତାଇ ଭଳି ଅପରାଧ ରୋକିବାକୁ ଭୁବନେଶ୍ୱର ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏହି ଅଭିଯାନରେ ଏକ ସକ୍ରିୟ ବଞ୍ଜାରା ଗ୍ୟାଙ୍ଗର ୯ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଥିବା ବେଳେ ୫ ଜଣ ନାବାଳକଙ୍କୁ ଅଟକ ରଖାଯାଇଛି। ସେମାନଙ୍କଠାରୁ ଚୋରି ମୋବାଇଲ୍, ସୁନା ଚେନ୍ ଓ ଟାବଲେଟ୍ ସମେତ ବିଭିନ୍ନ ସାମଗ୍ରୀ ଉଦ୍ଧାର କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ସହିଦନଗର, ନୟାପଲ୍ଲୀ, ବରମୁଣ୍ଡା, ରସୁଲଗଡ଼, ଝାରପଡ଼ା, ୟୁନିଟ୍-୧ ଓ ବମିଖାଲ ସମେତ ସହରର ପ୍ରମୁଖ ପୂଜାମଣ୍ଡପଗୁଡ଼ିକରେ ପ୍ରାୟ ୧୦୦ ଜଣ ପୁଲିସ କର୍ମଚାରୀଙ୍କୁ ସାଧା ପୋଷାକରେ ମୁତୟନ କରାଯାଇଥିଲା। ଜନଗହଳି ମଧ୍ୟରେ ସନ୍ଦିଗ୍ଧଙ୍କ ଗତିବିଧି ଉପରେ ନଜର ରଖିବା ସହ ମୋବାଇଲ୍ ଚୋରି, ପକେଟମାର ଓ ଚେନ୍ ଛିନତାଇ ଭଳି ଅପରାଧ ରୋକିବାକୁ ସ୍ୱତନ୍ତ୍ର ନିରୀକ୍ଷଣ ବ୍ୟବସ୍ଥା କରାଯାଇଥିଲା। ବଞ୍ଜାରା ଗ୍ୟାଙ୍ଗ ସମେତ ଅନ୍ୟ ସଂଗଠିତ ଅପରାଧୀ ଗୋଷ୍ଠୀର ସଦସ୍ୟଙ୍କ ଉପରେ ପୁଲିସ ନଜର ରଖିଥିଲା। ସନ୍ଦିଗ୍ଧ ମହିଳା ଚୋର ଓ ନାବାଳକଙ୍କ ଗତିବିଧି ଉପରେ ମଧ୍ୟ ନଜରଦାରି କରାଯାଇଥିଲା। ଏଥିସହ ଛତିଶଗଡ଼, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସିଥିବା ସନ୍ଦିଗ୍ଧ ଗୋଷ୍ଠୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ପୂଜାମଣ୍ଡପ ଓ ମେଳା ପଡ଼ିଆରେ ମାଇକ୍ ଯୋଗେ ଲୋକଙ୍କୁ ସତର୍କ କରାଯାଇଥିଲା। ସନ୍ଧ୍ୟାଠାରୁ ପୁଲିସର ପାଟ୍ରୋଲିଂ ଓ ଯାଞ୍ଚକୁ ଜୋରଦାର କରାଯାଇଥିଲା। ଅନ୍ୟପଟେ, ପୂଜା ସମୟରେ ଲୋକେ ଘର ଛାଡ଼ି ବାହାରକୁ ଯାଉଥିବାରୁ ଘରେ ପଶି ଚୋରି ରୋକିବା ପାଇଁ ସହରର ବିଭିନ୍ନ ଆବାସିକ ଅଞ୍ଚଳରେ ମଧ୍ୟ ପୁଲିସ ପାଟ୍ରୋଲିଂ ବଢ଼ାଯାଇଥିଲା।

**୬ଟି ଥାନାର ମାମଲାରେ ୯ ଗିରଫ**

ନୟାପଲ୍ଲୀ, ଖଣ୍ଡଗିରି, ମଞ୍ଚେଶ୍ୱର, ସହିଦନଗର, ଶ୍ରୀଲିଙ୍ଗରାଜ ଓ ଲକ୍ଷ୍ମୀସାଗର ଥାନାରେ ରୁଜୁ ହୋଇଥିବା ୬ଟି ମାମଲାରେ ବଞ୍ଜାରା ଗ୍ୟାଙ୍ଗର ୪ ଜଣ ପୁରୁଷ ଓ ୫ ଜଣ ମହିଳା ସଦସ୍ୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଗ୍ୟାଙ୍ଗ ସହ ସଂପୃକ୍ତ ୫ ଜଣ ଆଇନ ସହ ସଂଘର୍ଷରତ ନାବାଳକଙ୍କୁ ଆଇନ ଅନୁଯାୟୀ ସ୍ୱଳ୍ପକାଳୀନ ଆଶ୍ରୟଗୃହକୁ ପଠାଯାଇଛି। ଏହାବ୍ୟତୀତ ବିଭିନ୍ନ ଥାନାରେ ୧୭ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ଯାଞ୍ଚ ପରେ ଛାଡ଼ି ଦିଆଯାଇଥିଲା।

**୨୨ଟି ମୋବାଇଲ୍, ସୁନା ଚେନ୍ ଓ ଟାବଲେଟ୍ ଉଦ୍ଧାର**

ପୁଲିସ ଅଭିଯାନରେ ମୋଟ ୨୨ଟି ଚୋରି ମୋବାଇଲ୍ ଫୋନ୍, ଗୋଟିଏ ସୁନା ଚେନ୍ ଓ ଗୋଟିଏ ଟାବଲେଟ୍ ଉଦ୍ଧାର କରାଯାଇଛି। ଉଦ୍ଧାର ସାମଗ୍ରୀଗୁଡ଼ିକୁ ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ବ୍ୟାଗ୍ କାଟି ସାମଗ୍ରୀ ଚୋରି ଓ ପକେଟମାର ପାଇଁ ବ୍ୟବହୃତ ଧାରୁଆ ବ୍ଲେଡ୍ ମଧ୍ୟ ଜବତ କରାଯାଇଛି। ପୁଲିସର କହିବା ଅନୁଯାୟୀ, ସାଧା ପୋଷାକରେ କର୍ମଚାରୀ ମୁତୟନ, ସନ୍ଦିଗ୍ଧଙ୍କ ଉପରେ ନଜରଦାରି, ଜନସଚେତନତା ଓ ସହରବ୍ୟାପୀ ପାଟ୍ରୋଲିଂ ଯୋଗୁଁ ଚଳିତ ବର୍ଷ ଦୁର୍ଗାପୂଜା ସମୟରେ ସଂପତ୍ତିଜନିତ ଅପରାଧକୁ ସର୍ବନିମ୍ନ ସ୍ତରରେ ରଖିବା ସମ୍ଭବ ହୋଇଛି। ଆଗାମୀ ଦିନରେ ମଧ୍ୟ ଅପରାଧ ନିୟନ୍ତ୍ରଣ ଓ ନାଗରିକଙ୍କ ସୁରକ୍ଷା ପାଇଁ ଏଭଳି ନଜରଦାରି ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ୫ ହଜାର ଟଙ୍କା ଦରମାରୁ ଚାକିରି ଆରମ୍ଭ

## ଏବେ ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଗିରଫ

କଟକ(ନିପ୍ର): ଯାଜପୁର ବଡ଼ଚଣା ଆର ଆଣ୍ଡ ବି ସବ୍ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ। ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ ସେଠୀଙ୍କୁ ଗିରଫ କଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରେଡ୍ ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀ ଗିରଫ ହୋଇଛନ୍ତି। ରେଡ୍ ବେଳେ ଟ୍ୱିନ୍ ସିଟି ଓ ପୁରୀରେ ୩ଟି ବହୁତଳ କୋଠା ଠାବ ହୋଇଥିଲା। ୩ଟି ଦାମୀ ଫ୍ଲାଟ୍ ସହ ୧ ଏକର ଫାର୍ମ ହାଉସ୍ ମଧ୍ୟ ଠାବ ହୋଇଛି। ୭୪୭ ଗ୍ରାମ୍ ସୁନା, ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଜମା ଟଙ୍କା ଓ ୨ଟି ଚାରିଚକିଆ ଠାବ ହୋଇଛି। ୧୯୯୭ରେ କନିଷ୍ଠ ଯନ୍ତ୍ରୀ ଭାବରେ ଚାକିରି ଆରମ୍ଭ କରିଥିଲେ। ମାସିକ ୫୦୦୦ ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିଲେ। ଚାରିବାଟିଆ ଆର ଆଣ୍ଡ ବି ଡିଭିଜନର ଯନ୍ତ୍ରୀ ଥିଲେ। ୨୦୧୮ ଓ ୨୦୨୨ରେ ପଦୋନ୍ନତି ପାଇଥିଲେ। ୨୦୨୩ ଅକ୍ଟୋବରରୁ ବଡ଼ଚଣା ଆର ଆଣ୍ଡ ବି ସବ-ଡିଭିଜନରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ ତପନ ସେଠୀ। ସେ ନିଜ ଆୟଠାରୁ ୧୭୦ ପ୍ରତିଶତ ଆୟ ରୋଜଗାର କରିଥିବା ପ୍ରକାଶ।

---

### ସୁପ୍ରିମକୋର୍ଟ ପରେ ହାଇକୋର୍ଟରୁ ଝଟକା

## ବିଦ୍ୟାଭାରତୀଙ୍କ ପାଇଁ ବଢ଼ିଲା ଆଇନଗତ ଅଡୁଆ

କଟକ(ନିପ୍ର): ବିଦ୍ୟାଭାରତୀଙ୍କ ପାଇଁ ଅଡୁଆ ବଢ଼ିଲା । ଯେକୌଣସି ସମୟରେ ଗିରଫ ହୋଇପାରନ୍ତି ବିଦ୍ୟାଭାରତୀ। ବହୁଚର୍ଚ୍ଚିତ ଏସିଏଫ ସୌମ୍ୟ ରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ବିଦ୍ୟାଭାରତୀଙ୍କୁ ହାଇକୋର୍ଟଙ୍କ ଝଟକା। ପତ୍ନୀ ବିଦ୍ୟାଭାରତୀଙ୍କୁ ଅନ୍ତରୀଣ ସୁରକ୍ଷା ଦେବାକୁ ମନାକଲେ ହାଇକୋର୍ଟ। କେସ ଡାଏରୀ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚ ଅଦାଲତ। ଆସନ୍ତା ସପ୍ତାହରେ କୋର୍ଟ ଖୋଲିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଗତ ମାସରେ ସୁପ୍ରିମକୋର୍ଟରୁ ମଧ୍ୟ ନିରାଶ ହୋଇଥିଲେ ବିଦ୍ୟାଭାରତୀ । ହାଇକୋର୍ଟ ଅପରାଧିକ ମାମଲାକୁ ରଦ୍ଦ କରିବାକୁ ମନା କରିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ହାଇକୋର୍ଟଙ୍କ ଆଦେଶ ବିରୋଧରେ ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିସନ ଦାଖଲ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ତାହାକୁ ଖାରଜ କରିଦେଇଥିଲେ । ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫଓ ସଂଗ୍ରାମ କେଶରୀ ବେହେରା ମଧ୍ୟ ପୂର୍ବରୁ କୋର୍ଟରେ ଆତ୍ମସମର୍ପଣ କରିଥିବାବେଳେ ତତ୍କାଳୀନ ରୋଷେୟା ମଧ୍ୟ ଗିରଫ ହୋଇସାରିଛନ୍ତି।

---

## ବିରଳ ବଜ୍ରକାପ୍ତା ଉଦ୍ଧାର



ମାଲକାନଗିରି(ନିପ୍ର): ବାଲିମେଳା ସେକ୍ସନ୍ ଅନ୍ତର୍ଗତ ଚିତାପାରି ଗ୍ରାମ ନିକଟସ୍ଥ ଜଙ୍ଗଲ ସୀମାନ୍ତର ଏକ ଖୋଲା ସ୍ଥାନରେ ପାଟ୍ରୋଲିଂ କରୁଥିବା ବାଲିମେଳା ରେଞ୍ଜର ଫିଲ୍ଡ ଷ୍ଟାଫ୍ ଗୋଟିଏ ବଜ୍ରକାପ୍ତା ଉଦ୍ଧାର କରିଥିବା ଜଣାଯାଇଛି । ସେହି ବଜ୍ରକାପ୍ତାଟିକୁ ଉଦ୍ଧାର କରାଯାଇ, ସ୍ୱାସ୍ଥ୍ୟ ପରୀକ୍ଷା ପରେ ସୁରକ୍ଷିତ ଭାବେ ତା'ର ପ୍ରାକୃତିକ ପରିବେଶରେ ଛାଡ଼ି ଦିଆଯାଇଛି

## ଗଞ୍ଜେଇ ଜବତ: ଜଣେ ଗିରଫ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳିକାଟୁ ଅବକାରୀ ଥାନା ଅଞ୍ଚଳର ପୋଚିଲିମା ଛକ ନିକଟରୁ ଶୁକ୍ରବାର ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ହିଞ୍ଜିଳିକାଟୁ ଅବକାରୀ ବିଭାଗ ଜୁନୈଦ ଏ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଅବକାରୀ ଟିମ୍ ଅଭିଯୁକ୍ତଙ୍କ ନିକଟରୁ ୩ କିଲୋ ୯୦୦ ଗ୍ରାମ ଗଞ୍ଜେଇ ଜବତ କରିଥିବା ଜଣାପଡିଛି । ଅବକାରୀ ଥାନା ଅଧିକାରୀ ସଂଗ୍ରାମ କେଶରୀ ମାର୍ଣ୍ଡିଙ୍କ ନେତୃତ୍ୱରେ ଅବକାରୀ ପାଟ୍ରୋଲିଂ କରୁଥିବା ବେଳେ କେରଳ ଥାଲକଡ ଗ୍ରାମର ଜୁନୈଦ ଏ ନାମକ ଜଣେ ଯୁବକ ଗଞ୍ଜେଇ ଧରି ହିଞ୍ଜିଳି ଥାନା ପୋଚିଲିମା ଛକଠାରେ ବସକୁ ଅପେକ୍ଷା କରିଥିଲା। ଅବକାରୀ ଥାନା ଉପ ନିରୀକ୍ଷକ ସଂଗ୍ରାମ କେଶରୀ ମାରାଣ୍ଡିଙ୍କ ସହ କନଷ୍ଟେବଳ ମହେଶ୍ୱର ପ୍ରଧାନ, କନଷ୍ଟେବଳ ଜଗନ୍ନାଥ ମହାପାତ୍ର ଓ କନଷ୍ଟେବଳ ଶଶାଙ୍କ ଶେଖର ସାହୁ ପ୍ରମୁଖ ତଲାସିକରି ତା ନିକଟରୁ ୩ କେଜି ୯୦୦ ଗ୍ରାମ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିଲା। ଏ ନେଇ ଅବକାରୀ ଥାନାରେ ପି ଆର ନଂ-୭୭/୨୦୨୬-୨୭ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଜୁନୈଦ ଏ କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଉପ ନିରୀକ୍ଷକ ମାର୍ଣ୍ଡି ସୂଚନା ଦେଇଛନ୍ତି।



---

## ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ଯାଜପୁର: ଯାଜପୁରରେ ହାତୀ ଆତଙ୍କ । ବୃଦ୍ଧଙ୍କୁ ଦଳିଦେଲା ଦନ୍ତା । ଯାଜପୁର ଜିଲ୍ଲା ବୈରୀ ଡାଳିଯୋଡ ବନାଞ୍ଚଳ ବନ୍ଧପଲ୍ଲୀ ଗାଁରେ ଅଘଟଣ । ମୃତକ ୬୫ ବର୍ଷୀୟ ଜଗନ୍ନାଥ ରାଉତ । ଆଜି ସକାଳୁ ଜଗନ୍ନାଥ ଘରୁ ବାହାରକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡିଥିଲେ । ଦନ୍ତାଟି ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ବନ ବିଭାଗର କର୍ମଚାରୀ ମାନେ ମୃତଦେହକୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ନିକଟରେ ଥିବା ଜଙ୍ଗଲରୁ ହାତୀ ଖାଦ୍ୟ ଅନ୍ୱେଷଣରେ ଆସିଥିବାବେଳେ ଜଗନ୍ନାଥ ହାବୁଡ଼ରେ ପଡିଯାଇଥିଲେ । ଏହି ବଣୁଆ ହାତୀଟି ଅଞ୍ଚଳରେ ଉପଦ୍ରବ କରିବା ସହ ଫସଲ ନଷ୍ଟ ଓ ଧନ ଜୀବନ ହାନୀ ଘଟାଇଥିବା ଅଭିଯୋଗ ହୋଇଛି। ବାରମ୍ବାର ହାତୀ ଗାଁ ନିକଟକୁ ପଶି ଆସୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ବଢ଼ିବାରେ ଲାଗିଛି । ଏଭଳି ଘଟଣାର ପୁନରାବୃତ୍ତି ରୋକିବା ସହ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

---

## ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ, ପୋଲିସର ତଦନ୍ତ ଜାରି

ପୋଲସରା: ଯୁବକଙ୍କୁ ପିଟି ପିଟି ନିର୍ମମ ହତ୍ୟା । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ମାଲଗୁଡ଼ିଆ ଛକରେ ଘଟିଛି ଏହି ଅଭାବନୀୟ ଘଟଣା । ମୃତ ଯୁବକ ହେଲେ ପୋଲସରା ବ୍ଲକ ଡୋଙ୍ଗରୀ ଗାଁର ନାରାୟଣ ପ୍ରଧାନ । ଗତ ରାତିରେ କିଛି ସାଙ୍ଗଙ୍କ ସହ ମିଶି ବାହାରକୁ ଯାଇ ଆଉ ଘରକୁ ଫେରିନଥିଲେ । ପରେ ଖୋଜାଖୋଜି କରିବା ପରେ ମାଲଗୁଡ଼ିଆ ଛକ ନିକଟରେ ନାରାୟଣଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ ପରିବାର ଲୋକ । ନାରାୟଣଙ୍କ ମୁହଁ ସମେତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଥିବା ଦେଖିବାକୁ ମିଳିଛି । ତେବେ ନାରାୟଣଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହାର ଅସ୍ପଷ୍ଟ ରହିଥିବା ବେଳେ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଘଟଣା ସମ୍ପର୍କରେ ଖବର ପାଇ କବିସୂର୍ଯ୍ୟନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ୍ୟୁର ପ୍ରକୃତ କାରଣ ଜାଣିବା ସହ ଏହି ଘଟଣାରେ କାହାର ସମ୍ପୃକ୍ତି ରହିଛି, ସେନେଇ ପୋଲିସ ତଦନ୍ତ ଚଳାଇଛି । ନାରାୟଣଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଓ ଗାଁରେ ଶୋକର ଛାୟା ଖେଳିଯାଇଛି । ଏହି ଘଟଣା ପରେ ମାଲଗୁଡ଼ିଆ ଛକ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି । ପୋଲିସର ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

### ବାଲିଅନ୍ତା ସ୍ମୃତିରଞ୍ଜନ ମାର୍ଥା ଆକ୍ରମଣ ମୃତ୍ୟୁ ମାମଲା

## ନ୍ୟାୟ ଦାବିରେ ଥାନା ଘେରିଲେ ଗ୍ରାମବାସୀ




ଭୁବନେଶ୍ୱର : ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାର ସ୍ମୃତିରଞ୍ଜନ ମାର୍ଥା ଆକ୍ରମଣ ମୃତ୍ୟୁ ମାମଲାକୁ ନେଇ ତେଜିଲା ଅସନ୍ତୋଷ । ନ୍ୟାୟ ଦାବିରେ ବାଲିଅନ୍ତା ଥାନା ଘେରିଲେ ପାଟଣା ଗ୍ରାମବାସୀ । ମୃତଦେହ ରଖି ପ୍ରତିବାଦ କରିବା ସହ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି । ସ୍ମୃତିରଞ୍ଜନଙ୍କୁ ମାଡ଼ ମାରି ମରାଯାଇଥିବା ଅଭିଯୋଗ ପରେ ଏବେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଅଭିଯୁକ୍ତଙ୍କ ଗିରଫ ଓ ନ୍ୟାୟ ଦାବିରେ ଥାନା ସମ୍ମୁଖରେ ପ୍ରତିବାଦ କରିଛନ୍ତି ଗ୍ରାମବାସୀ । ଅଭିଯୁକ୍ତଙ୍କ ଗିରଫ ଦାବିରେ ବାଲିଅନ୍ତା ଥାନା ଘେରାଉ କରିଛନ୍ତି । ପାଟଣା ଗାଁର ସ୍ମୃତି ରଞ୍ଜନ ମାର୍ଥା ଓରଫ ରିଙ୍କୁ ମାର୍ଥାଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ । ସାମାନ୍ୟ ପେଟ୍ରୋଲ କିଣିବାରୁ ବଚସା ହୋଇଥିଲା । ଏହାପରେ ରକ୍ତାକ୍ତ ସଂଘର୍ଷ, ଆଉ ଶେଷରେ ଚାଲିଗଲା ଯୁବକଙ୍କ ଜୀବନ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଗତ ୨୦ ତାରିଖରେ କିଛି ଲୋକ ମଦ୍ୟପାନ କରି ଆସି ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ଏହାପରେ ଏକାଧିକ ଲୋକ ରିଙ୍କୁଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଲୁହା ରଡ୍ ଭଳି ମାରଣାସ୍ତ୍ର ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଗୁରୁତର ଆହତ ରିଙ୍କୁଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁଇ ଦିନ ଧରି ଚିକିତ୍ସା ପରେ ତାଙ୍କର ମୃତ୍ୟୁ ହୋଇଛି । ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଉଛି । ଅନ୍ୟପଟେ, ଘଟଣାର ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରୁଛି ବାଲିଅନ୍ତା ପୋଲିସ। ଅଭିଯୁକ୍ତ ମହେଶ କୁମାର ରାୟ ବାହାଦୁର ଅଟକ ହୋଇଥିବାବେଳେ, ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମଧ୍ୟ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ପରିବାର ଲୋକେ । ହତ୍ୟା ଘଟଣାରେ ଅଭିଯୁକ୍ତମାନଙ୍କୁ ୭ଦିନ ମଧ୍ୟରେ ଗିରଫ କରାଯିବାକୁ ପୋଲିସ ପକ୍ଷରୁ କୁହାଯାଇଛି।

## ନାବାଳକକୁ ହତ୍ୟାକଲା ନାବାଳକ

ବରଗଡ଼: ନାବାଳକକୁ ହତ୍ୟା କଲା ନାବାଳକ । ବରଗଡ଼ ବିଜେପୁର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ । କର୍ଣ୍ଣପା ଗାଁର ଜଣେ ସାତ ବର୍ଷର ଶିଶୁକୁ ୧୪ ବର୍ଷରେ ଜଣେ ନାବାଳକ ହତ୍ୟା କରିଥିବା ଅଭିଯୋଗ । ଗତ ୨୧ ତାରିଖ ଦିନ ଖାଇବା ପରେ ଖେଳିବା ପାଇଁ ଯାଇ ଘରକୁ ଫେରି ନ ଥିଲା ଆଶିଷ ଭୂଏ । ବହୁ ଖୋଜାଖୋଜି ପରେ ଆଶିଷ ନମିଳିବାରୁ ବାପା ରାଜିନ୍ଦ୍ର ବିଜେପୁର ଥାନାରେପୁଅ ନିଖୋଜ ଥିବା ରିପୋର୍ଟ ଲେଖାଇଥିଲେ । ଗତକାଲି ରାତିରେ ଗାଁ ପୋଖରୀ ହିଡ କଡ଼ରୁ ଆଶିଷଙ୍କ ମୃତଦେହ ଉଦ୍ଧାର କରାଯାଇଛି । ବିଜେପୁର ଥାନାକୁ ଖବର ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗାଁର ଜଣେ ୧୪ ବର୍ଷିୟ ନାବାଳକ ଓ ତାର ବାପା ମାଆଙ୍କୁ ଅଟକ ରଖି ପଚରା ଉଚରା କରୁଛି ପୋଲିସ।

## ଅଙ୍ଗନବାଡି କେନ୍ଦ୍ରରେ ଭୋଜିଭାତ ଓ ମଦ୍ୟପାନର ଆସର ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଭାପୁର(ନିପ୍ର): ଅଙ୍ଗନବାଡି କେନ୍ଦ୍ର ହେଉଛି କୁନିକୁନି ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବ୍ୟବସ୍ଥାର ମୂଳଦୁଆ। ଯଦି କେନ୍ଦ୍ର ମଧ୍ୟରେ ବାହାର ବ୍ୟକ୍ତିଙ୍କ ଅବାଧ ପ୍ରବେଶ ହୋଇ ଭୋଜିଭାତ ଏବଂ ମଦ୍ୟପାନର ଆସର ଜମେ ତେବେ କୁନିକୁନି ଛାତ୍ରଛାତ୍ରୀମାନେ କଣ ଶିକ୍ଷାଲାଭ କରିବେ ବୋଲି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସମନ୍ୱିତ ଶିଶୁବିକାଶ ବିଭାଗ ପ୍ରତି ବୁଦ୍ଧିଜୀବୀମାନେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଶିଶୁମାନଙ୍କ ପୋଷଣ, ସ୍ୱାସ୍ଥ୍ୟ ଓ ପ୍ରାକ ଶିକ୍ଷା ବ୍ୟବସ୍ଥା ସହିତ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଙ୍ଗନବାଡି କେନ୍ଦ୍ର। କିନ୍ତୁ ଭାପୁର ବ୍ଲକରେ ଏହାର ଓଲଟା ପ୍ରତିଫଳନ ଦେଖିବାକୁ ମିଳିଛି। ଭାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛପଟରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ର-୨। ଗତ ବୁଧବାର ଦିନବେଳା ଭାପୁର ଗ୍ରାମର କିଛି ଯୁବକମାନେ ସେହି ଅଙ୍ଗନବାଡ଼ି ଗୃହ ମଧ୍ୟରେ ଭୋଜିଭାତ ଏବଂ ମଦ୍ୟପାନର ଆସର ଜନସାଧାରଣଙ୍କ ଦୃଷ୍ଟିକୁ ଆସି ଏହାର ଫଟୋ ସୋସିଆଲ ମିଡ଼ିଆରେ ଘୂରି ବୁଲିଥିଲା। ଯାହାକୁ ନେଇ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇ ନୟାଗଡ଼ ଜିଲ୍ଲାପାଳ ଏବଂ ଭାପୁର ସିଡ଼ିପିଓଙ୍କ ନିକଟରେ ଏହାର ତଦନ୍ତ ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ଉଚିତ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଭାପୁର ଗ୍ରାମବାସୀ ଦାବି କରିଛନ୍ତି।

### ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ଘଟଣା

## ନାମ୍ଫୋ ଫାଣ୍ଡି ଅଧିକାରୀ ନିଲମ୍ବିତ: ଜଳେଶ୍ୱର ଆଇଆଇସିଙ୍କ ବଦଳି

ଜଳେଶ୍ୱର(ନିପ୍ର): ଜଣେ ନାବାଳିକାକୁ ଗୁପ୍‌ଚୁପ୍ ଖାଇବାକୁ ଡାକିନେଇ ବିଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ଗଣଦୁଷ୍କର୍ମ କରିବା ସହିତ ଏସିଡ ପକାଇ ଜଳାଇ ଦେଇଥିବା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ, ଝାଡପିମ୍ପଳ ଗାଁର ଅରୁଣ ଜେନା ୬ବର୍ଷ ପୂର୍ବେ ସୁଲତାନପୁର ନିକଟ ଜଳେଶ୍ୱର କପାସିଆ ରାସ୍ତା ପାର୍ଶ୍ୱରେ ଘର କରି ରହିଆସୁଥିଲେ । ତାଙ୍କର ୨ୟ କନ୍ୟା ଦୀପିକା ଜେନା (ଲକ୍ଷ୍ମୀ)(୧୫) ଦେବକୁମାର ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ଗତ ୧୮ ତାରିଖରୁ ନିଖୋଜ ଥିବାରୁ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିବା ସହିତ ନାମ୍ଫୋ ଫାଣ୍ଡିରେ ଲିଖିତ ଜଣାଇଥିଲେ । ସୁଲତାନପୁର ଗାଁର ଫୁଂଟିଆ ଜେନାଙ୍କ ପୁଅ କାହ୍ନୁ ଚରଣ ଜେନା ଅପହରଣ କରିଥିବା ନେଇ ପିତା ଅରୁଣ ଜେନା ଅଭିଯୋଗ କଲାପରେ ନାମ୍ଫୋ ପୁଲିସ୍ ଏତଲାକୁ ଦରଜ ନକରି କେବଳ ଅଭିଯୁକ୍ତକୁ ଡାକି ପଚରାଉଚରା କରି ଛାଡି ଦେଇଥିଲା । ତେବେ ଗତକାଲି ତାକୁ ଅଧିକ ପଚରାଉଚରା କଲାପରେ ମାରିଦେଇଥିବା ପୁଲିସ୍ ନିକଟରେ ସ୍ୱୀକାର କରିବା ପରେ ଶୋଳକଣ୍ଡା ଗାଁର ଚାଷଜମି ମଝିରେ ଥିବା ଘେରାପଦା ନିକଟକୁ ଯାଇ ମୃତ ଶରୀରକୁ ଦେଖାଇଥିଲା । ମୃତ ଶରରୀ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ପରିବାର ଲୋକ ଯୁବତୀର ଓଢଣୀ ଓ ଜୋତାଦେଖି ଚିହ୍ନଟ କରିଥିଲେ । ଘଟଣା ସଂପର୍କରେ ଜଣାଯିବା ପରେ ଶହ ଶହ ଲୋକ ରୁଣ୍ଡ ହେବା ସହିତ ଏଥିରେ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତକୁ ଗିରଫ ଦାବିରେ ଜଳେଶ୍ୱର-କପାସିଆ ରାସ୍ତାକୁ ଅବରୋଧ କରିଥିଲେ । ଦୁର୍ବୃତ୍ତମାନେ ମିଛ ବାହାନାରେ ଡାକିନେଇ ବିଲ ମଧ୍ୟରେ ଥିବା ପଦାରେ ଗଣଦୁଷ୍କର୍ମ କରିବା ସହିତ ପ୍ରମାଣ ହଟାଇବା ଲାଗି ଏସିଡ ପକାଇ ଜଳେଇ ଦେଇଥିବା କୁହାଯାଇଛି । ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ବାଲେଶ୍ୱର ଏସପି, ଜଳେଶ୍ୱର ଏସ୍‌ଡିପିଓ ସୁରେଶ ତ୍ରିପାଠୀ ସଦଳବଳେ ପହଂଚି ତଦନ୍ତ କରିବା ପରେ କାର୍ଯ୍ୟରେ ଅବହେଳା ପାଇଁ ନାମ୍ଫୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡିଙ୍କୁ ନିଲମ୍ବନ କରିଥିବା ବେଳେ ଜଳେଶ୍ୱର ଆଇଆଇସି ଅଶୋକ ବାରିକଙ୍କ ଅନ୍ୟତ୍ର ବଦଳି କରାଯାଇଛି। ଅଭିଯୁକ୍ତକୁ ଗିରଫ କରିବା ସହିତ ଘଟଣାରେ ଆଉ କିଏ ସମ୍ପୃକ୍ତ ସେ ସମ୍ପର୍କରେ ତଦନ୍ତ ଜାରି ରଖିଛି। ତେବେ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ନାବାଳିକାଙ୍କ ପରିବାର ସମେତ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।



### ନଳବଣ୍ଟାରେ ନାମକୁମାତ୍ର ପୋଲିସ ଚଢ଼ାଉ !

## ବେଆଇନ ବାଣ ଜବତ: ଜଣେ ଗିରଫ



ଆସିକା(ନିପ୍ର): ଗଞ୍ଜାମ ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଥାନା ପକ୍ଷରୁ ନଳବଣ୍ଟା ଗ୍ରାମରୁ ବେଆଇନ ବାଣ ଜବତ କରିବା ସହ ଜଣକୁ ପୋଲିସ ଗିରଫ କରିଛି। ପ୍ରକାଶ ଥାଉକି ଆସିକା ପୋଲିସର ପାଟ୍ରୋଲିଂ ସମୟରେ ନଳବଣ୍ଟା ଗ୍ରାମରେ ସୁରତ ପ୍ରଧାନ ନାମକ ଜଣେ ବ୍ୟକ୍ତି ବେଆଇନ ବାଣ ଗଚ୍ଛିତ ରଖିଥିବା ଖବର ପାଇ ଆସିକା ପୋଲିସ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ପୋଲିସ ସୁରତ ପ୍ରଧାନକୁ ଗିରଫ କରିଛି। ପୋଲିସ ଜବତ କରିଥିବା ବାଣର ଅନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ। ପ୍ରକାଶ ଥାଉକି ନିକଟରେ ସୁପ୍ରିମକୋର୍ଟ ସାରା ଭାରତ ବର୍ଷରେ କୌଣସି ସ୍ଥାନରେ ବେଆଇନ ବାଣ ପ୍ରସ୍ତୁତି କରିବା କିମ୍ବା ଫୁଟାଇବା ଉପରେ ସ୍ୱତନ୍ତ୍ର ଆଦେଶ ଦେଇଛନ୍ତି। ଏତିକିବେଳେ ଦୀର୍ଘ ବର୍ଷ ଧରି ନଳବଣ୍ଟା ଗ୍ରାମରେ ବେନିୟମ ଭବେ କୋଟି କୋଟି ଟଙ୍କାର ବାଣ ପ୍ରସ୍ତୁତି ହୋଇ ବିକ୍ରି କରାଯାଉଛି। ଏହି ବାଣ ତିଆରି ପାଇ ପଡୋଶୀ ଆନ୍ଧ୍ର ପ୍ରଦେଶ କଲିକତା ଓ ରାୟପୁରରୁ ବାଣ ତିଆରି ପାଇଁ ବିସ୍ଫୋରକ, ଗନ ପାଉଡର, ଲୁହା, କପର, ସିଲଭର, କଲର, କେମିକଲ, ପଟାସ, କ୍ଷାର ଆଣି ଜନବସତି ଅଞ୍ଚଳ ମଧ୍ୟରେ ଲୁଚାଇ ରଖି ପ୍ରତିଦିନ ନଳବଣ୍ଟାର ବିଭିନ୍ନ ସାହିରେ ଘରେ ଘରେ ବହୁ ପରିବାରକୁ ନିୟୋଜିତ କରି ବାଣ ତିଆରି କରୁଛନ୍ତି। ନିକଟରେ ଦୀପାବଳି ଥିବା ଯୋଗୁଁ ଏହି ଗ୍ରାମରୁ ଜିଲ୍ଲା ତଥା ଜିଲ୍ଲା ବାହାରକୁ ପ୍ରତିଦିନ ଗାଡି ଗାଡି ଅବାଧରେ ବାଣ ବିକ୍ରି ହେବାକୁ ଯାଉଛି। କିଛି ମାସ ତଳେ ବୌଦ୍ଧ ଜିଲ୍ଲାର ଜିଆଁକଟା ବେନିୟମ ବାଣ ବିସ୍ଫୋରଣରେ ମୃତ୍ୟୁ ଘଟିବା ପରେ ପ୍ରଶାସନର ଚେତା ପଶିଥିଲା। ଏହାକୁ ଭିତ୍ତିକରି ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ, ଛତ୍ରପୁର, ପାତ୍ରପୁର, ଦିଗପହଣ୍ଡି, ଆଙ୍କୁଶପୁର ଆଦି ଅଞ୍ଚଳରେ ରାତାରାତି ନାମକୁ ମାତ୍ର ପୋଲିସ ବାଣ ଜବତ କରି ବାହାବା ନେଉଥିବା ବେଳେ ଅନୁରୂପ ବହୁ ବିଳମ୍ବରେ ଆସିକା ପୋଲିସ ନାମକୁ ମାତ୍ର ବାଣ ଧରି ତାର କାର୍ଯ୍ୟ ସାରିଦେଇଛି। ଚଳିତ ବର୍ଷ ପୋଲିସ ପ୍ରାୟ ତିନିରୁ ଚାରି ଥର ବାଣ ଜବତ କଲାଣି କିନ୍ତୁ ବେଆଇନ ବାଣ ନିର୍ମାଣ ବନ୍ଦ ପରିବର୍ତ୍ତେ ଆହୁରି ବଢିଛି। ଆଜିକାର ଏହି ଜବତରୁ ଅନୁମାନ ଯେ ଯଦି ଗୋଟିଏ ବ୍ୟବସାୟୀଠାରୁ ପୋଲିସ ଏତେ ପରିମାଣର ବାଣ ଜବତ କରିଛି, ତେବେ କେତେ ହଜାର କୋଟିର ବାଣ ଆସିକା ନଳବଣ୍ଟାରେ ଗଚ୍ଛିତ ଅଛି ? ବର୍ଷ ତମାମ ଲକ୍ଷ ଲକ୍ଷ ଟଙ୍କାର ବେନିୟମ ବାଣ ତିଆରି ବେଳେ ଅନେକ ଥର ବାଣ ବିସ୍ଫୋରଣ ହୋଇ ୨୨ ଲୋକଙ୍କ ମୃତ୍ୟୁ ହୋଇ ଘରପୋଡି ଜୀବଜନ୍ତୁ ମୃତ୍ୟୁ ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ପୋଲିସର ଅହେତୁକ ଅନୁକମ୍ପା ଯୋଗୁଁ ଗାଁରେ ବେନିୟମ ବାଣ କାରଖାନା ଚାଲିଥିବା ଅଭିଯୋଗ ହେଉଛି ।

## ଅବକାରୀ ଚଢ଼ାଉ: ଦେଶୀମଦ ସହ ପୋଚ ନଷ୍ଟ, ୨ ମାମଲା ରୁଜୁ

ଆଠଗଡ଼(ନିପ୍ର): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଳୁଅ, ଖଣ୍ଡୁଆଳି, ହାତୀ ତୋପ, ମଠନାଳ, ବାଉଁଶ ଟାଙ୍ଗୋର, ସରସ୍ୱତୀପୁର, ବନିଆବନ୍ଧ ଓ କଂସର ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ଥାନା, ସାଲେପୁର ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢାଉରେ ସର୍ବମୋଟ ୯୪୦ ଲିଟର ଦେଶୀମଦ ସହ ୧୩୧୦୦ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ୨ ଗୋଟି ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପତି ଓ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଅବକାରୀ ଉପ ନିରୀକ୍ଷକ ତରୁଣ କୁମାର ପାତ୍ର, ସାଲେପୁର ଅବକାରୀ ଉପ ନିରୀକ୍ଷକ ଜ୍ୟୋତିର୍ମୟୀ ଦାସ, ବାଙ୍କୀ ଅବକାରୀ ସହ ଉପ ନିରୀକ୍ଷକ ପ୍ରଦୀପ କୁମାର ଦଳାଇ, ନରସିଂହପୁର ଅବକାରୀ ସହ ଉପ ନିରୀକ୍ଷକ ସରୋଜ କୁମାର ସାହୁ ଓ ଖୁଣ୍ଟୁଣୀ ବନବିଭାଗ ସମେତ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ। ବାରମ୍ବାର ଚଢାଉ କରୁଛି ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଏବଂ ଅଧିକାଂଶ ଚଢାଉରେ କେହି ଗିରଫ ନହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

